
# ଜୈବ ବିବିଧତା ଅଧିନିୟମ - ୨୦୦୨
# ଏବଂ
# ଜୈବ ବିବିଧତା ନିୟମାବଳୀ







ODISHA BIODIVERSITY BOARD

ଓଡ଼ିଶା ଜୈବ ବିବିଧତା ବୋର୍ଡ଼

ଭୁବନେଶ୍ୱର

# ଜୈବ ବିବିଧତା ଅଧିନିୟମ, ୨୦୦୨
# ଜୈବ ବିବିଧତା ନିୟମାବଳୀ, ୨୦୦୪
# ଓଡ଼ିଶା ଜୈବ ବିବିଧତା ନିୟମାବଳୀ, ୨୦୧୨

# ଓଡ଼ିଶା ଜୈବ ବିବିଧତା ବୋର୍ଡ଼

ଏହି ପ୍ରକାଶନରେ ଭାରତ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଜୈବ ବିବିଧତା ଅଧିନିୟମ ୨୦୦୨, ଜୈବ ବିବିଧତା ନିୟମାବଳୀ ୨୦୦୪ ଏବଂ ଓଡ଼ିଶା ସରକାରଙ୍କ ଦ୍ୱାରା ଓଡ଼ିଶା ଜୈବ ବିବିଧତା ନିୟମାବଳୀ ୨୦୧୨ ରହିଛି ।

Disclaimer : This odia translation of the Biological Diversity Act and Rules is for the purpose of awareness only. For legal and official purposes the act and rules as notified by Government of India and Odisha Government may be referred.

ଗ୍ରନ୍ଥସ୍ୱତ୍ୱ : ଏହି ଓଡ଼ିଆ ସଂସ୍କରଣ ଜୈବ ବିବିଧତା ଅଧିନିୟମ ଏବଂ ନିୟମାବଳୀ ଉଦ୍ଦେଶ୍ୟରେ କେବଳ ଜାଗୃତୀକରଣ କରିବା ପାଇଁ ବ୍ୟବହାର କରାଯାଇ ପାରିବ । କାନୁନି ଓ ଦପ୍ତରୀ ଉଦ୍ଦେଶ୍ୟରେ ଅଧିନିୟମାବଳୀ ଭାରତ ସରକାର ଏବଂ ଓଡ଼ିଶା ସରକାରଙ୍କ ଦ୍ୱାରା ଅଧିସୂଚୀତ କରାଯାଇଛି ।

**ସଦସ୍ୟ ସଚିବ**
**ଓଡ଼ିଶା ଜୈବ ବିବିଧତା ବୋର୍ଡ଼**
ଆଞ୍ଚଳିକ ଉଦ୍ଭିଦ ସଂପଦ କେନ୍ଦ୍ର ପରିସର
ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ମୁଦ୍ରଣ:**
**ଜ୍ୟୋତି ଗ୍ରାଫିକ୍ସ**
୭୦୧, ସହିଦ ନଗର, ଭୁବନେଶ୍ୱର
ଫୋନ୍ : ୦୬୭୪-୨୫୪୪୨୦୯

ମେ, ୨୦୧୫

**ସହାୟତା : ରାଷ୍ଟ୍ରୀୟ ଜୈବ ବିବିଧତା ପ୍ରାଧିକରଣ, ଭାରତ ସରକାର**



**ଶ୍ରୀ ଉପେନ୍ଦ୍ର ନାଥ ବେହେରା,** ଭା.ପ୍ର.ସେ.
ଉନ୍ନୟନ କମିଶନର ଏବଂ
ଅତିରିକ୍ତ ପ୍ରମୁଖ ଶାସନ ସଚିବ,
ଜଙ୍ଗଲ ଓ ପରିବେଶ ବିଭାଗ ଏବଂ
ଅଧକ୍ଷ, ଓଡିଶା ଜୈବ ବିବିଧତା ବୋର୍ଡ
ଓଡିଶା ସରକାର

# ମୁଖବନ୍ଧ

ବିଶ୍ୱରେ ମାନବସମାଜ ତିଷ୍ଠିରହିବା ନିମନ୍ତେ ଜୈବ ବିବିଧତାର ଆବଶ୍ୟକତା ଅପରିହାର୍ଯ୍ୟ। ଅଳ୍ପ କେତେକ ଘଟଣାକୁ ବାଦ୍ ଦେଲେ, ଜନସଚେତନତା ଓ ଜୀବନଶୈଳୀରେ ବୁଝାମଣାର ଘୋର ଅଭାବ ଯୋଗୁଁ ହିଁ ଜୈବ ସମ୍ପଦର ଦ୍ରୁତ ଅବକ୍ଷୟ ଘଟୁଛି। ସମଗ୍ର ବିଶ୍ୱ ସ୍ତରରେ ଏହି ପରିସ୍ଥିତିକୁ ଏଡ଼ାଇବା ପାଇଁ "ଜୈବ ବିବିଧତା" ବିଶ୍ୱ ସମ୍ମିଳନୀରେ ଏହା ଉପସ୍ଥାପନ କରାଯାଇଥିଲା। ଜୈବ ବିବିଧତା ସଂରକ୍ଷଣ, ସମ୍ପଦର ଦୀର୍ଘସ୍ଥାୟୀ ବ୍ୟବହାର ଏବଂ ଉତ୍ପନ୍ନ ଲାଭର ସମତାପୂର୍ଣ୍ଣ ଅଂଶ ବଣ୍ଟନ ଏହି ତିନି ଗୋଟି ମୁଖ୍ୟ ବିଷୟ ଉପରେ ଗୁରୁତ୍ୱରୋପ କରାଯାଇଥିଲା, ଏହି ମୂଳ ଲକ୍ଷ୍ୟଗୁଡ଼ିକର ବ୍ୟବହାରିକ ରୂପାନ୍ତର କରିବା ପାଇଁ ଜୈବ ବିବିଧତା ଅଧିନିୟମ,୨୦୦୨ ଓ ନିୟମକୁ ସୂତ୍ରିତ କରାଗଲା। ଯଦିଓ ଅଧିନିୟମ ଓ ନିୟମସବୁ ଯଥାବିଧି ରହିଛି କିନ୍ତୁ ଆଶାନୁରୂପକ ସଫଳତା ହାସଲ ଉଦ୍ଦେଶ୍ୟରେ ଏହା ପ୍ରଥମ ପ୍ରୟାସ ମାତ୍ର। ବର୍ତ୍ତମାନ ପରିପ୍ରେକ୍ଷୀରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଲା-ପ୍ରଚଳିତ ଆଇନଗତ ବ୍ୟବସ୍ଥା ବିଷୟରେ ଜନସଚେତନତା ସୃଷ୍ଟି ଏବଂ ଜନସାଧାରଣଙ୍କର ଭୂମିକା ଓ ସେମାନଙ୍କ ଉପରେ ନ୍ୟସ୍ତ ହୋଇଥିବା ଦାୟିତ୍ୱର ପରିଚାଳନା ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ। ଓଡ଼ିଶା ଜୈବ ବିବିଧତା ବୋର୍ଡ଼, ଏହି ଆଇନଗତ ବ୍ୟବସ୍ଥାକୁ ଓଡ଼ିଆରେ ଅନୁବାଦ କରି ଏହାକୁ ସମାଜର ସବୁବର୍ଗର ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ଉଦ୍ୟମ କରିଛନ୍ତି।

ମୁଁ ଆଶା କରେ, ଓଡ଼ିଶା ଜୈବ ବିବିଧତା ବୋର୍ଡ଼ର ଏହି ପଦକ୍ଷେପଟି ଅତ୍ୟନ୍ତ ସୁଦୂରପ୍ରସାରୀ ହେବା ସଙ୍ଗେ ସଙ୍ଗେ ବହୁଳ ମାତ୍ରାରେ ଜନସଚେତନତା ସୃଷ୍ଟି କରିବ ଯାହାକି ଜୈବ ବିବିଧତା ସଂରକ୍ଷଣ ସାମର୍ଥ୍ୟତା ବୃଦ୍ଧି ତଥା ଜୈବ ବିବିଧତା ନିୟମର ସଫଳ କାର୍ଯ୍ୟାନ୍ୱୟନରେ ସହାୟକ ହେବ।

ଅଧକ୍ଷ
ଓଡ଼ିଶା ଜୈବ ବିବିଧତା ବୋର୍ଡ଼
ଭୁବନେଶ୍ୱର



**ଶ୍ରୀ ଶଶୀ ପାଲ୍, ଭା.ବ.ସେ.**
ସଦସ୍ୟ ସଚିବ, ଓଡିଶା ଜୈବ ବିବିଧତା ବୋର୍ଡ
ଏବଂ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ,
ଆଞ୍ଚଳିକ ଉଦ୍ଭିଦ ସଂପଦ କେନ୍ଦ୍ର,
ଓଡିଶା ସରକାର

# ଉପକ୍ରମ

ଜୈବ ବିବିଧତା ଅଧିନିୟମ, ୨୦୦୨ ଓ ଜୈବ ବିବିଧତା ନିୟମ, ୨୦୦୪ କୁ ପ୍ରଥମେ ଭାରତ ସରକାର ପ୍ରଣୟନ କରିଥିଲେ। ଏହି ନିୟମକୁ ଓଡ଼ିଶା ସରକାର ୨୦୧୨ ମସିହାରେ ସ୍ୱୀକୃତି ପ୍ରଦାନ କରିଛନ୍ତି। ଏହି ସମସ୍ତ ବିଧି ପ୍ରଣୟନର ମୂଳଲକ୍ଷ୍ୟ ହେଲା –ଜୈବ ବିବିଧତାର ସଂରକ୍ଷଣ, ଏହାର ଦୀର୍ଘସ୍ଥାୟୀ ଉପଯୋଗ ଓ ଜୈବ ସଂପଦର ଉପଯୋଗ ଦ୍ୱାରା ଲାଭର ସମତାପୂର୍ଣ୍ଣ ଅଂଶ ବଣ୍ଟନ । ଏହିସବୁ ଲକ୍ଷ୍ୟ ହାସଲ ଉଦ୍ଦେଶ୍ୟ ରେ ସ୍ଥାନୀୟ ଗୋଷ୍ଠୀମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରାଯାଇଛି। ଏତଦ୍ ବ୍ୟତୀତ ସମସ୍ତ କର୍ମଚାରୀ ଓ କ୍ଷେତ୍ରୀୟ କାର୍ଯ୍ୟ କରୁଥିବା ମୁଖ୍ୟ ବିଭାଗ ଗୁଡ଼ିକ ଯଥା:- କୃଷି, ମତ୍ସ୍ୟ, ପଶୁପାଳନ ଓ ଜଙ୍ଗଲ ବିଭାଗର ମିଳିତ ଉଦ୍ୟମରେ ଅଧିନିୟମର ବିନିଯୋଗ ନିମନ୍ତେ ସମସ୍ତଙ୍କର ସହଯୋଗ ନିତ୍ୟାନ୍ତ ଜରୁରୀ ଅଟେ। ଯଦିଓ ଜୈବ ବିବିଧତା ଅଧିନିୟମ ପ୍ରଣୟନ ୧୦ ବର୍ଷରୁ ଉର୍ଦ୍ଧ୍ୱ ହେଲାଣି ତଥାପି ଉଦ୍ୟୋଗୀମାନଙ୍କୁ ବିଭିନ୍ନ ସ୍ତରରେ ଜୈବ ବିବିଧତାର ବିଭିନ୍ନ ଦିଗ ଉପରେ ଆଶାନୁରୂପ ସଚେତନତା ସୃଷ୍ଟି କରାଯାଇପାରି ନାହିଁ। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ଜୈବ ବିବିଧତା ବୋର୍ଡ଼ (OBB) ଅଧିନିୟମର ବ୍ୟବସ୍ଥାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ସହ ଏକ ସଂପର୍କର ସେତୁ ସ୍ଥାପନ ପାଇଁ ଏହି ପତ୍ରିକାଟି ପ୍ରକାଶ କରିଛନ୍ତି। ଏହି ପତ୍ରିକାଟି ଓଡ଼ିଆ ଭାଷାରେ ସଂକଳନ କରାଯାଇ ଜୈବ ବିବିଧତା ଅଧିନିୟମ ଓ ନିୟମର ବିସ୍ତୃତ ବିବରଣୀ ସ୍ଥାନ ଯାହାକି ସର୍ବସାଧାରଣ ସହଜରେ ହୃଦୟଙ୍ଗମ କରି ପାରିବେ।

ଏହି ଅନୁବାଦ ପତ୍ରିକାଟି ଜନସଚେତନତା ସୃଷ୍ଟି କରିବା ନିମନ୍ତେ ଉଦ୍ଦିଷ୍ଟ। ଏହାକୁ କୌଣସି ପ୍ରକାର ଆଇନଗତ ଓ ଅନ୍ୟାନ ସରକାରୀ କାର୍ଯ୍ୟରେ ବ୍ୟବହାର କରାଯାଇ ପାରିବ ନାହିଁ। ଆଇନଗତ ଓ ସରକାରୀ କାର୍ଯ୍ୟରେ ସରକାରଙ୍କ ଦ୍ୱାରା ପ୍ରଣିତ ଅଧିନିୟମ ଓ ନିୟମାବଳୀ ସମ୍ବନ୍ଧୀୟ ଇଂରାଜୀ (Gazettes) କୁ ଅନୁଧ୍ୟାନ କରିପାରିବେ।

ମୁଁ ଆଶା କରେ ଓଡ଼ିଶା ଜୈବ ବିବିଧତା ବୋର୍ଡ଼ର ଏହି ସ୍ୱଚ୍ଛ ପ୍ରୟାସଟି ଜନସଚେତନତା ସୃଷ୍ଟି କରିବା ସହ ଜୈବ ବିବିଧତା ଅଧିନିୟମ ଓ ନିୟମ ସହ ସଂପୃକ୍ତ ଗୋଷ୍ଠୀ, ଅନୁଷ୍ଠାନଙ୍କୁ ଉପଯୁକ୍ତ ଭାବେ କାର୍ଯ୍ୟକରିବା ପାଇଁ ସହାୟକ ହୋଇପାରିବ।

ସଦସ୍ୟ ସଚିବ
ଓଡ଼ିଶା ଜୈବ ବିବିଧତା ବୋର୍ଡ଼
ଭୁବନେଶ୍ୱର

# ଜୈବ ବିବିଧତା
# ଅଧିନିୟମ, ୨୦୦୨

# ଭାରତର ରାଜପତ୍ର (ଗେଜେଟ୍)

**ଭାଗ ୨-ବିଭାଗ ୧**

## ପ୍ରାଧିକରଣ ଦ୍ୱାରା ପ୍ରକାଶିତ

ନୂଆଦିଲ୍ଲୀ, ବୁଧବାର, ଫେବ୍ରୁଆରି ୫, ୨୦୦୩, ମାଘ ୧୬, ୧୯୨୪

ଏହି ଅଂଶକୁ ଏକ ପୃଥକ ପୃଷ୍ଠାରେ ଦିଆଯାଇଛି ଯାହାଫଳରେ ଏହାକୁ ପୃଥକ ସଂକଳନ ଭାବରେ ନଥିରେ ରଖାଯାଇପାରିବ।

**ଆଇନ ଏବଂ ନ୍ୟାୟ ମନ୍ତ୍ରାଳୟ**

**(ବିଧାନ ବିଭାଗ)**

ନୂଆଦିଲ୍ଲୀ, ୫ ଫେବ୍ରୁଆରି ୨୦୦୩/ମାଘ ୧୬, ୧୯୨୪ (ସକ)

ସଂସଦର ନିମ୍ନ ଅଧିନିୟମଟି ୫ ଫେବ୍ରୁଆରି ୨୦୦୩ରେ ରାଷ୍ଟ୍ରପତିଙ୍କର ଅନୁମୋଦନ ଲାଭ କଲାପରେ ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଏତଦ୍ଦ୍ୱାରା ପ୍ରକାଶ କରାଯାଇଛି।

**ଜୈବ ବିବିଧତା ଅଧିନିୟମ, ୨୦୦୨**

**୨୦୦୩ର ସଂଖ୍ୟା ୧୮**

(୫ ଫେବ୍ରୁଆରି ୨୦୦୩)

ଜୈବ ବିବିଧତାର ସଂରକ୍ଷଣ, ଏହାର ଉପାଙ୍ଗଗୁଡ଼ିକର ଧାରାବାହିକ ବ୍ୟବହାର ଏବଂ ଜୈବ ସଂପଦ, ଜ୍ଞାନ କୌଶଳ ଏବଂ ସତ୍‌ସଂପର୍କିତ କିମ୍ବା ଆନୁଷଙ୍ଗିକ ବିଷୟର ବ୍ୟବହାରରୁ ମିଳୁଥିବା ସୁବିଧାଗୁଡ଼ିକର ସୁଷମ ବଣ୍ଟନ ପାଇଁ ଏକ ଅଧିନିୟମ।

ଯେହେତୁ ଭାରତ ଜୈବ ବିବିଧତା ଏବଂ ତାହା ସହିତ ସଂପୃକ୍ତ ପାରମ୍ପରିକ ଏବଂ ସମସାମୟିକ ଜ୍ଞାନକୌଶଳର ବ୍ୟବସ୍ଥା ଦ୍ୱାରା ସମୃଦ୍ଧ

ଏବଂ ଯେହେତୁ ଜୁନ୍ ୫, ୧୯୯୨ରେ ରିଓ ଡି ଜେନେତରାଠାରେ ସ୍ୱାକ୍ଷରିତ ଜାତିସଂଘର ଜୈବ ବିବିଧତା ସମ୍ମିଳନୀରେ ଭାରତ ଏକ ପକ୍ଷ; ଏବଂ ଯେହେତୁ କଥିତ ଆନ୍ତରାଜ୍ୟ ଚୁକ୍ତି ୨୯ ଡିସେମ୍ବର, ୧୯୯୩ରୁ କାର୍ଯ୍ୟକାରୀ ହେଉଛି;

ଏବଂ ଯେହେତୁ ନିଜ ନିଜର ଜୈବ ସଂପଦ ଉପରେ ରାଜ୍ୟମାନଙ୍କର ସାର୍ବଭୌମ ଅଧିକାର ରହିଛି ବୋଲି କଥିତ ଆନ୍ତରାଜ୍ୟ ଚୁକ୍ତି ଦ୍ୱାରା ଦୃଢ଼ ନିଶ୍ଚିତ କରାଯାଇଛି;

ଏବଂ ଯେହେତୁ ଜୈବ ବିବିଧତାର ସଂରକ୍ଷଣ, ଏହାର ଉପାଂଶଗୁଡ଼ିକର ଧାରାବାହିକ ଉପଯୋଗ ଏବଂ ଆନୁବଂଶିକ ସଂପଦଗୁଡ଼ିକର ବ୍ୟବହାରରୁ ମିଳୁଥିବା ସୁବିଧାଗୁଡ଼ିକର ସୁଷମ ବଣ୍ଟନ ହେଉଛି କଥିତ ଆନ୍ତରାଜ୍ୟ ଚୁକ୍ତିର ମୁଖ୍ୟ ଉଦ୍ଦେଶ୍ୟ;

ଏବଂ ଯେହେତୁ ଜୈବ ବିବିଧତାର ସଂରକ୍ଷଣ, ତାହାର ଧାରାବାହିକ ଉପଯୋଗ ଏବଂ ଆନୁବଂଶିକ ସଂପଦଗୁଡ଼ିକର ବ୍ୟବହାରରୁ ମିଳୁଥିବା ସୁବିଧାଗୁଡ଼ିକର ଯଥାଯୋଗ୍ୟ ବଣ୍ଟନ ଆଦି ପ୍ରତି ଉପଯୁକ୍ତ ଦୃଷ୍ଟି ଦେବା ଏବଂ କଥିତ ଆନ୍ତରାଜ୍ୟ ଚୁକ୍ତିକୁ ମଧ୍ୟ କାର୍ଯ୍ୟକାରୀ କରିବା ଆବଶ୍ୟକ ବୋଲି ବିଚାର କରାଯାଉଛି।

ଭାରତ ଗଣରାଜ୍ୟର ତେପନତମ ବର୍ଷରେ ଏହା ସାଂସଦ ଦ୍ୱାରା ନିମ୍ନମତେ ଅଧିନିୟମିତ ହେଉ:

## ଅଧ୍ୟାୟ-୧
# ପ୍ରାରମ୍ଭିକ

**ସଂକ୍ଷିପ୍ତ ନାମ ବିସ୍ତାର ଏବଂ ପ୍ରାରମ୍ଭ**

**୧.** (୧) ଏହି ଅଧିନିୟମଟି ଜୈବ ବିବିଧତା ଅଧିନିୟମ, ୨୦୦୨ ନାମରେ ଅଭିହିତ ହେବ

(୨) ସାରା ଭାରତରେ ଏହା କାର୍ଯ୍ୟକାରୀ ହେବ

(୩) ସରକାରୀ ଗେଜେଟ୍‌ରେ ଅଧିସୂଚନା ଜାରିକରି କେନ୍ଦ୍ର ସରକାର, ଯେଉଁ ତାରିଖ ସ୍ଥିର କରିବେ ଏହା ସେହିଦିନଠାରୁ ବଳବତ୍ତର ହେବ :

ପରନ୍ତୁ ଏହି ଅଧିନିୟମର ଅଲଗା ଅଲଗା ବ୍ୟବସ୍ଥା ପାଇଁ ଅଲଗା ଅଲଗା ତାରିଖ ନିର୍ଦ୍ଦିଷ୍ଟ କରାଯାଇପାରେ ଏବଂ ଏହି ଅଧିନିୟମର କାର୍ଯ୍ୟାରମ୍ଭ ସଂପର୍କିତ ସେହି କୌଣସି ବ୍ୟବସ୍ଥାରେ ଥିବା କୌଣସି ପ୍ରସଙ୍ଗ ସେହି ବ୍ୟବସ୍ଥା କାର୍ଯ୍ୟକାରୀ ହେବା ସହିତ ସଂପର୍କିତ ଏକ ପ୍ରସଙ୍ଗ ଭାବରେ ଅର୍ଥ କରାଯିବ।

**ସଂଜ୍ଞା**

**୨.** ପୂର୍ବାପର ପ୍ରସଙ୍ଗ ଦ୍ୱାରା ଯଦି ଅନ୍ୟଥା ଆବଶ୍ୟକ ହେଉ ନଥାଏ ତା'ହେଲେ ଏହି ଅଧିନିୟମରେ-

(କ) ଜୈବ ସଂପଦ ଏବଂ ସେଗୁଡ଼ିକର ଉପଜାତ ଦ୍ରବ୍ୟଗୁଡ଼ିକର ସଂରକ୍ଷକ, ସେହିସବୁ ଜୈବ ସଂପଦାବଳୀ, ଅଭିନବ ଉପାୟ ଏବଂ ସେସବୁ ଉପଯୋଗ ଓ ପ୍ରୟୋଗ ସହିତ ସଂପୃକ୍ତ ପ୍ରଥାଗୁଡ଼ିକ ସଂପର୍କୀୟ ଜ୍ଞାନ କୌଶଳ ଓ ତଥ୍ୟାବଳୀର ସୃଷ୍ଟିକର୍ତ୍ତା ଏବଂ ଧାରକମାନଙ୍କୁ 'ସୁବିଧାର ଦାବିଦାର' ବୋଲି ବୁଝିବାକୁ ହେବ;

(ଖ) ସମସ୍ତ ପ୍ରକାର ଜୀବିତ ଜୀବମାନଙ୍କ ମଧ୍ୟରେ ଥିବା ଅସୁମାରି ବିଭିନ୍ନତା ଏବଂ ସେସବୁ ଜୀବକୁଳକୁ ସମ୍ଭାଳି ଧରିଥିବା ତଥା ବିଭିନ୍ନ ପ୍ରଜାତି ଭିତରେ ବା ପ୍ରଜାତି ପ୍ରଜାତି ମଧ୍ୟରେ ରହିଥିବା ବିବିଧତା ଓ ପର୍ଯ୍ୟାବରଣକୁ ଅନ୍ତର୍ଭୁକ୍ତ କରି ରଖିଥିବା ପରିବେଶଗତ ବିପୁଳ ବହୁବିବିଧତାକୁ 'ଜୈବ ବିବିଧତା' ବୋଲି ବୁଝିବାକୁ ହେବ।

(ଗ) ଉଦ୍ଭିଦ, ପ୍ରାଣୀକୁଳ ଓ ଅଣୁଜୀବ ବା ସେଗୁଡ଼ିକର ବିଭିନ୍ନ ଅଂଶ, ମାନବୀୟ ଆନୁବଂଶିକ ପଦାର୍ଥକୁ ଅନ୍ତର୍ଭୁକ୍ତ ନକରି ପ୍ରକୃତ ବା ସମ୍ଭାବ୍ୟ ଉପଯୋଗ ବା ଉପଯୋଗିତା ରହିଥିବା (ମୂଲ୍ୟ ଆରୋପିତ ପଦାର୍ଥଗୁଡ଼ିକୁ ଛାଡ଼ି) ସେମାନଙ୍କର ଆନୁବଂଶିକ ପଦାର୍ଥ ଓ ଉପଜାତ ଦ୍ରବ୍ୟଗୁଡ଼ିକୁ 'ଜୈବ ସଂପଦ' ବୋଲି ବୁଝିବାକୁ ହେବ।

(ଘ) ଅର୍ଥ କୌଣସି ଉଦ୍ଦେଶ୍ୟରେ ବିଭିନ୍ନ ପ୍ରଜାତି, ଉପଜାତି, ଅନୁବଂଶ, ଜୈବ ସଂପଦର ଉପାଂଶ ଓ ନିର୍ଯ୍ୟାସର ସର୍ବେକ୍ଷଣ ବା ସଂଗ୍ରହକୁ 'ଜୈବ ସର୍ବେକ୍ଷଣ ଏବଂ ଜୈବ ଉପଯୋଗ' ବୋଲି ବୁଝିବାକୁ ହେବ। ଏଥିରେ ଗୁଣବୈଶିଷ୍ଟ୍ୟର ଚିତ୍ରଣ, ଦ୍ରବ୍ୟାଦିର ତାଲିକା ପ୍ରସ୍ତୁତି ଏବଂ ଜୈବ ପରଖ ମଧ୍ୟ ଅନ୍ତର୍ଭୁକ୍ତ।

(ଙ) ଯେଉଁ ବ୍ୟକ୍ତି ଜାତୀୟ ଜୈବ ବିବିଧତା ପ୍ରାଧିକରଣର ଅଧ୍ୟକ୍ଷ ଥିବେ ବା ଯଥାସ୍ଥିତି, ରାଜ୍ୟ ଜୈବ ବିବିଧତା ବୋର୍ଡର ଅଧ୍ୟକ୍ଷ ହୋଇଥିବେ ତାଙ୍କୁ 'ଅଧ୍ୟକ୍ଷ' ବୋଲି କୁହାଯିବ।

(ଚ) ବ୍ୟବସାୟ ବାଣିଜ୍ୟ ଉଦ୍ଦେଶ୍ୟରେ ଔଷଧ, ଶିଳ୍ପ ସମ୍ବନ୍ଧୀୟ, ଏନ୍‌ୟଜାଇମ୍, ଖାଦ୍ୟ ସ୍ୱାଦ, ମହକ, ପ୍ରସାଧନ ସାମଗ୍ରୀ, ଅବଦ୍ରବ (emulsitiers), obeoresins, ରଙ୍ଗ, ନିର୍ଯାସ ଏବଂ ଆନୁବଂଶୀୟ ପରିପ୍ରୟୋଗ ଦ୍ୱାରା ଫସଲ ଏବଂ ପଶୁଧନର ଉନ୍ନତି ପାଇଁ ବ୍ୟବହୃତ ହେଉଥିବା ଅନୁବଂଶ ପ୍ରଭୃତି ଜୈବ ସଂପଦର ଅନ୍ତିମ ବ୍ୟବହାରଗୁଡ଼ିକୁ ବ୍ୟାବସାୟିକ ବ୍ୟବହାର' ବୋଲି ବୁଝିବାକୁ ହେବ। ମାତ୍ର ଏଥିରେ ପରମ୍ପରାଗତ ବଂଶବୃଦ୍ଧି ବା ପ୍ରଥା ପ୍ରଚଳିତ, ଗୋପାଳନ, ପଶୁପାଳନ ବା ମହୁଚାଷ ଆଦି ଅନ୍ତର୍ଭୁକ୍ତ ନୁହେଁ।

(ଛ) ଧାରା ବିଭାଗ ୨୧ ଅନୁସାରେ ଜାତୀୟ ଜୈବ ବିବିଧତା ପ୍ରାଧିକରଣ ଦ୍ୱାରା ସ୍ଥିର କରାଯାଇଥିବା ସୁବିଧା ବଣ୍ଟନ ପ୍ରକ୍ରିୟାକୁ 'ଉତ୍ତମ ଓ ଯଥାଯୋଗ୍ୟ ସୁବିଧା ବଣ୍ଟନ' ବୋଲି ବୁଝିବାକୁ ହେବ।

(ଜ) ସମ୍ବିଧାନର ଅନୁଚ୍ଛେଦ ୨୪୩ 'ଖ'ର ଦଫା (୧) ଏବଂ ଅନୁଚ୍ଛେଦ ୨୪୩ 'ଥ'ର ଦଫା (୧)ରେ ଥିବା ଅର୍ଥ ମୁତାବକ ପଞ୍ଚାୟତ ବା ନଗରପାଳିକା, ଯେଉଁ ନାମରେ ସମ୍ବୋଧିତ କରାଯାଉ ନା କାହିଁକି, ତାହାକୁ ଏବଂ କୌଣସି ପଞ୍ଚାୟତ ବା ନଗରପାଳିକା ନଥିଲେ ସେପରି ସ୍ଥଳେ ସମ୍ବିଧାନର ଅନ୍ୟ କୌଣସି ବ୍ୟବସ୍ଥା ବା କୌଣସି କେନ୍ଦ୍ରୀୟ ଅଧିନିୟମ ବା ରାଜ୍ୟ ଆଇନ ବଳରେ ଗଠିତ ହୋଇଥିବା ସ୍ୱୟଂଶାସିତ ସଂସ୍ଥାଗୁଡ଼ିକୁ 'ସ୍ଥାନୀୟ ସଂସ୍ଥା' ବୋଲି ବୁଝିବାକୁ ହେବ;

(ଝ) ଜାତୀୟ ଜୈବ ବିବିଧତା ପ୍ରାଧିକରଣ କିମ୍ବା ଏକ ରାଜ୍ୟ ଜୈବ ବିବିଧତା ବୋର୍ଡର କୌଣସି ସଭ୍ୟ ଏବଂ ଅଧ୍ୟକ୍ଷଙ୍କୁ ମଧ୍ୟ 'ସଭ୍ୟ' ଅର୍ଥରେ ବୁଝିବାକୁ ହେବ;

(ଞ) ଧାରା ୮ ଅନୁସାରେ ପ୍ରତିଷ୍ଠା କରାଯାଇଥିବା ଜାତୀୟ ଜୈବ ବିବିଧତା ପ୍ରାଧିକରଣକୁ 'ଜାତୀୟ ଜୈବ ବିବିଧତା ପ୍ରାଧିକରଣ' ଅର୍ଥରେ ବୁଝିବାକୁ ହେବ;

(ଟ) ଏହି ଅଧିନିୟମ ଅନୁସାରେ ପ୍ରଣୟନ କରାଯାଇଥିବା ନିୟମାବଳୀ ଦ୍ୱାରା ଯାହା ବିହିତ ହୋଇଥାଏ ତାହାକୁ 'ବିହିତ' ଅର୍ଥରେ ବୁଝିବାକୁ ହେବ;

(ଠ) 'ବିନିୟମାବଳୀ' ଅର୍ଥାତ୍ ଏହି ଅଧିନିୟମ ଅଧୀନରେ ପ୍ରଣୟନ କରାଯାଇଥିବା ବିଭିନ୍ନ ନିୟମାବଳୀ ;

(ଡ) କୌଣସି ପ୍ରକାର ବ୍ୟବହାର ସକାଶେ ଉତ୍ପାଦ ବା କାର୍ଯ୍ୟଧାରାଗୁଡ଼ିକୁ ପ୍ରସ୍ତୁତ କରିବା କିମ୍ବା ବଦଳାଇବା ପାଇଁ ଜୈବ ବ୍ୟବସ୍ଥା, ଜୀବନ୍ତ ଜୀବକୁଳ ବା ସେଗୁଡ଼ିକ ଠାରୁ ଉତ୍ପନ୍ନ ପଦାର୍ଥ ସମୂହର ଉପଯୋଗ କରୁଥିବା କୌଣସି ଜୈବ ସଂପଦ ଅଥବା ବୈଷୟିକ ପ୍ରୟୋଗର ଅଧ୍ୟୟନ କିମ୍ବା ବିଧିବଦ୍ଧ ଅନୁସଂଧାନକୁ 'ଗବେଷଣା' ଅର୍ଥରେ ବୁଝିବାକୁ ହେବ।

(ଢ) 'ରାଜ୍ୟ ଜୈବ ବିବିଧତା ବୋର୍ଡ' ଅର୍ଥାତ୍ ଧାରା ୨୨ ଅନୁସାରେ ପ୍ରତିଷ୍ଠା କରାଯାଇଥିବା ରାଜ୍ୟ ଜୈବ ବିବିଧତା ବୋର୍ଡକୁ ବୁଝାଇବ;

(ଣ) ଜୈବ ବିବିଧତା ଯେପରି ଦୀର୍ଘସ୍ଥାୟୀ ଅବକ୍ଷୟ ଘଟିବ ନାହିଁ ଏବଂ ଯଦ୍ଦ୍ୱାରା ବର୍ତ୍ତମାନ ତଥା ଆଗାମୀ ବଂଶଧରମାନଙ୍କର ଆବଶ୍ୟକତା, ଆଶା ଓ ଆକାଙ୍କ୍ଷା ପୂରଣ କରିବା ପାଇଁ ତାହାର ନିହିତ ସମ୍ଭାବନାକୁ ଅକ୍ଷୁର୍ଣ୍ଣ ରଖାଯାଇ ପାରିବ ସେହି ଅନୁସାରେ ଏବଂ ସେହିପରି ହାରରେ ଜୈବ ବିବିଧତାର ବିଭିନ୍ନ ଉପାଂଶର ଉପଯୋଗକୁ 'ଧାରାବାହିକ ଉପଯୋଗ' ଅର୍ଥରେ ବୁଝିବାକୁ ହେବ;

(ତ) ପ୍ରଚ୍ଛନ୍ନ ଏବଂ ସ୍ଥୂଳତଃ ଅଭିନ୍ନ ଭାବେ ଉଦ୍ଭିଦ ଏବଂ ପ୍ରାଣୀମାନଙ୍କ ମଧ୍ୟରେ ରହିଥିବା ବିଭିନ୍ନ ଅଂଶ ଓ ନିର୍ଯାସଗୁଡ଼ିକ ଯେଉଁସବୁ ଉତ୍ପାଦଗୁଡ଼ିକରେ ରହିଥାଏ ସେଗୁଡ଼ିକୁ 'ମୂଲ୍ୟଯୁକ୍ତ ଉତ୍ପାଦ' ଅର୍ଥରେ ବୁଝିବାକୁ ହେବ।

## ଅଧ୍ୟାୟ-୨

## ଜୈବ ବିବିଧତା ପ୍ରତି ଉପଲଭ୍ୟତାର ନିୟନ୍ତ୍ରଣ

**ଜାତୀୟ ଜୈବ ବିବିଧତା ପ୍ରାଧିକରଣର ଅନୁମୋଦନ ବିନା କିଛି ଲୋକ ଜୈବ ବିବିଧତା ସଂପର୍କିତ କାର୍ଯ୍ୟକଳାପ କରିବେ ନାହିଁ**

**୩.** ୧) ଉପଧାରା (୨)ରେ ଉଲ୍ଲେଖ କରାଯାଇଥିବା କୌଣସି ବ୍ୟକ୍ତି ଜାତୀୟ ଜୈବ ବିବିଧତା ପ୍ରାଧିକରଣର ପୂର୍ବ ଅନୁମୋଦନ ବିନା ଭାରତରେ ଥିବା କୌଣସି ଜୈବ ସଂପଦ କିମ୍ବା ତାହା ସହିତ ସଂପୃକ୍ତ କୌଣସି ଜ୍ଞାନ କୌଶଳ ଗବେଷଣା କିମ୍ବା ବାଣିଜ୍ୟିକ ଉପଯୋଗ କିମ୍ବା ଜୈବ ସର୍ବେକ୍ଷଣ ଏବଂ ଜୈବ ଉପଯୋଗ ନିମନ୍ତେ ହାସଲ କରିପାରିବେ ନାହିଁ।

୨) ଉପଧାରା (୧) ଅନୁସାରେ ଯେଉଁ ଲୋକମାନେ ଜାତୀୟ ଜୈବ ବିବିଧତା ପ୍ରାଧିକରଣଠାରୁ ଅନୁମୋଦନ ନେବା ଆବଶ୍ୟକ ସେମାନଙ୍କୁ ନିମ୍ନରେ ଦର୍ଶାଇ ଦିଆଯାଇଛି: ଯଥା:

(କ) ଜଣେ ବ୍ୟକ୍ତି ଯିଏ ଭାରତର ନାଗରିକ ହୋଇନଥିବେ;

(ଖ) ଭାରତର ନାଗରିକ ଯିଏ ଆୟକର ଅଧିନିୟମ ୧୯୬୧ର ଧାରା ୨ର ଖଣ୍ଡ (୩୦)ର ବ୍ୟାଖ୍ୟା ଅନୁସାରେ ଜଣେ ପ୍ରବାସୀ ହୋଇଥିବେ;

**୧୯୬୧ ର ୪୩**

(ଗ) ଏକ ନିଗମ, ସଂଘ କିମ୍ବା ସଂଗଠନ ଯାହା-

(୧) ଭାରତରେ ଅନ୍ତର୍ଭୁକ୍ତ ବା ପଞ୍ଜିକୃତ ହୋଇନାହିଁ; କିମ୍ବା

(୨) ନିଜର ଅଂଶଧନ ବା ପରିଚାଳନା କ୍ଷେତ୍ରରେ କୌଣସି ଅଣଭାରତୀୟ ଅଂଶଗ୍ରହଣ ରଖି ସାମୟିକ ସମୟ ପାଇଁ କୌଣସି ଆଇନ ଅନୁଯାୟୀ ଭାରତରେ ଅନ୍ତର୍ଭୁକ୍ତ ବା ପଞ୍ଜିକୃତ ହୋଇଛି।

**ଗବେଷଣାର ଫଳାଫଳ ଜାତୀୟ ଜୈବ ବିବିଧତା**

୪. କୌଣସି ବ୍ୟକ୍ତି ଜାତୀୟ ଜୈବ ବିବିଧତା ପ୍ରାଧିକରଣର ପୂର୍ବ ଅନୁମୋଦନ ବିନା ଭାରତରେ ଥିବା କିମ୍ବା ଭାରତରୁ ପାଇଥିବା ଜୈବ ସଂପଦ ସଂପର୍କିତ ଗବେଷଣାର ଫଳାଫଳ ଆର୍ଥିକ ବା ଅନ୍ୟ କୌଣସି କାରଣରୁ ଭାରତର ନାଗରିକ ହୋଇ ନଥିବା କୌଣସି ବ୍ୟକ୍ତି କିମ୍ବା ଆୟକର ଅଧିନିୟମ ୧୯୬୧ର ଧାରା (୨)ର ଖଣ୍ଡ (୩୦)ର

**ପ୍ରାଧିକରଣର ଅନୁମୋଦନ ବିନା ହସ୍ତାନ୍ତର କରାଯିବ ନାହିଁ**

ବ୍ୟାଖ୍ୟା ଅନୁସାରେ କୌଣସି ପ୍ରବାସୀ ଅଥବା ଭାରତରେ ପଞ୍ଜିକୃତ ବା ଅନ୍ତର୍ଭୁକ୍ତ ହୋଇ ନଥିବା କିମ୍ବା ନିଜ ଅଂଶଧନ କିମ୍ବା ପରିଚାଳନା କ୍ଷେତ୍ରରେ କୌଣସି ଅଣ ଭାରତୀୟ ଅଂଶଗ୍ରହଣ ରହିଥିବା ନିଗମ କିମ୍ବା ସଂଗଠନକୁ ହସ୍ତାନ୍ତର କରିପାରିବେ ନାହିଁ।

ଧାରା ୩ ଏବଂ ୪ କେତେକ ସହଯୋଗୀ ଗବେଷଣା ପ୍ରକଳ୍ପ ପ୍ରତି ଲାଗୁ ହେବନାହିଁ

**୧୯୬୧ର ୪୩**

**ସ୍ପଷ୍ଟୀକରଣ-** ଗବେଷଣା ପତ୍ରାବଳୀର ପ୍ରକାଶନ ଅଥବା କୌଣସି ସେମିନାର ବା କର୍ମଶାଳାରେ ଜ୍ଞାନ-କୌଶଳର ପ୍ରସାରଣ, ଯଦି ସେହି ଧରଣର ପ୍ରକାଶନ କେନ୍ଦ୍ର ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଅନୁସାରେ ହୋଇଥାଏ ତା'ହେଲେ ଉକ୍ତ ଧାରା ବା ବିଭାଗ ଉଦ୍ଦେଶ୍ୟରେ "ହସ୍ତାନ୍ତର" ଲାଗୁ ହେବ ନାହିଁ।

**ଧାରା ୩ ଏବଂ ୪ କେତେକ ସହଯୋଗୀ ଗବେଷଣା ପ୍ରକଳ୍ପ ପ୍ରତି ଲାଗୁ ହେବନାହିଁ**

**୫.** (୧) ଜୈବ ସଂପଦଗୁଡ଼ିକର ହସ୍ତାନ୍ତରଣ ବା ବିନିମୟ କିମ୍ବା ସରକାରୀ ପୃଷ୍ଠପୋଷକତାରେ ଚାଲୁଥିବା ଭାରତର ସଂସ୍ଥା ଏବଂ ଅନ୍ୟାନ୍ୟ ଦେଶମାନଙ୍କରେ ରହିଥିବା ସେହି ଧରଣର ସଂସ୍ଥାଗୁଡ଼ିକ ସମେତ ବିଭିନ୍ନ ସଂସ୍ଥା ମଧ୍ୟରେ ସେହି ହସ୍ତାନ୍ତରଣ ବା ବିନିମୟ ସଂପର୍କୀତ ସୂଚନା ଯେଉଁ ସହଯୋଗିତାମୂଳକ ଗବେଷଣା ପ୍ରକଳ୍ପଗୁଡ଼ିକରେ ଅନ୍ତର୍ଭୁକ୍ତ ହୋଇଥାଏ ଯଦି ସେହିସବୁ ସହଯୋଗିତାମୂଳକ ଗବେଷଣା ପ୍ରକଳ୍ପଗୁଡ଼ିକ ଉପଧାରା '୩'ରେ ଉଲ୍ଲେଖ କରାଯାଇଥିବା ସର୍ତ୍ତାବଳୀ ପୂରଣ କରୁଥା'ନ୍ତି ତା'ହେଲେ ଧାରା '୩' ଓ '୪' ଅନ୍ତର୍ଭୁକ୍ତ ବ୍ୟବସ୍ଥାବଳୀ ସେଗୁଡ଼ିକ ପ୍ରତି ଲାଗୁ ହେବ ନାହିଁ।

(୨) ଉକ୍ତ ଅଧିନିୟମ ଆରମ୍ଭ ହେବା ପୂର୍ବରୁ ସଂପାଦିତ ରାଜିନାମାକୁ ଭିତ୍ତି କରି ହୋଇଥିବା ଏବଂ ବର୍ତ୍ତମାନ ବଳବତ୍ତର ରହିଥିବା ଉପଧରା '୧'ରେ ଉଲ୍ଲିଖିତ ସହଯୋଗିତାମୂଳକ ଗବେଷଣା ପ୍ରକଳ୍ପଗୁଡ଼ିକୁ ଛାଡ଼ି ଆଉ ସମସ୍ତ ସହଯୋଗିତାମୂଳକ ଗବେଷଣା ପ୍ରକଳ୍ପ ଏହି ଅଧିନିୟମର ବ୍ୟବସ୍ଥାବଳୀ କିମ୍ବା ଉପଧାରା '୩'ର ଖଣ୍ଡ 'କ' ଅନୁଯାୟୀ ଜାରି ହୋଇଥିବା କୌଣସି ନିର୍ଦ୍ଦେଶାବଳୀ ସହିତ ରାଜିନାମା ବ୍ୟବସ୍ଥାବଳୀର ଯେତେ ପରିମାଣରେ ଅସଙ୍ଗତି ରହିଥିବ ସେହି ମାତ୍ରାରେ ଅସିଦ୍ଧ ହେବ।

(୩) ଉପଧାରା (୧)ର ଉଦ୍ଦେଶ୍ୟଗୁଡ଼ିକ ନିମନ୍ତେ ସହଯୋଗୀ ଗବେଷଣା ପ୍ରକଳ୍ପଗୁଡ଼ିକ-

(କ) କେନ୍ଦ୍ର ସରକାରଙ୍କ ଦ୍ୱାରା ଏଥିପାଇଁ ଜାରି କରାଯାଇଥିବା ନୀତି ନିର୍ଦ୍ଦେଶାବଳୀ ଅନୁରୂପ ହେବା ଆବଶ୍ୟକ;

(ଖ) କେନ୍ଦ୍ର ସରକାରଙ୍କ ଦ୍ୱାରା ଅନୁମୋଦିତ ହେବା ଆବଶ୍ୟକ।

**ଜାତୀୟ ଜୈବ ବିବିଧତା ପ୍ରାଧିକରଣର ଅନୁମୋଦନ ବିନା ବୌଦ୍ଧିକ ସଂପତ୍ତି ଅଧିକାର**

**୬.** (୧) କୌଣସି ବ୍ୟକ୍ତି କୌଣସି ବୌଦ୍ଧିକ ସମ୍ପତ୍ତି ଅନଧିକାର ନିମନ୍ତେ ତାହା ଯେ କୌଣସି ନାମରେ ନାମିତ କରାଯାଉନା କାହିଁକି, ଆବେଦନ କରିବା ଆଗରୁ ଜାତୀୟ ଜୈବ ବିବିଧତା ପ୍ରାଧିକରଣ ଆଗୁଆ ଅନୁମୋଦନ ଲାଭ ନକରି ଭାରତରୁ ପ୍ରାପ୍ତ କୌଣସି ଜୈବ ସଂପଦ ଉପରେ ହୋଇଥିବା କୌଣସି ଗବେଷଣା ବା ସୂଚନାକୁ ଆଧାରକରି ଭାରତ ଭିତରେ ବିଦେଶରେ କୌଣସି

**ନିମନ୍ତେ ଆବେଦନ କରାଯିବନାହିଁ**

ପ୍ରକାର ଉଦ୍ଭାବନ କାର୍ଯ୍ୟ ସକାଶେ ସେହି ଧରଣର ଆବେଦନ କରିପାରିବେ ନାହିଁ।

ପରନ୍ତୁ ଯଦି ଜଣେ ବ୍ୟକ୍ତି ଏକଚାଟିଆ ଅଧିକାର ପାଇଁ ଆବେଦନ କରେ ତା'ହେଲେ ଏକଚାଟିଆ ଅଧିକାର ପ୍ରଦାନ କରୁଥିବା ସଂପୃକ୍ତ ପ୍ରାଧିକରଣ ଦ୍ୱାରା ସେପରି ଅଧିକାର ଗୃହୀତ ହେବା ପରେ କିନ୍ତୁ ମୋହର ବାଜିବା ପୂର୍ବରୁ ଜାତୀୟ ଜୈବ ବିବିଧତା ପ୍ରାଧିକରଣର ଅନୁମତି ହାସଲ କରାଯାଇପାରିବ। ପୁନଶ୍ଚ ଜାତୀୟ ଜୈବ ବିବିଧତା ପ୍ରାଧିକରଣ ଅନୁମତି ନିମନ୍ତେ ଏହା ପାଖରେ କରାଯାଇଥିବା ଆବେଦନକୁ ଗ୍ରହଣ କରିବାର ନବେଦିନ ମଧ୍ୟରେ ଫଏସଲା କରିବ।

(୨) ଜାତୀୟ ଜୈବ ବିବିଧତା ପ୍ରାଧିକରଣ ଏହି ଧାରା ଅନୁସାରେ ଅନୁମୋଦନ ଦେବା ସମୟରେ ସୁବିଧାଗୁଡ଼ିକର ବଣ୍ଟନ ମୂଲ୍ୟ କିମ୍ବା ଲାଭାଂଶ କିମ୍ବା ଉଭୟ ଶୁଳ୍କ ବସାଇପାରନ୍ତି କିମ୍ବା ସେଭଳି ଅଧିକାରଗୁଡ଼ିକର ବ୍ୟାବସାୟିକ କାରବାରରୁ ମିଳୁଥିବା ଆର୍ଥିକ ସୁବିଧାଗୁଡ଼ିକର ଭାଗ ଗ୍ରହଣ କରିବା ସହିତ ସର୍ତ୍ତାବଳୀ ମଧ୍ୟ ଆରୋପ କରିପାରନ୍ତି।

(୩) ସଂସଦ ଦ୍ୱାରା ପ୍ରଣୀତ ବିବିଧ ବୃକ୍ଷରାଜିର ସୁରକ୍ଷା ସଂପର୍କୀତ କୌଣସି ଆଇନ ଅନୁଯାୟୀ କୌଣସି ଅଧିକାର ସକାଶେ ଆବେଦନ କରୁଥିବା କୌଣସି ବ୍ୟକ୍ତି ପ୍ରତି ଉକ୍ତ ଧାରାର ବ୍ୟବସ୍ଥାବଳୀ ଲାଗୁ ହେବ ନାହିଁ। କୌଣସି ଉଦ୍ଦେଶ୍ୟରେ ଜୈବ ସଂପଦ ପାଇବା ନିମନ୍ତେ ରାଜ୍ୟ ଜୈବ ବିବିଧତା ବୋର୍ଡକୁ ପୂର୍ବ ସୂଚନା ଦେବାକୁ ପଡ଼ିବ।

(୪) ଯେଉଁ କ୍ଷେତ୍ରରେ ଉପ-ଧାରା (୩)ରେ ଉଲ୍ଲେଖ ଥିବା ଆଇନ ଅନୁସାରେ କୌଣସି ଅଧିକାର ମଞ୍ଜୁର କରାଯାଏ, ସେପରି ଅଧିକାର ପ୍ରଦାନ କରୁଥିବା ସଂପୃକ୍ତ ପ୍ରାଧିକରଣ ଜାତୀୟ ଜୈବ ବିବିଧତା ପ୍ରାଧିକରଣକୁ ଅଧିକାର ପ୍ରଦାନ କରୁଥିବା ଦସ୍ତାବିଜର ଏକ ନକଲ ପଠାଇବେ।

**କୌଣସି ଉଦ୍ଦେଶ୍ୟରେ ଜୈବ ସଂପଦ ପାଇବା ନିମନ୍ତେ ରାଜ୍ୟ ଜୈବ ବିବିଧତା ବୋର୍ଡକୁ ପୂର୍ବ ସୂଚନା ଦେବାକୁ ପଡ଼ିବ**

**୭.** ଭାରତର ଜଣେ ନାଗରିକ ଭାବେ କୌଣସି ବ୍ୟକ୍ତି କିମ୍ବା ଭାରତରେ ପଞ୍ଜିକୃତ ହୋଇଥିବା କୌଣସି ନିଗମ, ସଂଘ କିମ୍ବା ସଂଗଠନ ଯିଏ ସଂପୃକ୍ତ ରାଜ୍ୟ ଜୈବ ବିବିଧତା ବୋର୍ଡକୁ ପୂର୍ବ ସୂଚନା ନଦେଇ ବ୍ୟାବସାୟିକ କାରବାର ନିମନ୍ତେ କୌଣସି ଜୈବ ସଂପଦ ବା ସେହି ସକାଶେ କୌଣସି ଜୈବ ସର୍ବେକ୍ଷଣ ବା ଜୈବ ଉପଯୋଗ ହାସଲ କରିପାରିବେ ନାହିଁ। ପରନ୍ତୁ, ଜୈବ ବିବିଧତାର ଉତ୍ପାଦନକାରୀ ଓ ଚାଷୀ ତଥା ଦେଶୀୟ ଔଷଧ ପ୍ରସ୍ତୁତ ଓ ପ୍ରୟୋଗ କରୁଥିବା ବୈଦ୍ୟ ଏବଂ ହାକିମମାନଙ୍କ ସମେତ ସ୍ଥାନୀୟ ଜନତା ଓ ଜନଗୋଷ୍ଠୀଗୁଡ଼ିକ ପ୍ରତି ଏହି ଧାରାର ବ୍ୟବସ୍ଥାବଳୀ ଲାଗୁ ହେବ ନାହିଁ।

## ଅଧ୍ୟାୟ-୩

# ଜାତୀୟ ଜୈବ ବିବିଧତା ପ୍ରାଧିକରଣ

**ଜାତୀୟ ଜୈବ ବିବିଧତା ପ୍ରାଧିକରଣର ପ୍ରତିଷ୍ଠା**

୮. ୧) ସରକାରୀ ଗେଜେଟରେ ଅଧିସୂଚନା ଜାରିକରିଏହି ଅଧିନିୟମ ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ଯେଉଁ ତାରିଖ ଧାର୍ଯ୍ୟ କରିବେ ସେହି ତାରିଖଠାରୁ କେନ୍ଦ୍ରସରକାରଙ୍କ ଦ୍ୱାରା ଜୈବ ବିବିଧତା ପ୍ରାଧିକରଣ ନାମରେ ଏକ ସଂସ୍ଥା ଗଠନ କରାଯିବ

୨) ଜାତୀୟ ଜୈବ ବିବିଧତା ପ୍ରାଧିକରଣ ପୂର୍ବୋକ୍ତ ନାମ ଅନୁଯାୟୀ ଉଭୟ ସ୍ଥାବର ଓ ଅସ୍ଥାବର ସଂପତ୍ତି ହାସଲ କରିବା ଧାରଣ କରିବା ଓ ନିକାଶ କରିବା ତଥା ଠିକାରେ କାମ କରାଇବା କ୍ଷମତା ଅଧିକାରୀ ହେବା ସହିତ ସ୍ଥାୟୀ ଉତ୍ତରାଧିକାର ଏବଂ ଏକ ସାଧାରଣ ମୋହର ଲାଭ କରିଥିବା ଏକ ନିଗମରେ ପରିଣତ ହେବ ତଥା ସେହି ସମାନ ନାମରେ ପ୍ରାଧିକରଣ ମକଦ୍ଦମା ଲଢ଼ିବା ସଂଗେ ସଂଗେ ତା' ବିପକ୍ଷରେ ମକଦ୍ଦମା ଦାଏର କରାଯାଇପାରିବ।

୩) ଜାତୀୟ ଜୈବ ବିବିଧତା ପ୍ରାଧିକରଣର ମୁଖ୍ୟ କାର୍ଯ୍ୟାଳୟ ଚେନ୍ନାଇଠାରେ ରହିବ ଏବଂ କେନ୍ଦ୍ର ସରକାରଙ୍କର ପୂର୍ବ ଅନୁମୋଦନ ଲାଭକରି ଜାତୀୟ ଜୈବ ବିବିଧତା ପ୍ରାଧିକରଣ ଭାରତର ଅନ୍ୟାନ୍ୟ ସ୍ଥାନରେ କାର୍ଯ୍ୟାଳୟମାନ ପ୍ରତିଷ୍ଠା କରିପାରିବେ।

୪) ଜାତୀୟ ଜୈବ ବିବିଧତା ପ୍ରାଧିକରଣ ନିମ୍ନ ସଭ୍ୟମାନଙ୍କୁ ନେଇ ଗଠିତ ହେବ; ଯଥା:-

(କ) ଜୈବ ବିବିଧତାର ସଂରକ୍ଷଣ ଏବଂ ଧାରାବାହିକ ବ୍ୟବହାର ତଥା ସୁବିଧାଗୁଡ଼ିକର ଯଥାଯୋଗ୍ୟ ବଣ୍ଟନ ସଂପର୍କରେ ଯଥେଷ୍ଟ ଜ୍ଞାନ ଓ ଅଭିଜ୍ଞତା ରହିଥିବା ଜଣେ ବିଶିଷ୍ଟ ବ୍ୟକ୍ତିଙ୍କୁ ଅଧ୍ୟକ୍ଷ ଭାବେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ କରାଯିବ।

(ଖ) ତିନିଜଣ ପଦପ୍ରଯୁକ୍ତ ସଦସ୍ୟ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ ହେବେ; ସେମାନଙ୍କ ମଧ୍ୟରୁ ଜଣେ ଜନଜାତି ସଂପର୍କିତ କାର୍ଯ୍ୟକଳାପ ବୁଝୁଥିବା ମନ୍ତ୍ରାଳୟର ପ୍ରତିନିଧିତ୍ୱ କରିବେ ଏବଂ ଦୁଇଜଣ ପରିବେଶ ଓ ଜଙ୍ଗଲ କଥା ବୁଝୁଥିବା ମନ୍ତ୍ରାଳୟର ପ୍ରତିନିଧିତ୍ୱ କରିବେ ଯାହାଙ୍କ ମଧ୍ୟରୁ ଜଣେ ଅତିରିକ୍ତ ଜଙ୍ଗଲ ମହାନିର୍ଦ୍ଦେଶକ କିମ୍ବା ଜଙ୍ଗଲ ମହାନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିବେ।

ଗ) ଯଥାକ୍ରମେ ନିମ୍ନଲିଖିତ ବ୍ୟାପାରଗୁଡ଼ିକୁ ବୁଝୁଥିବା କେନ୍ଦ୍ର ସରକାରଙ୍କ ମନ୍ତ୍ରାଳୟମାନଙ୍କର ପ୍ରତିନିଧିତ୍ୱ କରିବା ନିମନ୍ତେ କେନ୍ଦ୍ର ସରକାରଙ୍କ ଦ୍ୱାରା ସାତଜଣ ପଦପ୍ରଯୁକ୍ତ ସଦସ୍ୟ ନିଯୁକ୍ତ ହେବେ-

(୧) କୃଷି ଗବେଷଣା ଏବଂ ଶିକ୍ଷା

(୨) ଜୈବ ପ୍ରଯୁକ୍ତି ବିଦ୍ୟା

(୩) ମହାସାଗର ବିକାଶ

(୪) କୃଷି ଏବଂ ସମବାୟ

(୫) ଭାରତୀୟ ଔଷଧ ପଦ୍ଧତି ଏବଂ ହୋମିଓପାଥି

(୬) ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା

(୭) ବୈଜ୍ଞାନିକ ଏବଂ ଶିଳ୍ପ ସମ୍ବନ୍ଧୀୟ ଗବେଷଣା ଅଧ୍ୟକ୍ଷ ଏବଂ ଅନ୍ୟାନ୍ୟ ସଭ୍ୟମାନଙ୍କର ସେବା ସର୍ତ୍ତାବଳୀ

(ଘ) ଜୈବ ବିବିଧତାର ସଂରକ୍ଷଣ, ଜୈବ ସଂପଦର ଧାରାବାହିକ ଉପଯୋଗ ଏବଂ ଜୈବ ସଂପଦର ଉପଯୋଗରୁ ଉତ୍ପନ୍ନ ହେଉଥିବା ସୁବିଧାଗୁଡ଼ିକର ଯଥାଯୋଗ୍ୟ ବଣ୍ଟନ ସଂପର୍କରେ ସ୍ୱତନ୍ତ୍ର ଜ୍ଞାନ ବା ଅଭିଜ୍ଞତା ହାସଲ କରିଥିବା ବିଶେଷଜ୍ଞ ଓ ବୈଜ୍ଞାନିକ, ଶିଳ୍ପ କ୍ଷେତ୍ରରେ ପ୍ରତିନିଧି, ଜୈବ ସଂପଦର ସଂରକ୍ଷକ, ସୃଷ୍ଟିକର୍ତ୍ତା ତଥା ଜ୍ଞାନ ହାସଲକାରୀ ପ୍ରଭୃତି ବ୍ୟକ୍ତିମାନଙ୍କ ମଧ୍ୟରୁ ପାଞ୍ଚଜଣ ବେସରକାରୀ ସଦସ୍ୟଙ୍କୁ ନିଯୁକ୍ତ କରାଯିବ।

**ଅଧ୍ୟକ୍ଷ ଏବଂ ଅନ୍ୟାନ୍ୟ ସଭ୍ୟମାନଙ୍କର ସେବା ସର୍ତ୍ତାବଳୀ**

**୯.** ଜାତୀୟ ଜୈବ ବିବିଧତା ପ୍ରାଧିକରଣର ପଦପ୍ରଯୁକ୍ତ ସଭ୍ୟମାନଙ୍କ ଭିନ୍ନ ଅଧ୍ୟକ୍ଷ ଏବଂ କାର୍ଯ୍ୟକାଳ ଏବଂ ସେବା ସର୍ତ୍ତାବଳୀ କେନ୍ଦ୍ରସରକାର ଯେପରି ନିର୍ଦ୍ଧାରଣ କରିବେ ସେପରି ହେବ।

**ଅଧ୍ୟକ୍ଷ ଜାତୀୟ ଜୈବ ବିବିଧତା ବୋର୍ଡର ମୁଖ୍ୟକାର୍ଯ୍ୟ ନିର୍ବାହୀ ରହିବେ**

**୧୦.** ଅଧ୍ୟକ୍ଷ ଜୈବ ବିବିଧତା ପ୍ରାଧିକରଣର ମୁଖ୍ୟ କାର୍ଯ୍ୟନିର୍ବାହୀ ରହିବେ ଏବଂ ଯେପରିଭାବେ ବିହିତ ହୋଇଥିବ ସେହିପରିଭାବେ କ୍ଷମତାର ପ୍ରୟୋଗ କରିବେ ଏବଂ କାର୍ଯ୍ୟ ସଂପାଦନ କରିବେ।

**ସଭ୍ୟମାନଙ୍କର ବହିଷ୍କରଣ**

**୧୧.** କେନ୍ଦ୍ରସରକାର ଜାତୀୟ ଜୈବ ବିବିଧତା ପ୍ରାଧିକରଣରୁ ଯେକୌଣସି ସଭ୍ୟଙ୍କୁ ବହିଷ୍କାର କରିପାରିବେ ଯଦି ତାଙ୍କ ବିଚାରରେ ସେହି ସଭ୍ୟ–

(କ) ଦେବାଳିଆ ବୋଲି ଘୋଷିତ ହୋଇଥା'ନ୍ତି; ବା

(ଖ) ନୈତିକ ଭ୍ରଷ୍ଟାଚାରଜନିତ କୌଣସି ଅପରାଧରେ ଦୋଷୀସାବ୍ୟସ୍ତ ହୋଇଥା'ନ୍ତି

(ଗ) ଜଣେ ସଦସ୍ୟ ହିସାବରେ କାର୍ଯ୍ୟ କରିବାରେ ଶାରୀରିକ ଏବଂ ମାନସିକ ଭାବେ ଅସମର୍ଥ ହୋଇଥାନ୍ତି; ବା

(ଘ) ପଦରେ ଆଉ ଅଧିକ କାଳ ପର୍ଯ୍ୟନ୍ତ କାର୍ଯ୍ୟ କରିବା ଦ୍ୱାରା ଜନସ୍ୱାର୍ଥ ପ୍ରତି ଅନିଷ୍ଟକାର ହେଲା ଭଳି ନିଜ ପଦବୀର ଅପବ୍ୟବହାର କରିଥା'ନ୍ତି; ବା

(ଙ) ଜଣେ ସଭ୍ୟ ଭାବେ ତାଙ୍କର କାର୍ଯ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଉଥିବା କୌଣସି ଆର୍ଥିକ ବା ଅନ୍ୟାନ୍ୟ ସ୍ୱାର୍ଥ ହାସଲ କରିଥା'ନ୍ତି।

**ଜାତୀୟ ଜୈବ ବିବିଧତା ପ୍ରାଧିକରଣର ବୈଠକ**

**୧୨.** (୧) ଯେଉଁପରି ଭାବେ ସ୍ଥିର କରାଯାଇଥିବା ଜାତୀୟ ଜୈବ ବିବିଧତା ପ୍ରାଧିକରଣ ସେହିପରି ଭାବେ ନିର୍ଦ୍ଧାରିତ ସମୟ ଓ ସ୍ଥାନରେ ବୈଠକର ଆୟୋଜନ କରିବ ଏବଂ ସେହିପରି ବୈଠକରେ (ସର୍ବନିମ୍ନ ସଭ୍ୟସଂଖ୍ୟା ସମେତ) ବ୍ୟାପାରଗତ କାରବାର ସମ୍ବନ୍ଧରେ ସ୍ଥିର କରାଯାଇଥିବା କାର୍ଯ୍ୟପ୍ରଣାଳୀର ନିର୍ଦ୍ଦିଷ୍ଟ ନିୟମାବଳୀ ପାଳନ କରିବ ।

(୨) ଜାତୀୟ ଜୈବ ବିବିଧତା ପ୍ରାଧିକରଣର ବୈଠକଗୁଡ଼ିକରେ ଜାତୀୟ ଜୈବ ବିବିଧତା ପ୍ରାଧିକରଣର ଅଧ୍ୟକ୍ଷ ଅଧ୍ୟକ୍ଷତା କରିବେ ।

(୩) ଯଦି କୌଣସି କାରଣରୁ ଜାତୀୟ ଜୈବ ବିବିଧତା ପ୍ରାଧିକରଣର କୌଣସି ସଦସ୍ୟ ବୈଠକରେ ଅଧ୍ୟକ୍ଷ ଯୋଗ ଦେଇପାରୁନାହାନ୍ତି ତା'ହେଲେ ବୈଠକରେ ଉପସ୍ଥିତ ଥିବା ସଦସ୍ୟମାନଙ୍କ ମଧ୍ୟରୁ ବଛାଯାଇଥିବା ଜାତୀୟ ଜୈବ ବିବିଧତା ପ୍ରାଧିକରଣର ଯେକୌଣସି ସଦସ୍ୟ ସହି ବୈଠକରେ ଅଧ୍ୟକ୍ଷତା କରିବେ ।

(୪) ଜାତୀୟ ଜୈବ ବିବିଧତା ପ୍ରାଧିକରଣର କୌଣସି ବୈଠକରେ ଯେଉଁ ସମସ୍ତ ପ୍ରଶ୍ନ ଆସିବ ତାହା ଉପସ୍ଥିତ ଏବଂ ଭୋଟଦାନ କରିଥିବା ସଦସ୍ୟମାନଙ୍କ ଦ୍ୱାରା ସଂଖ୍ୟାଧିକ ଭୋଟରେ ସ୍ଥିର କରାଯିବ ଏବଂ ସମାନ ସମାନ ଭୋଟ କ୍ଷେତ୍ରରେ ଅଧ୍ୟକ୍ଷ କିମ୍ବା ତାଙ୍କ ଅନୁପସ୍ଥିତିରେ ଯେଉଁ ବ୍ୟକ୍ତି ଅଧ୍ୟକ୍ଷତା କରୁଥିବେ ସେ ଏକ ଦ୍ୱିତୀୟ ଏବଂ ନିର୍ଣ୍ଣାୟକ ଭୋଟ ଦେବାର ସୁଯୋଗ ପାଇ ତାହାକୁ ପ୍ରୟୋଗ କରିବେ ।

(୫) ପ୍ରତ୍ୟେକ ସଦସ୍ୟ ଯିଏ କୌଣସି ପ୍ରକାରେ ପ୍ରତ୍ୟକ୍ଷ, ପରୋକ୍ଷ କିମ୍ବା ବ୍ୟକ୍ତିଗତ ଭାବେ ବୈଠକରେ ସ୍ଥିର ହେବାକୁ ଥିବା କୌଣସି ବିଷୟକୁ ନେଇ ସଂପୃକ୍ତ ବା ଆଗ୍ରହୀ ଅଛନ୍ତି ସେ ତାଙ୍କ ସଂପୃକ୍ତି କିମ୍ବା ଆଗ୍ରହ କେଉଁ ଧରଣର ତାହା ପ୍ରକାଶ କରିବେ । ଏପରି ପ୍ରକାଶ କଲାପରେ ସଂପୃକ୍ତ କିମ୍ବା ଆଗ୍ରହୀଥିବା ସେହି ସଦସ୍ୟ ସେହି ବୈଠକରେ ଆଉ ଭାଗ ନେଇପାରିବେ ନାହିଁ ।

(୬) ଜାତୀୟ ଜୈବ ବିବିଧତା ପ୍ରାଧିକରଣର କୌଣସି ଅଧିନିୟମ କିମ୍ବା ପ୍ରସଙ୍ଗ କେବଳ ଏହିସବୁ କାରଣରୁ ଅକାମୀ ହେବନାହିଁ:-

(କ) ଜାତୀୟ ଜୈବ ବିବିଧତା ପ୍ରାଧିକରଣରେ କୌଣସି ଶୂନ୍ୟସ୍ଥାନ କିମ୍ବା ଏହାର ଗଠନରେ କୌଣସି ତ୍ରୁଟି ରହିଥିଲେ; କିମ୍ବା

(ଖ) ସଦସ୍ୟ ଭାବେ କାର୍ଯ୍ୟ କରୁଥିବା କୌଣସି ବ୍ୟକ୍ତିଙ୍କ ନିଯୁକ୍ତିରେ କୌଣସି ତ୍ରୁଟି ରହିଥିଲେ; କିମ୍ବା

(ଗ) ମାମଲାର ଉପକାରିତାଗୁଡ଼ିକୁ ପ୍ରଭାବିତ କରୁନଥିବା ଜାତୀୟ ଜୈବ ବିବିଧତା ପ୍ରାଧିକରଣର କାର୍ଯ୍ୟପ୍ରଣାଳୀରେ କୌଣସି ତ୍ରୁଟି ରହିଥିଲେ ।

**ଜାତୀୟ ଜୈବ ବିବିଧତା ପ୍ରାଧିକରଣର ବିଭିନ୍ନ କମିଟି**

**୧୩.** (୧) ଜାତୀୟ ଜୈବ ବିବିଧତା ପ୍ରାଧିକରଣ କୃଷିଭିତ୍ତିକ ଜୈବ ବିବିଧତା ବିଷୟରେ କାରବାର କରିବା ପାଇଁ ଏକ କମିଟି ଗଠନ କରିପାରିବେ ।

***ବ୍ୟାଖ୍ୟା :*** ଏହି ଉପଧାରା ଉଦ୍ଦେଶ୍ୟରେ 'କୃଷିଗତ ଜୈବ-ବିବିଧତା' ଅର୍ଥ କୃଷି ସଂପର୍କିତ ବିଭିନ୍ନ ପ୍ରଜାତି ଏବଂ ସେଗୁଡ଼ିକର

ସମଜାତୀୟ ଜଙ୍ଗଲଜାତ ବର୍ଗଗୁଡ଼ିକର ଜୈବିକ ବିବିଧତାକୁ ବୁଝାଇବ ।

(୨) ଉପଧାରା (୧)ର ବ୍ୟବସ୍ଥାଗୁଡ଼ିକ ପ୍ରତି କୌଣସି ପୂର୍ବାଗ୍ରହ ନରଖି ଜାତୀୟ ଜୈବ ବିବିଧତା ପ୍ରାଧିକରଣ ଏହି ଅଧିନିୟମ ଅନୁଯାୟୀ ଉତ୍ତମରୂପେ ନିଜର କର୍ତ୍ତବ୍ୟଗୁଡ଼ିକୁ ସଂପାଦନ କରିବେ ଏବଂ କାର୍ଯ୍ୟଗୁଡ଼ିକୁ ପାଳନ କରିବା ପାଇଁ ଯେତେଗୋଟି କମିଟି ଦରକାର ବୋଲି ଭାବୁଛନ୍ତି ସେତିକି କମିଟି ଗଠନ କରିପାରିବେ ।

(୩) ଏହି ଧାରା ଅଧୀନରେ ଗଠିତ କମିଟି ଯେପରି ଉପଯୁକ୍ତ ମନେକରିବେ ସେହି ମୁତାବକ ଜାତୀୟ ଜୈବ ବିବିଧତା ପ୍ରାଧିକରଣର ସଦସ୍ୟ ହୋଇନଥିବା କିଛି ବ୍ୟକ୍ତିଙ୍କୁ ସହବରଣ କରିପାରିବେ ଏବଂ ସେହିଭଳି ସହ-ବରଣ ହୋଇଥିବା ବ୍ୟକ୍ତିମାନଙ୍କର କମିଟିର ବିଭିନ୍ନ ବୈଠକରେ ଯୋଗଦାନ କରିବାର ଏବଂ ଏହାର ପ୍ରସଙ୍ଗ ଭିତ୍ତିକ ଆଲୋଚନାମାନଙ୍କରେ ମଧ୍ୟ ଅଂଶଗ୍ରହଣ କରିବାର ଅଧିକାର ରହିବ, କିନ୍ତୁ ସେମାନଙ୍କର ଭୋଟଦାନର ଅଧିକାର ରହିବ ନାହିଁ ।

(୪) କମିଟିର ସଦସ୍ୟ ଭାବେ ନିଯୁକ୍ତ ବ୍ୟକ୍ତିମାନେ କମିଟିର ବୈଠକରେ ଯୋଗଦାନ କରିବା ନିମନ୍ତେ କେନ୍ଦ୍ରସରକାରଙ୍କ ଦ୍ୱାରା ଯେପରି ସ୍ଥିର କରାଯାଇଥିବ ସେହି ଅନୁଯାୟୀ ତାହା ଭତ୍ତା କିମ୍ବା ମୂଲ୍ୟ ପାଇବେ ।

**ଜାତୀୟ ଜୈବ ବିବିଧତା ପ୍ରାଧିକରଣର ଅଧିକାରୀ ଏବଂ କର୍ମଚାରୀ**

**୧୪.** (୧) ଏହି ଅଧିନିୟମ ଅନୁସାରେ ଜାତୀୟ ଜୈବ ବିବିଧତା ପ୍ରାଧିକରଣ ଉତ୍ତମ ଭାବେ କାର୍ଯ୍ୟ ସଂପାଦନ କରିବା ପାଇଁ ଯେପରି ଆବଶ୍ୟକ ମନେକରିବେ ସେହିପରି ଭାବେ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ନିଯୁକ୍ତି ଦେଇପାରିବେ ।

(୨) ନିୟମାବଳୀ ଦ୍ୱାରା ଯେପରି ନିର୍ଦ୍ଧାରିତ ହୋଇଥିବ ଜାତୀୟ ଜୈବ ବିବିଧତା ପ୍ରାଧିକରଣର ସବୁ ଅଧିକାରୀ ଏବଂ କର୍ମଚାରୀମାନଙ୍କର ଚାକିରୀ କାର୍ଯ୍ୟକାଳ ଏବଂ ସର୍ତ୍ତାବଳୀ ସେହିପରି ହେବ ।

**ଜାତୀୟ ଜୈବ ବିବିଧତା ପ୍ରାଧିକରଣର ନିର୍ଦ୍ଦେଶ ଏବଂ ନିଷ୍ପତ୍ତିଗୁଡ଼ିକର ଅଧିପ୍ରମାଣ**

**୧୫.** ଜାତୀୟ ଜୈବ ବିବିଧତା ପ୍ରାଧିକରଣର ସମସ୍ତ ନିର୍ଦ୍ଦେଶ ଏବଂ ନିଷ୍ପତ୍ତି ଅଧ୍ୟକ୍ଷ କିମ୍ବା ଏଥିନିମନ୍ତେ ଜାତୀୟ ଜୈବ ବିବିଧତା ପ୍ରାଧିକରଣ ଦ୍ୱାରା କ୍ଷମତାପ୍ରାପ୍ତ ଅନ୍ୟ କୌଣସି ସଦସ୍ୟଙ୍କ ସ୍ୱାକ୍ଷର ଦ୍ୱାରା ଅଧିପ୍ରମାଣିତ ହେବ ଏବଂ ଜାତୀୟ ଜୈବ ବିବିଧତା ପ୍ରାଧିକରଣ ଦ୍ୱାରା ସଂପାଦିତ ଅନ୍ୟାନ୍ୟ ସମସ୍ତ ସାଧନଗୁଡ଼ିକ ଜାତୀୟ ଜୈବ ବିବିଧତା ପ୍ରାଧିକରଣର ଏଥିନିମନ୍ତେ କ୍ଷମତାପ୍ରାପ୍ତ ଜଣେ ଅଧିକାରୀଙ୍କ ସ୍ୱାକ୍ଷର ଦ୍ୱାରା ଅଧିପ୍ରମାଣିତ ହେବ ।

**୧୬.** ଜାତୀୟ ଜୈବ ବିବିଧତା ପ୍ରାଧିକରଣ ଆବଶ୍ୟକ ହେଲେ ସାଧାରଣ କିମ୍ବା ସ୍ୱତନ୍ତ୍ର ଲିଖିତ ଆଦେଶ ବଳରେ ଜାତୀୟ ଜୈବ ବିବିଧତା ପ୍ରାଧିକରଣର କୌଣସି ସଦସ୍ୟ ଅଧିକାରୀ କିମ୍ବା ସେହି ଆଦେଶରେ ଦର୍ଶାଯାଇଥିବା ସର୍ତ୍ତାବଳୀ ଅନୁଯାୟୀ ଯଦି ଅନ୍ୟ କୌଣସି ବ୍ୟକ୍ତି ଥା'ନ୍ତି ତେବେ ତାଙ୍କୁ (ଧାରା ୫୦ରେ ଥିବା ବ୍ୟବସ୍ଥା ଅନୁସାରେ

ଆବେଦନ କରିବାର କ୍ଷମତା ଏବଂ ଧାରା ୬୪ ଅନୁସାରେ ନିୟମାବଳୀ ତିଆରି କରିବାର କ୍ଷମତା ବ୍ୟତୀତ) ଏହି ଅଧିନିୟମ ଅନୁସାରେ କିଛି କ୍ଷମତା ବା କାର୍ଯ୍ୟ ନ୍ୟସ୍ତ କରିପାରିବେ।

**ଜାତୀୟ ଜୈବ ବିବିଧତା ପ୍ରାଧିକରଣ ଖର୍ଚ୍ଚ ଭାରତର ଏକତ୍ରୀକୃତ ପାଣ୍ଠିରୁ ବହନ କରାଯିବ**

**୧୭.** ଜାତୀୟ ଜୈବ ବିବିଧତା ପ୍ରାଧିକରଣ ଅଧିକାରୀ ଏବଂ ଅନ୍ୟାନ୍ୟ କର୍ମଚାରୀମାନଙ୍କ ଦରମା, ଭତ୍ତା ଏବଂ ଅବସରକାଳୀନ ପେନସନ୍ ବାବଦରେ ଯେଉଁ ଅର୍ଥ ପ୍ରଦାନ କରାଯିବ ତା' ସହିତ ଜାତୀୟ ଜୈବ ବିବିଧତା ପ୍ରାଧିକରଣର ସଭ୍ୟସଭ୍ୟାମାନଙ୍କୁ ଏବଂ ତାହାର ପ୍ରଶାସନିକ ଖର୍ଚ୍ଚ ବାବଦକୁ ଯେଉଁ ଅର୍ଥ ପ୍ରଦାନ କରାଯିବ ତାହା ଭାରତର ଏକତ୍ରୀକୃତ ସମୂହ ପାଣ୍ଠିରୁ ଭରଣା କରାଯିବ।

## ଅଧ୍ୟାୟ-୪

## ଜାତୀୟ ଜୈବବିବିଧତା ପ୍ରାଧିକରଣର କାର୍ଯ୍ୟ ଏବଂ କ୍ଷମତା

**ଜାତୀୟ ଜୈବ ବିବିଧତା ପ୍ରାଧିକରଣର କାର୍ଯ୍ୟ ଏବଂ କ୍ଷମତା**

**୧୮.** (୧) ଧାରା ୩, ୪ ଏବଂ ୬ରେ ଦର୍ଶାଯାଇଥିବା କାର୍ଯ୍ୟକଳାପଗୁଡ଼ିକୁ ନିୟନ୍ତ୍ରଣ କରିବା ଏବଂ ନୀତି ନିୟନ୍ତ୍ରଣ ଦ୍ୱାରା ଜୈବ ସଂପଦଗୁଡ଼ିକର ବ୍ୟବହାର ଅନୁମତି ତଥା ସୁବିଧାଗୁଡ଼ିକର ଏବଂ ନ୍ୟାୟ ସଂଗତ ବଣ୍ଟନ ନିମନ୍ତେ ନିର୍ଦ୍ଦେଶାବଳୀ ଜାରି କରିବା ହେଉଛି ଜାତୀୟ ଜୈବ ବିବିଧତା ପ୍ରାଧିକରଣର କର୍ତ୍ତବ୍ୟ।

(୨) ଧାରା ୩, ୪ ଏବଂ ୬ରେ ଉଲ୍ଲେଖ କରାଯାଇଥିବା କୌଣସି କାର୍ଯ୍ୟ କରିବା ନିମନ୍ତେ ଜାତୀୟ ଜୈବ ବିବିଧତା ପ୍ରାଧିକରଣ ଅନୁମୋଦନ ଦେଇପାରିବେ।

(୩) ଜାତୀୟ ଜୈବ ବିବିଧତା ପ୍ରାଧିକରଣ

(କ) କେନ୍ଦ୍ରସରକାରଙ୍କୁ ଜୈବ ବିବିଧତାର ସଂରକ୍ଷଣ, ଏହାର ଉପାଂଶଗୁଡ଼ିକର ଧାରାବାହିକ ବ୍ୟବହାର ଏବଂ ଜୈବ ସଂପଦର ଉପଯୋଗରୁ ମିଳୁଥିବା ସୁବିଧାଗୁଡ଼ିକର ନ୍ୟାୟସଂଗତ ବଣ୍ଟନ ସଂପର୍କୀତ ବିଷୟରେ ପରାମର୍ଶ ଦେଇପାରିବେ;

(ଖ) ରାଜ୍ୟ ସରକାରଙ୍କୁଧାରା ୩୭ର ଉପଧାରା (୧) ଅନୁସାରେ ଐତିହ୍ୟସ୍ଥଳ ଭାବେ ଅଧିସୂଚିତ ହେବାକୁଥିବା ଜୈବ ବିବିଧତା ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକୁ ବାଛିବା ଏବଂ ସେହି ଐତିହ୍ୟ ସ୍ଥଳଗୁଡ଼ିକର ପରିଚାଳନା ନିମନ୍ତେ ପଦକ୍ଷେପ ଗ୍ରହଣ କରିବା ପାଇଁ ପରାମର୍ଶ ଦେଇପାରିବେ;

(ଗ) ଏହି ଅଧିନିୟମର ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରିବା ନିମନ୍ତେ ଯେଉଁ ଅନ୍ୟାନ୍ୟ କାର୍ଯ୍ୟ କରିବାର ଆବଶ୍ୟକତା ପଡ଼ିବ ସେଗୁଡ଼ିକୁ ତୁଲାଇବେ।

(୪) ଜାତୀୟ ଜୈବ ବିବିଧତା ପ୍ରାଧିକରଣ, କେନ୍ଦ୍ର ସରକାରଙ୍କ ତରଫରୁ, ଭାରତ ବାହାରେ କୌଣସି ଦେଶରେ ଭାରତରୁ ଲାଭ କରାଯାଇଥିବା କୌଣସି ଜୈବସଂପଦ ଭାରତରୁ ସଂଗୃହୀତ ସେହି ବା ଜୈବ ସଂପଦ ସହିତ ସଂଯୁକ୍ତ ଜ୍ଞାନ ସକାଶେ ବୌଦ୍ଧିକ ସଂପତ୍ତି ଅଧିକାର ପ୍ରଦାନକୁ ବିରୋଧ କରିବା ପାଇଁ ଆବଶ୍ୟକୀୟ ଯେକୌଣସି ପଦକ୍ଷେପ ଗ୍ରହଣ କରିପାରିବେ।

### ଅଧ୍ୟାୟ-୫

## ଜାତୀୟ ଜୈବ ବିବିଧତା ପ୍ରାଧିକରଣ ଦ୍ୱାରା ଅନୁମୋଦନ

**ନିର୍ଦ୍ଦିଷ୍ଟ କେତେକ କାର୍ଯ୍ୟକଳାପ ତୁଲାଇବା ନିମନ୍ତେ ଜାତୀୟ ଜୈବ ବିବିଧତା ପ୍ରାଧିକରଣର ଅନୁମୋଦନ**

**୧୯.** (୧) ଧାରା ୩ର ଉପଧାରା (୨)ରେ ଉଲ୍ଲେଖ କରାଯାଇଥିବା କୌଣସି ବ୍ୟକ୍ତି ଯଦି ଭାରତରେ ସୃଷ୍ଟ କୌଣସି ଜୈବ ସଂପଦ ଅଥବା ଗବେଷଣା ବା ବ୍ୟାବସାୟିକ ଉପଯୋଗ ବା ଜୈବ ସର୍ବେକ୍ଷଣ ଓ ଜୈବ ଉପଯୋଗ ପାଇଁ ଜୈବ ସଂପଦ ସହିତ ସଂଯୁକ୍ତ ଜ୍ଞାନ ହାସଲ ଅଥବା ଭାରତରେ ଥିବା କିମ୍ବା ଭାରତରେ ମିଳୁଥିବା ଜୈବ ସଂପଦ ସଂପର୍କିତ କୌଣସି ଗବେଷଣାର ଫଳାଫଳ ହସ୍ତାନ୍ତର କରିବାକୁ ଚାହୁଁଥାନ୍ତି ତା'ହେଲେ ସେ ଜାତୀୟ ଜୈବ ବିବିଧତା ପ୍ରାଧିକରଣ ଦ୍ୱାରା ନିର୍ଦ୍ଧାରଣ କରାଯାଇଥିବା ଫର୍ମରେ ପ୍ରାଧିକରଣକୁ ଆବେଦନ କରିବେ ଏବଂ ସେହିପରି ଫିସ୍ ମଧ୍ୟ ପ୍ରଦାନ କରିବେ।

୨) ଧାରା ୬ର ଉପଧାରା ୧ରେ ଥିବା ଉଲ୍ଲେଖ ଅନୁସାରେ ଯଦି କୌଣସି ବ୍ୟକ୍ତି ଭାରତରେ କିମ୍ବା ଭାରତ ବାହାରେ ଏକଚାଟିଆ ଅଧିକାର (ପେଟେଣ୍ଟ) କିମ୍ବା ଅନ୍ୟ କୌଣସି ପ୍ରକାର ବୌଦ୍ଧିକ ସଂପତ୍ତି ସୁରକ୍ଷା ନିମନ୍ତେ ଆବେଦନ କରିବାକୁ ଚାହାନ୍ତି ତେବେ ସେ ଜାତୀୟ ଜୈବ ବିବିଧତା ପ୍ରାଧିକରଣକୁ ନିର୍ଦ୍ଧାରିତ ଫର୍ମରେ ଏବଂ ନିର୍ଦ୍ଧାରିତ ଧାରାରେ ଆବେଦନ କରିବେ।

୩) ଉପଧାରା (୧) କିମ୍ବା ଉପଧାରା (୨) ଅନୁସାରେ ଆବେଦନ ଗ୍ରହଣ କରିବା ପରେ ଜାତୀୟ ଜୈବ ବିବିଧତା ପ୍ରାଧିକରଣ ଯାହା ଠିକ୍ ମନେ କରିବେ ସେହି ଅନୁସାରେ ଅନୁସନ୍ଧାନ କରି ଏବଂ ଏହି ଉଦ୍ଦେଶ୍ୟରେ ଆଦେଶ ବଳରେ ଏଥିନିମନ୍ତେ କରାଯାଇଥିବା ବିନିୟମାବଳୀ ଏବଂ ରୟାଲଟି ଆକାରରେ ଆଦାୟ କରାଯାଉଥିବା ମୂଲ୍ୟ ସମେତ ସ୍ୱୟଂ ଉପଯୁକ୍ତ ମନେ କରୁଥିବା ସର୍ତ୍ତାବାଳୀ ଅନୁସାରେ ଅନୁମତି ପ୍ରଦାନ କରିପାରନ୍ତି କିମ୍ବା ଲିଖିତ କାରଣ ଦର୍ଶାଇ ଆବେଦନଟିକୁ ଖାରଜ ମଧ୍ୟ କରିଦେଇପାରନ୍ତି:
ପରନ୍ତୁ ପ୍ରଭାବିତ ବ୍ୟକ୍ତିଙ୍କୁ ଶୁଣାଣିର ସୁଯୋଗ ନ ଦେଇ ଖାରଜ ନିମନ୍ତେ ସେପରି କୌଣସି ଆଦେଶ ଦିଆଯାଇପାରିବ ନାହିଁ।

(୪) ଏହି ଧାରା ଅନୁସାରେ ନିଜ ଦ୍ୱାରା ମଂଜୁର କରାଯାଇଥିବା ପ୍ରତ୍ୟେକ ଅନୁମୋଦନ ନିମନ୍ତେ ଜାତୀୟ ଜୈବ ବିବିଧତା ପ୍ରାଧିକରଣ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନୋଟିସ୍ ବା ବିଜ୍ଞପ୍ତି ଜାରି କରିବେ।

**ଜୈବ ସଂପଦ କିମ୍ବା ଜ୍ଞାନର ହସ୍ତାନ୍ତର**

**୨୦.** (୧) ଧାରା ୧୯ ଅନୁସାରେ ଅନୁମୋଦନ ପାଇଥିବା କୌଣସି ବ୍ୟକ୍ତି ଉକ୍ତ ଅନୁମୋଦନର ବିଷୟବସ୍ତୁ ଭାବେ ପରିଗଣିତ କୌଣସି ଜୈବ ସଂପଦ କିମ୍ବା ଏହା ସହିତ ସଂଯୁକ୍ତ ଜ୍ଞାନକୁ ଜାତୀୟ ଜୈବ ବିବିଧତା ପ୍ରାଧିକରଣର ଅନୁମତି ବିନା ହସ୍ତାନ୍ତର କରିପାରିବେ ନାହିଁ।

(୨) ଯଦି କୌଣସି ବ୍ୟକ୍ତି ଉପଧାରା (୧)ର ଉଲ୍ଲେଖ ଅନୁସାରେ କୌଣସି ଜୈବ ସଂପଦ କିମ୍ବା ଏହା ସହିତ ସଂଯୁକ୍ତ ଜ୍ଞାନର ହସ୍ତାନ୍ତର କରିବାକୁ ଚାହିଁବେ ତେବେ ସେ ଜାତୀୟ ଜୈବ ବିବିଧତା ପ୍ରାଧିକରଣ ନିକଟକୁ ପ୍ରାଧିକରଣ ଦ୍ୱାରା ନିର୍ଦ୍ଧାରିତ ଫର୍ମ ଏବଂ ଧାରାରେ ଆବେଦନ କରିବେ।

(୩) ଉପଧାରା (୨) ଅନୁସାରେ ଆବେଦନ ଗ୍ରହଣ କଲାପରେ ଜାତୀୟ ଜୈବ ବିବିଧତା ପ୍ରାଧିକରଣ ନିଜେ ଉପଯୁକ୍ତ ବୋଲି ମନେ କରୁଥିବା ଅନୁସନ୍ଧାନ କରି ଏବଂ ଯଦି ଆବଶ୍ୟକ ହୁଏ ଏଥିନିମନ୍ତେ ଗଠନ କରାଯାଇଥିବା ବିଶେଷଜ୍ଞ କମିଟି ସହିତ ପରାମର୍ଶ କରି ଆଦେଶ ବଳରେ ରୟାଲ୍‌ଟି ହିସାବରେ ଆଦାୟ କରାଯାଉଥିବା ମୂଲ୍ୟ ସମେତ ସ୍ୱୟଂ ଉପଯୁକ୍ତ ବୋଲି ମନେ କରୁଥିବା ସର୍ତ୍ତାବଳୀ ଅନୁଯାୟୀ ଅନୁମୋଦନ ଦେଇପାରିବେ କିମ୍ବା ଲିଖିତ ଆକାରରେ କାରଣ ଲିପିବଦ୍ଧ କରି ସେହି ଆବେଦନକୁ ଖାରଜ ମଧ୍ଯ କରିଦେଇପାରିବେ: ପରନ୍ତୁ ପ୍ରଭାବିତ ବ୍ୟକ୍ତିଙ୍କୁ ଶୁଣାଣିର ସୁଯୋଗ ନ ଦେଇ ଖାରଜ ନିମନ୍ତେ ସେପରି କୌଣସି ଆଦେଶ ଦିଆଯାଇପାରିବ ନାହିଁ।

(୪) ଏହି ଧାରା ଅଧୀନରେ ସ୍ୱୟଂ ମଞ୍ଜୁର କରିଥିବା ପ୍ରତ୍ୟେକ ଅନୁମୋଦନ ପାଇଁ ଜାତୀୟ ଜୈବ ବିବିଧତା ପ୍ରାଧିକରଣ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ବିଜ୍ଞପ୍ତି ଜାରି କରିବେ।

**ଜାତୀୟ ଜୈବ ବିବିଧତା ପ୍ରାଧିକରଣ ଦ୍ୱାରା ନ୍ୟାୟସଂଗତ ଭାବେ ସୁବିଧା ବଣ୍ଟନ ସ୍ଥିରୀକରଣ**

**୨୧.** (୧) ଜାତୀୟ ଜୈବ-ବିବିଧତା ପ୍ରାଧିକରଣ ଧାରା ୧୯ କିମ୍ବା ଧାରା ୨୦ ଅନୁଯାୟୀ ମଂଜୁରୀ ପ୍ରଦାନ କରିବା ସମୟରେ ନିଶ୍ଚିତ କରିବେ ଯେ ଯେଉଁସବୁ ସର୍ତ୍ତାବଳୀକୁ ଆଧାର କରି ଅନୁମୋଦନ ମଂଜୁର କରାଯାଉଛି ସେହିସବୁ ସର୍ତ୍ତାବଳୀ ଅନୁମତିପ୍ରାପ୍ତ ଜୈବ-ସଂପଦଗୁଡ଼ିକର ଉପଯୋଗ, ସେଗୁଡ଼ିକର ଉପଜାତ ପଦାର୍ଥ, ସେଗୁଡ଼ିକର ବ୍ୟବହାର ସହିତ ଜଡ଼ିତ ଅଭିନବ ଉତ୍ପାଦ ଓ ଚଳଣି ଏବଂ ସେସବୁ ସହିତ ସଂପର୍କୀତ ପ୍ରୟୋଗ ଏବଂ ଜ୍ଞାନ-କୌଶଳ ପ୍ରଭୃତିରୁ ହାସଲ କରାଯାଉଥିବା ସୁବିଧାଗୁଡ଼ିକର ନ୍ୟାୟସଂଗତ ବଣ୍ଟନକୁ ପାରସ୍ପରିକ ସହମତି ଭିତ୍ତିରେ ପ୍ରସ୍ତୁତ କରାଯାଇଥିବା ସର୍ତ୍ତ ଓ ନିୟମାବଳୀ ଅନୁଯାୟୀ ଉକ୍ତ ଅନୁମତି ସକାଶେ ଆବେଦନ କରୁଥିବା ବ୍ୟକ୍ତି, ସଂପୃକ୍ତ ସ୍ଥାନୀୟ ସଂଗଠନ ତଥା ସୁବିଧାର ଦାବିଦାରମାନଙ୍କ ମଧ୍ୟରେ ସ୍ଥିର ନିଶ୍ଚିତ କରିପାରୁଛି।

(୨) ଜାତୀୟ ଜୈବ ବିବିଧତା ପ୍ରାଧିକରଣ ଏଥିପାଇଁ କରାଯାଇଥିବା ନିୟମ ଅନୁସାରେ ସୁବିଧାଗୁଡ଼ିକର ବଣ୍ଟନ ବ୍ୟବସ୍ଥା ସ୍ଥିର କରିବେ; ତାହାକୁ

ନିମ୍ନରେ ଦର୍ଶାଯାଇଥିବା ସମସ୍ତ କିମ୍ବା ଯେକୌଣସି ଏକ ଉପାୟରେ କାର୍ଯ୍ୟକାରୀ କରାଯିବ। ଯଥା:-

କ) ଜାତୀୟ ଜୈବ ବିବିଧତା ପ୍ରାଧିକରଣକୁ କିମ୍ବା ଯେଉଁଠାରେ ସୁବିଧାର ଦାବିଦାରମାନେ ଚିହ୍ନିତ ହୋଇଛନ୍ତି ସେମାନଙ୍କୁ ବୌଦ୍ଧିକ ସଂପତ୍ତି ଅଧିକାରର ମିଳିତ ମାଲିକାନା ପ୍ରଦାନ

ଖ) ପ୍ରଯୁକ୍ତି ବିଦ୍ୟାର ହସ୍ତାନ୍ତର

ଗ) ଉତ୍ପାଦନ, ଗବେଷଣା ଏବଂ ବିକାଶର ସଂସ୍ଥାଗୁଡ଼ିକ ଏପରି ସ୍ଥାନରେ ହେବା ଆବଶ୍ୟକ ଯଦ୍ଦ୍ୱାରା ସୁବିଧାର ଦାବିଦାରମାନଙ୍କ ଜୀବନ ଧାରଣର ସ୍ଥିତିକୁ ଉନ୍ନତ କରିବାରେ ତାହା ସହାୟତା କରିବ।

ଘ) ଜୈବ-ସଂପଦ, ଜୈବ-ସର୍ବେକ୍ଷଣ ଓ ଜୈବ ଉପଯୋଗ କ୍ଷେତ୍ରରେ ଗବେଷଣା ଓ ବିକାଶ ସହିତ ଭାରତୀୟ ବୈଜ୍ଞାନିକ, ସୁବିଧାର ଦାବିଦାର ଏବଂ ସ୍ଥାନୀୟ ଲୋକମାନଙ୍କ ସଂପୃକ୍ତ

ଙ) ସୁବିଧାର ଦାବିଦାରମାନଙ୍କ ସହାୟତା ନିମନ୍ତେ Venture Capital Fund ର ପ୍ରତିଷ୍ଠା।

ଚ) ଜାତୀୟ ଜୈବ ବିବିଧତା ପ୍ରାଧିକରଣ ଯେପରି ଉପଯୁକ୍ତ ମନେକରିବେ ସେହିପରିଭାବେ ସୁବିଧାର ଦାବିଦାରମାନଙ୍କୁ ଆର୍ଥିକ କ୍ଷତିପୂରଣ ଏବଂ ଅଣଆର୍ଥିକ ସହାୟତା ପ୍ରଦାନ।

(୩) ସୁବିଧା ବଣ୍ଟନ ହିସାବରେ ଯେଉଁଠାରେ କୌଣସି ପରିମାଣର ଟଙ୍କା ଦେବା ପାଇଁ ଆଦେଶ କରାଯାଇଛି ସେପରିସ୍ଥଳେ ଜାତୀୟ ଜୈବ ବିବିଧତା ପ୍ରାଧିକରଣ ଜାତୀୟ ଜୈବ ବିବିଧତା ପାଣ୍ଠିରେ ସେହି ପରିମାଣର ଟଙ୍କା ଜମା ହେବା ନିମନ୍ତେ ପଠାଇପାରନ୍ତି:

ପରନ୍ତୁ ଯେଉଁଠାରେ ଜୈବ ସଂପଦ କିମ୍ବା ଜ୍ଞାନ ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷ, ଗୋଷ୍ଠୀ କିମ୍ବା ସଂଗଠନଗୁଡ଼ିକର ପ୍ରବେଶାଧିକାର ଫଳରେ ନିର୍ଣ୍ଣିତ ହୋଇଥାଏ ସେପରିସ୍ଥଳେ ଜାତୀୟ ଜୈବ ବିବିଧତା ପ୍ରାଧିକରଣ ସେହି ପରିମାଣକୁ ସିଧାସଳଖ ସେହି ବ୍ୟକ୍ତିବିଶେଷ, ଗୋଷ୍ଠୀ କିମ୍ବା ସଂଗଠନଗୁଡ଼ିକୁ କୌଣସି ଚୁକ୍ତିର ବ୍ୟବସ୍ଥା ଅନୁସାରେ ବା ଯେପରି ଉଚିତ ମନେ କରିବେ ସେପରି ଭାବରେ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇପାରିବେ।

(୪) ଏହି ଧାରା ଉଦ୍ଦେଶ୍ୟରେ ଜାତୀୟ ଜୈବ ବିବିଧତା ପ୍ରାଧିକରଣ କେନ୍ଦ୍ରସରକାରଙ୍କ ସହିତ ପରାମର୍ଶ କରି ବିନିୟମାବଳୀ ଦ୍ୱାରା ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରିପାରିବେ।

## ଅଧ୍ୟାୟ-୬

# ରାଜ୍ୟ ଜୈବ ବିବିଧତା ବୋର୍ଡ

**ରାଜ୍ୟ ଜୈବ ବିବିଧତା ବୋର୍ଡର ପ୍ରତିଷ୍ଠା**

**୨୨.** (୧) ରାଜ୍ୟ ସରକାର, ସରକାରୀ ଗେଜେଟ୍‌ରେ ଅଧିସୂଚନା ଦ୍ୱାରା ଏଥିପାଇଁ ଯେଉଁ ନିର୍ଦ୍ଦିଷ୍ଟ ଦିନ ସ୍ଥିର କରିପାରିବେ ସେହିଦିନଠାରୁ ସେହି ସରକାରଙ୍କ ଦ୍ୱାରା ଅଧିନିୟମର ଉଦ୍ଦେଶ୍ୟଗୁଡ଼ିକୁ ହାସଲ କରିବା ନିମନ୍ତେ ରାଜ୍ୟର ଏକ ବୋର୍ଡ ପ୍ରତିଷ୍ଠା କରାଯିବ ଯାହାକୁ —————————— (ରାଜ୍ୟର ନାମ) ଜୈବ ବିବିଧତା ବୋର୍ଡ ବୋଲି କୁହାଯିବ ।

(୨) ଏହି ଧାରାରେ ଯାହାକିଛି ଥାଉ ନା କାହିଁକି, କୌଣସି କେନ୍ଦ୍ରଶାସିତ ଅଞ୍ଚଳ ନିମନ୍ତେ କୌଣସି ରାଜ୍ୟ ଜୈବ ବିବିଧତା ବୋର୍ଡ ଗଠନ କରାଯିବ ନାହିଁ ଏବଂ କେନ୍ଦ୍ରଶାସିତ ଅଞ୍ଚଳ କ୍ଷେତ୍ରରେ ଜାତୀୟ ଜୈବ ବିବିଧତା ପ୍ରାଧିକରଣ ସେହି କେନ୍ଦ୍ରଶାସିତ ଅଞ୍ଚଳ ନିମନ୍ତେ ରାଜ୍ୟ ଜୈବ ବିବିଧତା ବୋର୍ଡର କ୍ଷମତା ପ୍ରୟୋଗ କରିବେ ଏବଂ ସେହି କାର୍ଯ୍ୟଗୁଡ଼ିକ କରିବେ:

ପରନ୍ତୁ ଯେକୌଣସି କେନ୍ଦ୍ରଶାସିତ ଅଞ୍ଚଳ କ୍ଷେତ୍ରରେ ଜାତୀୟ ଜୈବ ବିବିଧତା ପ୍ରାଧିକରଣ ଏହି ଉପଧାରା ଅନୁସାରେ ନିଜର ସମସ୍ତ କିମ୍ବା ଯେକୌଣସି ଏକ କ୍ଷମତା କିମ୍ବା କାର୍ଯ୍ୟ କେନ୍ଦ୍ର ସରକାର ଯେପରି ଧାର୍ଯ୍ୟ କରିବେ ତଦନୁଯାୟୀ ସେପରି ବ୍ୟକ୍ତି ବା ବ୍ୟକ୍ତିସମୂହଙ୍କୁ ନ୍ୟସ୍ତ କରିପାରିବେ ।

(୩) ଉଭୟ ସ୍ଥାବର ଏବଂ ଅସ୍ଥାବର ସଂପତ୍ତି ହାସଲ କରିବା, ଧାରଣ କରିବା ଓ ବିକ୍ରି କରିବା ତଥା ଠିକା କାର୍ଯ୍ୟ ବରାଦ କରିବାର କ୍ଷମତା ସହିତ ସ୍ଥାୟୀ ଉତ୍ତରାଧିକାର ଏବଂ ଏକ ସାଧାରଣ ମୋହର ଥାଇ ବୋର୍ଡ଼ ପୂର୍ବୋକ୍ତ ନାମ ଅନୁସାରେ ଏକ ନିଗମ ଅନୁଷ୍ଠାନରେ ପରିଣତ ହେବ ଏବଂ ଉକ୍ତ ନାମକୁ ଆଧାର କରି ନିଜେ ମକଦ୍ଦମା ଦାଏର କରିପାରିବ ଓ ଅନ୍ୟମାନେ ସଂସ୍ଥା ବିପକ୍ଷରେ ମକଦ୍ଦମା ରୁଜୁ କରିପାରିବେ ।

(୪) ନିମ୍ନ ସଭ୍ୟମାନଙ୍କୁ ନେଇ ବୋର୍ଡ ଗଠିତ ହେବ ଯଥା:-

(କ) ରାଜ୍ୟ ସରକାରଙ୍କ ଦ୍ୱାରା ଜୈବ ବିବିଧତାର ସଂରକ୍ଷଣ ଏବଂ ଧାରାବାହିକ ବ୍ୟବହାର ସଂପର୍କରେ ଏବଂ ସୁବିଧାଗୁଡ଼ିକର ନ୍ୟାୟସଙ୍ଗତ ବଣ୍ଟନ ବିଷୟରେ ଯଥେଷ୍ଟ ଜ୍ଞାନ ଏବଂ ଅଭିଜ୍ଞତା ଥିବା ଜଣେ ଦକ୍ଷ ବ୍ୟକ୍ତିଙ୍କୁ ବୋର୍ଡ଼ର ଅଧକ୍ଷ ପଦରେ ନିଯୁକ୍ତ କରାଯିବ ।

(ଖ) ରାଜ୍ୟ ସରକାରଙ୍କ ଅଧୀନରେ ଥିବା ସଂପୃକ୍ତ ବିଭାଗଗୁଡ଼ିକର ପ୍ରତିନିଧିତ୍ୱ କରିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ପାଞ୍ଚ ଜଣରୁ ଅଧିକ ସଂଖ୍ୟକ ସଭ୍ୟ ସଭ୍ୟା ନିଯୁକ୍ତ ହେବେନାହିଁ ।

(ଗ) ଜୈବ ବିବିଧତାର ସଂରକ୍ଷଣ, ଜୈବ ସଂପଦର ଧାରାବାହିକ ବ୍ୟବହାର ଏବଂ ଜୈବ ସଂପଦର ବ୍ୟବହାର ଦ୍ୱାରା ମିଳୁଥିବା ସୁବିଧାଗୁଡ଼ିକର ନ୍ୟାୟସଙ୍ଗତ ବଣ୍ଟନ ସଂପର୍କିତ ବିଷୟଗୁଡ଼ିକ ଉପରେ ଯେଉଁମାନେ ବିଶେଷଜ୍ଞ ସେମାନଙ୍କ ମଧ୍ୟରୁ ପାଞ୍ଚ ଜଣରୁ ଅଧିକ ସଂଖ୍ୟକ ସଭ୍ୟସଭ୍ୟା ନିଯୁକ୍ତ ହେବେ ନାହିଁ ।

(୫) ରାଜ୍ୟ ଜୈବ ବିବିଧତା ବୋର୍ଡର ମୁଖ୍ୟ କାର୍ଯ୍ୟାଳୟ ରାଜ୍ୟ ସରକାର ଯେଉଁଠାରେ ସ୍ଥିର କରିବେ ସେପରି ସ୍ଥାନରେ ଅବସ୍ଥାପିତ ହେବ।

**ରାଜ୍ୟ ଜୈବ ବିବିଧତା ବୋର୍ଡର କାର୍ଯ୍ୟ**

**୨୩.** ରାଜ୍ୟ ଜୈବ ବିବିଧତା ବୋର୍ଡର କାର୍ଯ୍ୟଗୁଡ଼ିକ ନିମ୍ନୋକ୍ତମତେ ହେବ:-

(କ) ଜୈବ ବିବିଧତାର ସଂରକ୍ଷଣ, ଏହାର ଉପାଙ୍ଗଗୁଡ଼ିକର ଧାରାବାହିକ ବ୍ୟବହାର ଏବଂ ଜୈବ ସଂପଦର ଉପଯୋଗ ଦ୍ୱାରା ମିଳୁଥିବା ସୁବିଧାଗୁଡ଼ିକର ନ୍ୟାୟସଙ୍ଗତ ବଣ୍ଟନ ବିଷୟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଜାରି କରାଯାଉଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ ବୋର୍ଡ଼ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେବ।

(ଖ) ଯେ କୌଣସି ଜୈବ ସଂପଦର ବ୍ୟାବସାୟିକ ଉପଯୋଗ କିମ୍ବା ଜୈବ-ସର୍ବେକ୍ଷଣ ଏବଂ ଜୈବ ଉପଯୋଗ ନିମନ୍ତେ ଭାରତୀୟମାନଙ୍କ ଦ୍ୱାରା କରାଯାଉଥିବା ଅନୁରୋଧକୁ ଅନୁମୋଦନ ପ୍ରଦାନ କରି କିମ୍ବା ଅନ୍ୟପ୍ରକାରେ ବୋର୍ଡ଼ ନିୟନ୍ତ୍ରଣ କରିବ।

(ଗ) ବୋର୍ଡ଼ ଉକ୍ତ ଅଧିନିୟମର ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ କିମ୍ବା ରାଜ୍ୟ ସରକାରଙ୍କ ଦ୍ୱାରା ଯେପରି ଧାର୍ଯ୍ୟ କରାଯିବ ସେହି ଅନୁସାରେ ଅନ୍ୟାନ୍ୟ କାର୍ଯ୍ୟ ସଂପାଦନ କରିବ।

**ସଂରକ୍ଷଣ ଇତ୍ୟାଦି ଉଦ୍ଦେଶ୍ୟକୁ ଉଲ୍ଲଂଘନ କରୁଥିବା କାର୍ଯ୍ୟକଳାପକୁ ସୀମିତ କରିବା ପାଇଁ ରାଜ୍ୟ ଜୈବ ବିବିଧତା ବୋର୍ଡର କ୍ଷମତା**

**୨୪.** (୧) ଭାରତର କୌଣସି ନାଗରିକ କିମ୍ବା ଭାରତରେ ପଞ୍ଜିକୃତ ହୋଇଥିବା କୌଣସି ନିଗମ, ସଂଗଠନ କିମ୍ବା ସଂଘ ଯଦି ଧାରା ୭ରେ ଉଲ୍ଲେଖ କରାଯାଇଥିବା କୌଣସି କାର୍ଯ୍ୟ କରିବାକୁ ଇଚ୍ଛା କରନ୍ତି ତେବେ ସେହି ନିୟମରେ ସେମାନେ ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଫର୍ମରେ ରାଜ୍ୟ ଜୈବ ବିବିଧତା ବୋର୍ଡକୁ ପୂର୍ବରୁ ସୂଚନା ଦେବେ।

(୨) ଉପଧାରା (୧) ଅନୁସାରେ ଏକ ସୂଚନା ପାଇବା ପରେ ରାଜ୍ୟ ଜୈବ ବିବିଧତା ବୋର୍ଡ ସଂପୃକ୍ତ ସ୍ଥାନୀୟ ସଂସ୍ଥାଗୁଡ଼ିକ ସହିତ ପରାମର୍ଶ କରି ଏବଂ ଯେପରି ଉଚିତ୍ ମନେକରିବେ ସେପରି ଅନୁସନ୍ଧାନ କରି ଆଦେଶ ଦ୍ୱାରା କୌଣସି କାର୍ଯ୍ୟ ଯଦି ତାହା ତାଙ୍କ ମତରେ ଜୈବ ବିବିଧତାର ସଂରକ୍ଷଣ ଏବଂ ଧାରାବାହିକ ବ୍ୟବହାର କିମ୍ବା ଏଭଳି କାର୍ଯ୍ୟକଳାପରୁ ମିଳୁଥିବା ସୁବିଧାଗୁଡ଼ିକର ନ୍ୟାୟସଙ୍ଗତ ବଣ୍ଟନ ପ୍ରଭୃତି ଉଦ୍ଦେଶ୍ୟ ନିମନ୍ତେ କ୍ଷତିକାରକ କିମ୍ବା ବିରୁଦ୍ଧାତ୍ମକ ହେଉ ଥାଏ ତା'ହେଲେ ତାହାକୁ ବନ୍ଦ କରିପାରିବେ ବା ସୀମିତ କରିପାରିବେ।

ପରନ୍ତୁ ପ୍ରଭାବିତ ବ୍ୟକ୍ତିଙ୍କୁ ଶୁଣାଣିର ସୁଯୋଗ ନ ଦେଇ ସେପରି କୌଣସି ଆଦେଶ ଦିଆଯିବ ନାହିଁ।

(୩) ପୂର୍ବ ସୂଚନା ନିମନ୍ତେ ଉପଧାରା ୧ର ଉଲ୍ଲେଖ ଅନୁଯାୟୀ ଥିବା ଫର୍ମରେ ଯେଉଁ ତଥ୍ୟ ସୂଚନା ପ୍ରଦାନ କରାଯାଇଥିବ ତାହାକୁ ଗୋପନୀୟ ରଖାଯିବ ଏବଂ ଇଚ୍ଛାକୃତ ବା ଅନିଚ୍ଛାକୃତ ଭାବେ ସେଥିସହିତ ସଂପୃକ୍ତ ନଥିବା କୌଣସି ବ୍ୟକ୍ତିକୁ ତାହା ପ୍ରକାଶ କରାଯିବ ନାହିଁ।

ଧାରା ୯ରୁ ୧୭ପର୍ଯ୍ୟନ୍ତ ଥିବା ବ୍ୟବସ୍ଥାଗୁଡ଼ିକ ପରିବର୍ତ୍ତନ ସହିତ ରାଜ୍ୟ ଜୈବ ବିବିଧତା ବୋର୍ଡ ପାଇଁ ଲାଗୁହେବ ।

**୨୫.** ଧାରା ୯ରୁ ୧୭ ପର୍ଯ୍ୟନ୍ତ ଥିବା ବ୍ୟବସ୍ଥାଗୁଡ଼ିକ ଯେକୌଣସି ରାଜ୍ୟ ଜୈବ ବିବିଧତା ବୋର୍ଡ ପାଇଁ ଲାଗୁ ହେବ ଏବଂ ନିମ୍ନ ପରିବର୍ତ୍ତନଗୁଡ଼ିକ ସହିତ କାର୍ଯ୍ୟକାରୀ ହେବ । ଯଥା:-

(କ) କେନ୍ଦ୍ରସରକାରଙ୍କ ପ୍ରତି ଉଦ୍ଦିଷ୍ଟ ପ୍ରସଙ୍ଗଗୁଡ଼ିକୁ ଯେଉଁଭଳି ବ୍ୟାଖ୍ୟା କରାଯାଇଛି ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ମଧ୍ୟ ପ୍ରସଙ୍ଗଗୁଡ଼ିକୁ ସେହିଭଳି ବ୍ୟାଖ୍ୟା କରାଯିବ ।

(ଖ) ଜାତୀୟ ଜୈବ ବିବିଧତା ବୋର୍ଡ ଉଦ୍ଦେଶ୍ୟରେ ପ୍ରସଙ୍ଗଗୁଡ଼ିକୁ ଯେପରି ବ୍ୟାଖ୍ୟା କରାଯାଇଛି ରାଜ୍ୟ ଜୈବ ବିବିଧତା ବୋର୍ଡ ଉଦ୍ଦେଶ୍ୟରେ ମଧ୍ୟ ପ୍ରସଙ୍ଗଗୁଡ଼ିକୁ ସେହିଭଳି ବ୍ୟାଖ୍ୟା କରାଯିବ ।

## ଅଧ୍ୟାୟ-୭

## ଜାତୀୟ ଜୈବ ବିବିଧତା ପ୍ରାଧିକରଣର ଅର୍ଥ ବ୍ୟବସ୍ଥା, ହିସାବ ଏବଂ ସମୀକ୍ଷା

କେନ୍ଦ୍ର ସରକାରଙ୍କ ଦ୍ୱାରା ଅନୁଦାନ କିମ୍ବା ଋଣ

**୨୬.** କେନ୍ଦ୍ର ସରକାର ଏଥିନିମନ୍ତେ ବିଧି ଦ୍ୱାରା ଖର୍ଚ୍ଚ ପାଇଁ ସଂସଦ ତରଫରୁ ଅର୍ଥ ବରାଦ କଲାପରେ କେନ୍ଦ୍ର ସରକାର ଯେପରି ଉପଯୁକ୍ତ ମନେକରିବେ ଏହି ଅଧିନିୟମ ଉଦ୍ଦେଶ୍ୟରେ ବ୍ୟବହୃତ ହେବା ପାଇଁ ଜାତୀୟ ଜୈବ ବିବିଧତା ପ୍ରାଧିକରଣକୁ ଅନୁଦାନ କିମ୍ବା ଋଣ ଆକାରରେ ସେହି ପରିମାଣର ଅର୍ଥ ଦେବେ ।

ଜାତୀୟ ଜୈବ ବିବିଧତା ପାଣ୍ଠିର ଗଠନ

**୨୭.** (୧) ଜାତୀୟ ଜୈବ ବିବିଧତା ପାଣ୍ଠି ନାମରେ ଏକ ପାଣ୍ଠି ଗଠିତ ହେବ ଏବଂ ସେଥିରେ ନିମ୍ନମତେ ଜମା କରାଯିବ:-

(କ) ଧାରା ୨୬ ଅନୁସାରେ ଜାତୀୟ ଜୈବ ବିବିଧତା ପ୍ରାଧିକରଣକୁ ଦିଆଯାଇଥିବା କୌଣସି ଅନୁଦାନ କିମ୍ବା ଋଣ;

(ଖ) ଏହି ଅଧିନିୟମ ଅନୁସାରେ ଜାତୀୟ ଜୈବ ବିବିଧତା ପ୍ରାଧିକରଣ ଦ୍ୱାରା ସମସ୍ତ ମୂଲ୍ୟ ଏବଂ ଲାଭାଂଶ ଗ୍ରହଣ କରାଯିବ; ଏବଂ

(ଗ) କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ଥିର କରିବା ଅନୁଯାୟୀ ଜାତୀୟ ଜୈବ ବିବିଧତା ପ୍ରାଧିକରଣକୁ ଅନ୍ୟାନ୍ୟ ସୂତ୍ରରୁ ମିଳୁଥିବା ଧନରାଶି ।

(୨) ପାଣ୍ଠି ନିମ୍ନୋକ୍ତମତେ ବ୍ୟବହାର କରାଯିବ,-

(କ) ସୁବିଧାଗୁଡ଼ିକୁ ସୁବିଧାର ଦାବିଦାରଙ୍କ ନିକଟରେ ପହଞ୍ଚାଇବ ।

(ଖ) ଜୈବ ସଂପଦର ସଂରକ୍ଷଣ ଏବଂ ଉନ୍ନତି ସହିତ ଯେଉଁ ଅଞ୍ଚଳଗୁଡ଼ିକରୁ ଏହି ଜୈବ ସଂପଦ ଏବଂ ସେଥିସହିତ ସଂପୃକ୍ତ ଜ୍ଞାନ ହାସଲ କରାଯାଇଛି ସେଗୁଡ଼ିକର ବିକାଶ ।

(ଗ) ସଂପୃକ୍ତ ସ୍ଥାନୀୟ ସଂଗଠନଗୁଡ଼ିକ ସହିତ ପରାମର୍ଶ କରି ଖଣ୍ଡ (ଖ)ରେ ଉଲ୍ଲେଖ କରାଯାଇଥିବା ଅଞ୍ଚଳଗୁଡ଼ିକର ସାମାଜିକ ଏବଂ ଆର୍ଥିକ ବିକାଶ ।

**ଜାତୀୟ ଜୈବ ବିବିଧତା ବୋର୍ଡର ବାର୍ଷିକ ବିବରଣୀ**

**୨୮.** ଜାତୀୟ ଜୈବ ବିବିଧତା ପ୍ରାଧିକରଣ ପ୍ରତ୍ୟେକ ଆର୍ଥିକବର୍ଷରେ ନିର୍ଦ୍ଧାରିତ ଫର୍ମ ଏବଂ ସମୟରେ ପୂର୍ବ ଆର୍ଥିକ ବର୍ଷ କାର୍ଯ୍ୟକଳାପର ସଂପୂର୍ଣ୍ଣ ବିବରଣୀ ଦେଇ ନିଜର ବାର୍ଷିକ ବିବରଣୀ ପ୍ରସ୍ତୁତ କରିବେ ଏବଂ ନିର୍ଦ୍ଧାରିତ ସମୟ ପୂର୍ବରୁ ଏହାର ହିସାବର ସମୀକ୍ଷିତ ନକଲ ସହିତ ସେହି ସମ୍ବନ୍ଧେ ସମୀକ୍ଷକଙ୍କ ବିବରଣୀ ଯୋଗକରି କେନ୍ଦ୍ର ସରକାରଙ୍କ ନିକଟରେ ଦାଖଲ କରିବେ।

**ଆୟବ୍ୟୟ ବିବରଣୀ, ହିସାବ ଏବଂ ସମୀକ୍ଷା**

**୨୯.** (୧) ଜାତୀୟ ଜୈବ ବିବିଧତା ପ୍ରାଧିକରଣ ଏକ ଆୟବ୍ୟୟ ବିବରଣୀ ପ୍ରସ୍ତୁତ କରିବେ, ହିସାବ ଏବଂ ଅନ୍ୟାନ୍ୟ ପ୍ରାସଙ୍ଗିକ ନଥିପତ୍ର (ଜାତୀୟ ଜୈବ ବିବିଧତା ପାଣ୍ଠିର ହିସାବ ଏବଂ ଅନ୍ୟାନ୍ୟ ପ୍ରାସଙ୍ଗିକ ନଥିପତ୍ର ଏଥିରେ ଅନ୍ତର୍ଭୁକ୍ତ) ଠିକ୍ ଭାବରେ ରଖିବେ ଏବଂ ଯାହା —————— ସହିତ ପରାମର୍ଶ କରି କେନ୍ଦ୍ରସରକାରଙ୍କ ଦ୍ୱାରା ନିର୍ଦ୍ଧାରଣ କରାଯାଇଥିବା ଫର୍ମରେ ଏକ ବାର୍ଷିକ ହିସାବ ବିବରଣୀ ପ୍ରସ୍ତୁତ କରିବେ।

(୨) ଜାତୀୟ ଜୈବ ବିବିଧତା ପ୍ରାଧିକରଣର ହିସାବଗୁଡ଼ିକ ଭାରତର ମହାଲେଖା ନିୟନ୍ତ୍ରକ ଓ ମହାସମୀକ୍ଷକଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟ ବ୍ୟବଧାନରେ ସମୀକ୍ଷା କରାଯିବ ଏବଂ ଏହି ସମୀକ୍ଷା ନିମନ୍ତେ ହୋଇଥିବା ଖର୍ଚ୍ଚ ଜାତୀୟ ଜୈବ ବିବିଧତା ପ୍ରାଧିକରଣ ଦ୍ୱାରା ଭାରତର ମହାଲେଖା ନିୟନ୍ତ୍ରକ ଓ ମହାସମୀକ୍ଷକଙ୍କୁ ଦିଆଯିବ।

(୩) ଭାରତର ମହାଲେଖା ନିୟନ୍ତ୍ରକ ଓ ମହାସମୀକ୍ଷକ ଏବଂ ଜାତୀୟ ଜୈବ ବିବିଧତା ପ୍ରାଧିକରଣର ହିସାବ ସମୀକ୍ଷା ପାଇଁ ତାଙ୍କ ଦ୍ୱାରା ନିଯୁକ୍ତ ଅନ୍ୟ କୌଣସି ବ୍ୟକ୍ତିଙ୍କର ସାଧାରଣତଃ ସରକାରୀ ହିସାବ ସମୀକ୍ଷା କ୍ଷେତ୍ରରେ ମହାଲେଖା ନିୟନ୍ତ୍ରକ ଓ ମହା ସମୀକ୍ଷକଙ୍କ ଭଳି ଉକ୍ତ ସମୀକ୍ଷା କ୍ଷେତ୍ରରେ ମଧ୍ୟ ସେହି ସମାନ ଅଧିକାର, ସୁବିଧା ଓ କ୍ଷମତା ରହିବ ଏବଂ ବିଶେଷତଃ ଜାତୀୟ ଜୈବ ବିବିଧତା ପ୍ରାଧିକରଣର ପୁସ୍ତକପତ୍ର, ହିସାବନିକାଶ, ସଂପୃକ୍ତ ବିଲ୍, ଅନ୍ୟାନ୍ୟ ଦସ୍ତାବିଜ ଏବଂ କାଗଜପତ୍ର ଦାଖଲ କରିବା ପାଇଁ ଓ ତାହାର ଯେକୌଣସି କାର୍ଯ୍ୟାଳୟ ନିରୀକ୍ଷଣ କରିପାରିବା ପାଇଁ ଦାବି କରିପାରିବେ।

(୪) ଭାରତର ମହାଲେଖା ନିୟନ୍ତ୍ରକ ଏବଂ ମହାସମୀକ୍ଷକ କିମ୍ବା ଏଥିନିମନ୍ତେ ତାଙ୍କ ଦ୍ୱାରା ନିଯୁକ୍ତ ଅନ୍ୟ କୌଣସି ବ୍ୟକ୍ତିଙ୍କ ଦ୍ୱାରା ହୋଇଥିବା ଜାତୀୟ ଜୈବ ବିବିଧତା ପ୍ରାଧିକରଣର ପ୍ରମାଣୀକୃତ ହିସାବ ଓ ସେହି ସମ୍ବନ୍ଧୀୟ ସମୀକ୍ଷା ବିବରଣୀ ପ୍ରତିବର୍ଷ କେନ୍ଦ୍ରସରକାରଙ୍କ ନିକଟକୁ ପଠାଯିବ।

**ବାର୍ଷିକ ରିପୋର୍ଟ ସଂସଦରେ ଆଗତ କରାଯିବ**

**୩୦.** କେନ୍ଦ୍ର ସରକାର ବାର୍ଷିକ ବିବରଣୀ ଏବଂ ସମୀକ୍ଷକଙ୍କ ବିବରଣୀ ଗ୍ରହଣ କଲାପରେ ଯଥାଶୀଘ୍ର ତାହାକୁ ସଂସଦର ଉଭୟ ଗୃହରେ ଆଗତ କରିବେ।

## ଅଧ୍ୟାୟ-୮

# ରାଜ୍ୟ ଜୈବ ବିବିଧତା ବୋର୍ଡର ଅର୍ଥବ୍ୟବସ୍ଥା, ହିସାବ ଓ ସମୀକ୍ଷା

**ରାଜ୍ୟ ଜୈବ ବିବିଧତା ବୋର୍ଡକୁ ରାଜ୍ୟ ସରକାରଙ୍କର ଅର୍ଥ ଅନୁଦାନ**

**୩୧.** ଏତଦୁପଲକ୍ଷ୍ୟେ ବିଧି ଦ୍ୱାରା ରାଜ୍ୟ ବିଧାନସଭା ତରଫରୁ ଯଥାରୀତି ଅର୍ଥ ବିନିଯୋଗ ଅନୁମୋଦନ ଲାଭ କରିବା ପରେ ରାଜ୍ୟ ସରକାର, ଯେପରି ଉପଯୁକ୍ତ ମନେକରନ୍ତି, ଏହି ଅଧିନିୟମ ଉଦ୍ଦେଶ୍ୟରେ ବ୍ୟବହୃତ ହେବା ଲାଗି ରାଜ୍ୟ ଜୈବ ବିବିଧତା ବୋର୍ଡକୁ ଅନୁଦାନ କିମ୍ବା ଋଣ ହିସାବରେ ସେହି ଅର୍ଥ ରାଶି ପ୍ରଦାନ କରିପାରିବେ।

**ଜୈବ ବିବିଧତା ପରିଚାଳନା କମିଟିଗୁଡ଼ିକର ଗଠନ**

**୩୨.** (୧) ରାଜ୍ୟ ଜୈବ ବିବିଧତା ପାଣ୍ଠି ନାମରେ ଏକ ପାଣ୍ଠି ଗଠିତ ହେବ ଏବଂ ସେଥିରେ ନିମ୍ନରେ ଦର୍ଶାଯାଇଥିବାମତେ ଜମା ରହିବ:

(କ) ଧାରା ୩୧ ଅନୁସାରେ ରାଜ୍ୟ ଜୈବ ବିବିଧତା ବୋର୍ଡକୁ ଦିଆଯାଇଥିବା କୌଣସି ଅନୁଦାନ କିମ୍ବା ଋଣ;

(ଖ) ଜାତୀୟ ଜୈବ ବିବିଧତା ପ୍ରାଧିକରଣ ଦ୍ୱାରା ଦିଆଯାଇଥିବା କୌଣସି ଅନୁଦାନ କିମ୍ବା ଋଣ;

(ଗ) ରାଜ୍ୟ ସରକାରଙ୍କ ଦ୍ୱାରା ଯେପରି ସ୍ଥିର କରାଯାଇଥିବ ସେହି ଅନୁସାରେ ଅନ୍ୟାନ୍ୟ ସୂତ୍ରରୁ ଆସି ରାଜ୍ୟ ଜୈବ ବିବିଧତା ବୋର୍ଡ ଦ୍ୱାରା ଗ୍ରହଣ କରାଯାଇଥିବା ସମସ୍ତ ରାଶି।

(୨) ରାଜ୍ୟ ଜୈବ ବିବିଧତା ପାଣ୍ଠି ଏହିପରି ଭାବେ ବ୍ୟବହାର କରାଯିବ-

(କ) ଐତିହ୍ୟ ସ୍ଥଳଗୁଡ଼ିକର ପରିଚାଳନା ଏବଂ ସଂରକ୍ଷଣ;

(ଖ) ଧାରା ୩୭ର ଉପଧାରା (୧) ଅନୁସାରେ ହୋଇଥିବା ଅଧିସୂଚନା ଦ୍ୱାରା ଆର୍ଥିକ ଭାବେ କ୍ଷତିଗ୍ରସ୍ତ କୌଣସି ଗୋଷ୍ଠୀର ଲୋକମାନଙ୍କୁ କ୍ଷତିପୂରଣ ଦେବା କିମ୍ବା ଥଇଥାନ କରିବାରେ;

(ଗ) ଜୈବ ସଂପଦର ସଂରକ୍ଷଣ ଏବଂ ଉନ୍ନତି;

(ଘ) ସଂପୃକ୍ତ ସ୍ଥାନୀୟ ଗୋଷ୍ଠୀମାନଙ୍କ ସହିତ ଆଲେଚାନା କରି ଧାରା ୨୪ ମୁତାବକ ହୋଇଥିବା କୌଣସି ନିର୍ଦ୍ଦେଶ ପାଳନ କରି ସେସବୁ ଜୈବ-ସଂପଦ ବା ତା' ସହ ସଂପୃକ୍ତ ଜ୍ଞାନ ସହ କରାଯାଇଥିବା ଅଞ୍ଚଳଗୁଡ଼ିକର ସମାଜ-ଅର୍ଥନୀତିକ ବିକାଶ।

(ଙ) ଏହି ଅଧିନିୟମ ଦ୍ୱାରା ଅଧିକୃତ ଉଦ୍ଦେଶ୍ୟରେ ବ୍ୟୟ କରାଯାଇଥିବା ଖର୍ଚ୍ଚ ବହନ କରିବା।

**ରାଜ୍ୟ ଜୈବ ବିବିଧତା ବୋର୍ଡର ବାର୍ଷିକ ବିବରଣୀ ରାଜ୍ୟ ବିଧାନସଭାରେ ଆଗତ କରାଯିବ**

**୩୩.** ରାଜ୍ୟ ଜୈବ ବିବିଧତା ବୋର୍ଡ ପୂର୍ବ ଆର୍ଥିକ ବର୍ଷରେ ହୋଇଥିବା କାର୍ଯ୍ୟକଳାପର ଏକ ସଂପୂର୍ଣ୍ଣ ବିବରଣୀ ଦେଇ ଏହାର ବାର୍ଷିକ ବିବରଣୀ ପ୍ରତ୍ୟେକ ଆର୍ଥିକ ବର୍ଷରେ ନିର୍ଦ୍ଧାରିତ ଫର୍ମ ଏବଂ ସମୟରେ ପ୍ରସ୍ତୁତ କରିବେ ଏବଂ ତାହାର ଏକ ନକଲ ରାଜ୍ୟ ସରକାରଙ୍କ ନିକଟକୁ ପଠାଇବେ।

**ରାଜ୍ୟ ଜୈବ ବିବିଧତା ବୋର୍ଡର ହିସାବର ସମୀକ୍ଷା**

**୩୪.** ରାଜ୍ୟ ଜୈବ ବିବିଧତା ବୋର୍ଡର ହିସାବ ରାଜ୍ୟର ମହାହିସାବ ନିରୀକ୍ଷକଙ୍କ ସହିତ ପରାମର୍ଶ କରି ଯେପରି ନିର୍ଦ୍ଧାରଣ କରାଯାଇପାରେ ସେପରି ଭାବରେ ରଖାଯିବ ଓ ସମୀକ୍ଷା କରାଯିବ ଏବଂ ରାଜ୍ୟ ଜୈବ ବିବିଧତା ବୋର୍ଡ ରାଜ୍ୟ ସରକାରଙ୍କୁ ଏହାର ହିସାବର ସମୀକ୍ଷିତ ନକଲ ଏବଂ ଏହା ସହିତ ଏହା ଉପରେ ସମୀକ୍ଷକଙ୍କ ବିବରଣୀ ଧାର୍ଯ୍ୟ କରାଯାଇଥିବା ତାରିଖ ପୂର୍ବରୁ ଦାଖଲ କରିବେ ।

**ରାଜ୍ୟ ଜୈବ ବିବିଧତା ବୋର୍ଡର ବାର୍ଷିକ ବିବରଣୀ ବିଧାନସଭାରେ ଉପସ୍ଥାପନ କରାଯିବ**

**୩୫.** ରାଜ୍ୟ ସରକାର ବାର୍ଷିକ ବିବରଣୀ ଏବଂ ସମୀକ୍ଷକଙ୍କ ବିବରଣୀ ପାଇବା ପରେ ଯଥାଶୀଘ୍ର ରାଜ୍ୟ ବିଧାନସଭା ଗୃହରେ ତାହାକୁ ଉପସ୍ଥାପନ କରିବେ ।

## ଅଧ୍ୟାୟ-୯

## କେନ୍ଦ୍ର ଓ ରାଜ୍ୟସରକାରମାନଙ୍କର କର୍ତ୍ତବ୍ୟ

**କେନ୍ଦ୍ରସରକାର ଜୈବ ବିବିଧତାର ସଂରକ୍ଷଣ ଇତ୍ୟାଦି ନିମନ୍ତେ ଜାତୀୟ କୌଶଳ, ଯୋଜନା**

**୩୬.** (୧) କେନ୍ଦ୍ରସରକାର ଜୈବ ବିବିଧତାର ସଂରକ୍ଷଣ, ଉନ୍ନତି ଏବଂ ନିରନ୍ତର ବ୍ୟବହାର ନିମନ୍ତେ ଜାତୀୟ କୌଶଳ, ଯୋଜନା ଏବଂ କାର୍ଯ୍ୟକ୍ରମଗୁଡ଼ିକ ପ୍ରସ୍ତୁତ କରିବେ ଯେଉଁଥିରେ ଜୈବ ସଂପଦରେ ଭରପୂର ଅଞ୍ଚଳଗୁଡ଼ିକର ଚିହ୍ନଟ ଏବଂ ତଦାରଖ ନିମନ୍ତେ ପଦକ୍ଷେପ, ଜୈବ ସଂପଦଗୁଡ଼ିକର ସଂରକ୍ଷଣ ଏବଂ ଜୈବବିବିଧତା ସଂପର୍କରେ ସଚେତନତା ବୃଦ୍ଧି ନିମନ୍ତେ ଜନଶିକ୍ଷା ଏବଂ ବିଶେଷ ଗବେଷଣା ଓ ତାଲିମ ନିମନ୍ତେ ପ୍ରୋତ୍ସାହନ ଅନ୍ତର୍ଭୁକ୍ତ ।

(୨) କେନ୍ଦ୍ରସରକାରଙ୍କର ବିଶ୍ୱାସ କରିବା ପାଇଁ କାରଣ ଥାଏ ଯେ ଅତ୍ୟଧିକ ବ୍ୟବହାର, ଅପବ୍ୟବହାର କିମ୍ବା ଅବହେଳା କାରଣରୁ ଯେଉଁଠାରେ କୌଣସି ଜୈବବିବିଧତା, ଜୈବସଂପଦ ଦୃଷ୍ଟିରୁ ସମୃଦ୍ଧ କୌଣସି ଅଞ୍ଚଳ ଏବଂ ସେମାନଙ୍କର ପ୍ରାକୃତିକ ବସବାସ ପ୍ରତି ବିପଦ ରହିଛି, ତେବେ ସେପରିସ୍ଥଳେ ସଂପୃକ୍ତ ରାଜ୍ୟସରକାର ଏହାକୁ ପ୍ରତିହତ କରିବା ନିମନ୍ତେ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶାବଳୀ ଜାରି କରିବେ ଏବଂ ଏହି ରାଜ୍ୟସରକାରଙ୍କୁ କୌଣସି ବୈଷୟିକ କିମ୍ବା ଅନ୍ୟାନ୍ୟ ସହାୟତା ଯାହା ଦେବା ସମ୍ଭବ କିମ୍ବା ଆବଶ୍ୟକ ତାହା ଯୋଗାଇଦେବେ ।

(୩) କେନ୍ଦ୍ରସରକାର ଜୈବବିବିଧତାର ସଂରକ୍ଷଣ, ଉନ୍ନତି ଏବଂ ନିରନ୍ତର ବ୍ୟବହାରକୁ ଯଥାସମ୍ଭବ ଯେଉଁଠାରେ ଉଚିତ୍ ମନେକରିବେ ସେଠାରେ ସେକ୍ଟୋରାଲ୍ କିମ୍ବା କ୍ରସ୍ ସେକ୍ଟୋରାଲ ଯୋଜନା, କାର୍ଯ୍ୟକ୍ରମ ଏବଂ ନୀତି ଅନୁଯାୟୀ ସଂପୂର୍ଣ୍ଣ କରିବେ ।

(୪) କେନ୍ଦ୍ରସରକାର ନିମ୍ନୋକ୍ତ ବିଷୟରେ ପଦକ୍ଷେପ ନେବେ:

(କ) ଯେଉଁଠାରେ ଆବଶ୍ୟକ ସେହି ପ୍ରକଳ୍ପ ଯେଉଁଠାରେ ଜୈବବିବିଧତା ଉପରେ ପ୍ରତିକୂଳ ପ୍ରଭାବ ପକାଇବାର ସମ୍ଭାବନା ରହିଛି ଆବଶ୍ୟକସ୍ଥଳେ ତାହାର ପରିବେଶ ସମ୍ବନ୍ଧୀୟ ପ୍ରଭାବ ଆକଳନ କରିବା ନିମନ୍ତେ ଯେଉଁଠାରେ ଉପଯୁକ୍ତ ମନେକରାଯିବ ସେଠାରେ ଜନସାଧାରଣଙ୍କ ଅଂଶଗ୍ରହଣ ରହିବା ଆବଶ୍ୟକ ଯାହାଫଳରେ ଏଭଳି ପ୍ରଭାବକୁ ଦୂର କରାଯାଇପାରିବ ବା କମ୍ କରାଯାଇପାରିବ।

(ଖ) ଜୈବ ପ୍ରଯୁକ୍ତିବିଦ୍ୟାର ଫଳାଫଳରୁ ମିଳୁଥିବା ଜୀବନ୍ତ ରୂପାନ୍ତରିତ ଜୀବ ଏବଂ ସେମାନଙ୍କର ବ୍ୟବହାର ସହିତ ସଂଯୁକ୍ତ ବିପଦକୁ ନିୟନ୍ତ୍ରଣ ତଥା ପରିଚାଳନା କରିବା ଦ୍ୱାରା ଜୈବବିବିଧତା ଏବଂ ମନୁଷ୍ୟ ସ୍ୱାସ୍ଥ୍ୟର ସଂରକ୍ଷଣ ଏବଂ ଧାରାବାହିକ ବ୍ୟବହାର ଉପରେ ପ୍ରତିକୂଳ ପ୍ରଭାବ ପକାଇବାର ସମ୍ଭାବନା ରହିଛି।

(୫) କେନ୍ଦ୍ରସରକାର, ସ୍ଥାନୀୟ ଲୋକଙ୍କର ଜୈବବିବିଧତା ସଂପର୍କୀୟ ଜ୍ଞାନକୁ ସମ୍ମାନ ଏବଂ ସୁରକ୍ଷା ଦେବାକୁ ପ୍ରୟାସ କରିବେ ଯାହା ଜାତୀୟ ଜୈବ ବିବିଧତା ପ୍ରାଧିକରଣଙ୍କ ଦ୍ୱାରା ସୁପାରିଶ ହୋଇଥିବା ଏବଂ ଏପରି ପଦକ୍ଷେପଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ ଉପରୋକ୍ତ ଜ୍ଞାନର ସ୍ଥାନୀୟ, ରାଜ୍ୟ ତଥା ଜାତୀୟସ୍ତରୀୟ ପଞ୍ଜିକରଣ ଏବଂ ସୁରକ୍ଷା ନିମନ୍ତେ ଅନ୍ୟାନ୍ୟ ପଦକ୍ଷେପ ଯଥା–

**ସ୍ପଷ୍ଟୀକରଣ:** ଏହି ଧାରାର ଉଦ୍ଦେଶ୍ୟ ନିମନ୍ତେ

(କ) 'ବାହ୍ୟ ସ୍ଥାନରେ ସଂରକ୍ଷଣ' ଅର୍ଥ ସେମାନଙ୍କର ପ୍ରାକୃତିକ ବସବାସ ସ୍ଥାନର ବାହାରେ ଜୈବବିବିଧତାର ଉପାଦାନଗୁଡ଼ିକର ସଂରକ୍ଷଣ

(ଖ) 'ଯଥା ସ୍ଥାନରେ ସଂରକ୍ଷଣ' ଅର୍ଥ ପରିବେଶ ଏବଂ ପ୍ରାକୃତିକ ବସବାସର ସଂରକ୍ଷଣ ଏବଂ ବିଭିନ୍ନ ଜାତିର ଜୀବନକ୍ଷମ ସଂଖ୍ୟାକୁ ସେମାନଙ୍କର ପ୍ରାକୃତିକ ପରିବେଶରେ ପୁଣିଥରେ ପାଇବା ଏବଂ ସେମାନଙ୍କର ରକ୍ଷଣାବେକ୍ଷଣ କରିବା ଏବଂ ଗୃହପାଳିତ ତଥା ଚାଷ କରାଯାଇଥିବା ପ୍ରଜାତିଗୁଡ଼ିକ କ୍ଷେତ୍ରରେ ସେମାନଙ୍କର ପରିବେଶ ଯେଉଁଠାରେ ସେମାନେ ସ୍ୱତନ୍ତ୍ର ଗୁଣଗୁଡ଼ିକର ବିକାଶ କରିଛନ୍ତି।

**ଜୈବ ବିବିଧତା ଐତିହ୍ୟସ୍ଥଳ**

**୩୭.** ତତ୍‌ସମୟେ ବଳବତ୍ତର ଥିବା ଅନ୍ୟକୌଣସି ବିଧି ପ୍ରତି କୌଣସି ପ୍ରତିକୂଳ ପ୍ରଭାବ ବିନା ରାଜ୍ୟସରକାର ସମୟକୁ ସମୟ ସ୍ଥାନୀୟ ସଂଗଠନଗୁଡ଼ିକ ସହିତ ପରାମର୍ଶ କରି, ଜୈବବିବିଧତା ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳଗୁଡ଼ିକୁ ଜୈବ ବିବିଧତା ଐତିହ୍ୟ ସ୍ଥଳଭାବରେ ସରକାରୀ ଗେଜେଟ୍‌ରେ ଏହି ଅଧିନିୟମ ଅନୁସାରେ ଅଧିସୂଚିତ କରିପାରିବେ।

(୨) ରାଜ୍ୟସରକାର କେନ୍ଦ୍ରସରକାରଙ୍କ ସହିତ ପରାମର୍ଶ କରି ସମସ୍ତ ଐତିହ୍ୟ ସ୍ଥଳଗୁଡ଼ିକର ପରିଚାଳନା ଏବଂ ସଂରକ୍ଷଣ ନିମନ୍ତେ ନିୟମାବଳୀ ପ୍ରସ୍ତୁତ କରିପାରନ୍ତି।

(୩) ଏପରି ଅଧିସୂଚନା ଦ୍ୱାରା ଆର୍ଥିକ ଭାବେ କ୍ଷତିଗ୍ରସ୍ତ କୌଣସି ବ୍ୟକ୍ତି ବା ବ୍ୟକ୍ତିମାନଙ୍କୁ କ୍ଷତିପୂରଣ ଦେବା ପାଇଁ କିମ୍ବା ଥଇଥାନ କରିବା ନିମନ୍ତେ ରାଜ୍ୟସରକାର ଯୋଜନାଗୁଡ଼ିକ ପ୍ରସ୍ତୁତ କରିବେ।

**ଲୁପ୍ତପ୍ରାୟ ଜାତିଗୁଡ଼ିକୁ ଅଧିସୂଚିତ କରିବା ନିମନ୍ତେ କେନ୍ଦ୍ରସରକାରଙ୍କ କ୍ଷମତା**

**୩୮.** ତତ୍‌ସମୟେ ବଳବତ୍ତର ଥିବା ଅନ୍ୟକୌଣସି ବିଧି ବ୍ୟବସ୍ଥା ପ୍ରତି କୌଣସି ପ୍ରତିକୂଳ ପ୍ରଭାବ ବିନା କେନ୍ଦ୍ରସରକାର ସମୟେ ସମୟେ ସଂପୃକ୍ତ ରାଜ୍ୟସରକାରଙ୍କ ସହିତ ପରାମର୍ଶକ୍ରମେ ଅଧିସୂଚନା ଜାରି ମାଧ୍ୟମରେ ଯଦି କୌଣସି ଜାତି ବିଲୁପ୍ତର ଦ୍ୱାରଦେଶରେ ଉପନୀତ ବା ନିକଟ ଭବିଷ୍ୟତରେ ଲୋପ ପାଇବାର ସମ୍ଭାବନା ରହିଛି ତେବେ ଯେ କୌଣସି ଉଦ୍ଦେଶ୍ୟ ଥିଲେ ମଧ୍ୟ ଏହି ଲୁପ୍ତପ୍ରାୟ ଜାତିର ସଂଗ୍ରହକୁ ବନ୍ଦ କିମ୍ବା ନିୟନ୍ତ୍ରଣାଧୀନ କରାଯିବ ଏବଂ ସେହି ଜାତିଗୁଡ଼ିକୁ ଥଇଥାନ ଓ ସଂରକ୍ଷଣ କରିବା ପାଇଁ ଉଚିତ୍ ପଦକ୍ଷେପ ନେବେ।

**ପଣ୍ୟାଗାର ଚିହ୍ନିତ କରିବା ପାଇଁ କେନ୍ଦ୍ରସରକାରଙ୍କ କ୍ଷମତା**

**୩୯.** (୧) କେନ୍ଦ୍ରସରକାର, ଜାତୀୟ ଜୈବବିବିଧତା ପ୍ରାଧିକରଣଙ୍କ ପରାମର୍ଶକ୍ରମେ ଏହି ଅଧିନିୟମ ଅନୁସାରେ ବିଭିନ୍ନ ପ୍ରକାରର ଜୈବସଂପଦ ନିମନ୍ତେ କେତେଗୁଡ଼ିଏ ସଂସ୍ଥାକୁ ପଣ୍ୟାଗାର ଭାବେ ଚିହ୍ନିତ କରିପାରନ୍ତି।

(୨) ପଣ୍ୟାଗାରଗୁଡ଼ିକ, ଜୈବ ସଂପଦଗୁଡ଼ିକୁ ଜମା କରାଯାଇଥିବା ଭାଉଚର ନମୁନା ସହିତ ସୁରକ୍ଷିତ ଭାବରେ ରଖିବେ।

(୩) କୌଣସି ବ୍ୟକ୍ତିଙ୍କ ଦ୍ୱାରା କୌଣସି ନୂଆ ଉଦ୍ଭିଦ ଆବିଷ୍କୃତ ହେଲେ ପଣ୍ୟାଗାର କିମ୍ବା ଏହି ଉଦ୍ଦେଶ୍ୟ ନିମନ୍ତେ ଉଦ୍ଦିଷ୍ଟ କୌଣସି ସଂସ୍ଥାକୁ ଜଣାଇବେ ଏବଂ ସେ ଉକ୍ତ ଭାଉଚର ନମୁନାଗୁଡ଼ିକ ଏହି ପଣ୍ୟାଗାର ବା ସଂସ୍ଥାରେ ଜମା କରିବେ।

**କେତେଗୁଡ଼ିଏ ଜୈବ ସଂପଦକୁ ବାଦ୍ ଦେବା ନିମନ୍ତେ କେନ୍ଦ୍ରସରକାରଙ୍କ କ୍ଷମତା**

**୪୦.** ଏହି ଅଧିନିୟମରେ ଯାହା କିଛି ଥିବା ସତ୍ତ୍ୱେ, କେନ୍ଦ୍ରସରକାର, ଜାତୀୟ ଜୈବବିବିଧତା ପ୍ରାଧିକରଣ ସହିତ ପରାମର୍ଶ କରି ସରକାରୀ ଗେଜେଟ୍‌ରେ ବିଜ୍ଞପ୍ତି ଜାରି ଦ୍ୱାରା ଘୋଷଣା କରିପାରିବେ ଯେ ଏହି ଅଧିନିୟମରେ ପ୍ରଦତ୍ତ ସୁବିଧା କୌଣସି ଦ୍ରବ୍ୟ ଏପରିକି ଜୈବସଂପଦ ଯାହା ବିଶେଷତଃ କଞ୍ଚାମାଲ ଭାବେ କାରବାର ହେଉଛି ସେଥିପ୍ରତି ଲାଗୁ ହେବ ନାହିଁ।

## ଅଧ୍ୟାୟ-୧୦

## ଜୈବବିବିଧତା ପରିଚାଳନା କମିଟି

**ରାଜ୍ୟ ଜୈବ ବିବିଧତା ପାଣ୍ଠିର ଗଠନ**

**୪୧.** (୧) ପ୍ରତ୍ୟେକ ସ୍ଥାନୀୟ ସଂଗଠନ ଏହାର ଅଞ୍ଚଳ ମଧ୍ୟରେ ଜୈବବିବିଧତାର ସଂରକ୍ଷଣ, ଧାରାବାହିକ ବ୍ୟବହାର ଏବଂ ଦସ୍ତାବିଜ ଯେଉଁଥିରେ ପ୍ରାକୃତିକ ଜୀବ ସଂରକ୍ଷଣ, ଭୂମିଜଜାତି, ଲୋକପ୍ରକାର ଏବଂ କୃଷିଚାରା, ଗୃହପାଳିତ ପଶୁଙ୍କ ସଂରକ୍ଷଣ ଏବଂ ଜୀବ ଓ ଅଣୁ ଜୀବମାନଙ୍କର ଅଭିଜାତିଙ୍କ ଉନ୍ନତି ଉଦ୍ଦେଶ୍ୟରେ ଏବଂ ଜୈବବିବିଧତା ସଂପର୍କିତ ଜ୍ଞାନର ସଂଗ୍ରହ ନିମନ୍ତେ ଏକ ଜୈବବିବିଧତା ପରିଚାଳନା କମିଟି ଗଠନ କରିବେ।

**ସ୍ପଷ୍ଟୀକରଣ:** ଏହି ଉପବିଭାଗ ଉଦ୍ଦେଶ୍ୟରେ:

(କ) 'ଚାଷଯୋଗ୍ୟ ଚାରା' ଅର୍ଥ ଏକ ପ୍ରକାରର ଚାରା ଯାହା ମୂଳରୁ ଅଛି ଏବଂ ଚାଷ ଦ୍ୱାରା ରହିଆସିଛି କିମ୍ବା ଚାଷ ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଛି ।

(ଖ) 'ଲୋକ ପ୍ରକାର' ଅର୍ଥ ଚାଷ କରାଯାଇଥିବା ଏକପ୍ରକାର ଚାରା ଯାହାକୁ ଉନ୍ନତ ଚାଷ କରାଯାଇଛି ଏବଂ ଚାଷୀମାନଙ୍କ ମଧ୍ୟରେ ବିନିମୟ କରାଯାଇଛି ।

(ଗ) 'ଜମି ପ୍ରଜାତି' ଅର୍ଥ ପୁରାତନ ଚାଷ ଯୋଗ୍ୟ ଚାରା ଯାହା ପୁରାତନ ଚାଷୀ ଏବଂ ସେମାନଙ୍କର ଉତ୍ତରାଧିକାରୀମାନଙ୍କ ଦ୍ୱାରା ଚାଷ କରାଯାଉଥିଲା ।

(୨) ଜାତୀୟ ଜୈବବିବିଧତା ପ୍ରାଧିକରଣ ଏବଂ ରାଜ୍ୟ ଜୈବ ବିବିଧତା ବୋର୍ଡଗୁଡ଼ିକ ଜୈବ ବିବିଧତା ପରିଚାଳନା କମିଟିର ଆଞ୍ଚଳିକ କ୍ଷେତ୍ରାଧିକାର ମଧ୍ୟରେ ରହିଥିବା ଜୈବସଂପଦ ଏବଂ ଏହି ସଂପଦ ସମ୍ବନ୍ଧୀୟ ଜ୍ଞାନର ବ୍ୟବହାର ସଂପର୍କରେ ଜୈବ ବିବିଧତା ପରିଚାଳନା କମିଟିଗୁଡ଼ିକ ସହିତ ପରାମର୍ଶକରି କୌଣସି ନିଷ୍ପତ୍ତି ନେବେ ।

(୩) ଜୈବବିବିଧତା ପରିଚାଳନା କମିଟି ଏହାର ଆଞ୍ଚଳିକ କ୍ଷେତ୍ରାଧିକାର ମଧ୍ୟରେ ଥିବା ଅଞ୍ଚଳରୁ ବାଣିଜ୍ୟିକ ଉଦ୍ଦେଶ୍ୟରେ ଜୈବ ସଂପଦର ବ୍ୟବହାର କିମ୍ବା ସଂଗ୍ରହ କରୁଥିବା କୌଣସି ବ୍ୟକ୍ତିଠାରୁ ଧାର୍ଯ୍ୟକର ଆକାରରେ ପାଉଣା ଆଦାୟ କରିପାରନ୍ତି ।

### ଅଧ୍ୟାୟ-୧୧

## ସ୍ଥାନୀୟ ଜୈବ ବିବିଧତା ପାଣ୍ଠିକୁ ଅନୁଦାନ

ସ୍ଥାନୀୟ ଜୈବ ବିବିଧତା ପାଣ୍ଠିକୁ ଅନୁଦାନ

**୪୨.** ରାଜ୍ୟସରକାର ଏଥିନିମନ୍ତେ ରାଜ୍ୟ ବିଧାନସଭା ଦ୍ୱାରା ପ୍ରସ୍ତୁତ ବିଧି ଅନୁଯାୟୀ ଅର୍ଥ ବିନିଯୋଗ ପରେ ଉକ୍ତ ଅର୍ଥକୁ ରାଜ୍ୟ ସରକାର, ଯେପରି ଉଚିତ୍ ମନେକରିବେ ସ୍ଥାନୀୟ ଜୈବବିବିଧତା ପାଣ୍ଠିକୁ ଏହି ଅଧିନିୟମର ଉଦ୍ଦେଶ୍ୟରେ ଅନୁଦାନ କିମ୍ବା ଋଣ ହିସାବରେ ସେପରି ପରିମାଣର ଅର୍ଥ ପ୍ରଦାନ କରିପାରିବେ ।

ସ୍ଥାନୀୟ ଜୈବ ବିବିଧତା ପାଣ୍ଠି ଗଠନ

**୪୩.** (୧) ସ୍ଥାନୀୟ ଜୈବବିବିଧତା ପାଣ୍ଠି ନାମରେ ଏକ ପାଣ୍ଠି ପ୍ରତ୍ୟେକ ଅଞ୍ଚଳ ଯେଉଁଠାରେ ସ୍ୱଶାସନ ସଂସ୍ଥା କାର୍ଯ୍ୟ କରୁଛି ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ଅଧିସୂଚିତ ହୋଇଛି, ସେଠାରେ ଗଠନ କରାଯିବ ଏବଂ ସେଥିରେ ନିମ୍ନୋକ୍ତମତେ ଜମା କରାଯିବ ।

(କ) ଧାରା ୪୨ ଅନୁସାରେ ଦିଆଯାଇଥିବା କୌଣସି ଅନୁଦାନ କିମ୍ବା ଋଣ;

(ଖ) ଜାତୀୟ ଜୈବବିବିଧତା ପ୍ରାଧିକରଣ ଦ୍ୱାରା ଦିଆଯାଇଥିବା କୌଣସି ଅନୁଦାନ କିମ୍ବା ଋଣ;

(ଗ) ରାଜ୍ୟ ଜୈବବିବିଧତା ବୋର୍ଡ ଦ୍ୱାରା ଦିଆଯାଇଥିବା କୌଣସି ଅନୁଦାନ କିମ୍ବା ଋଣ;

(ଘ) ଧାରା ୪୧ର ଉପଧାରା ୩ରେ ଉଲ୍ଲେଖ କରାଯାଇଥିବା ମୂଲ୍ୟ ଯାହା ଜୈବ ବିବିଧତା ପରିଚାଳନା କମିଟି ଦ୍ୱାରା ଗ୍ରହଣ କରାଯିବ;

(ଙ) ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଏହି ପରି ଅନ୍ୟାନ୍ୟ ସୂତ୍ରରୁ ସମସ୍ତ ଧନରାଶି ସ୍ଥାନୀୟ ଜୈବ ବିବିଧତା ପାଣ୍ଠି ଦ୍ୱାରା ଗ୍ରହଣ କରାଯିବ।

**ସ୍ଥାନୀୟ ଜୈବ ବିବିଧତା ପାଣ୍ଠିର ବ୍ୟବହାର**

**୪୪.** (୧) ଉପଧାରା (୨)ର ବ୍ୟବସ୍ଥା ସତ୍ତ୍ୱେ ସ୍ଥାନୀୟ ଜୈବବିବିଧତା ପାଣ୍ଠିର ପରିଚାଳନା ଓ ସୁରକ୍ଷା ଏବଂ କେଉଁ ଉଦ୍ଦେଶ୍ୟରେ ଏହି ପାଣ୍ଠିର ବ୍ୟବହାର କରାଯିବ ତାହା ରାଜ୍ୟସରକାରଙ୍କ ଦ୍ୱାରା ନିର୍ଦ୍ଧାରଣ କରାଯିବ।

(୨) ସଂପୃକ୍ତ ସ୍ଥାନୀୟ ସଂଗଠନର ଅଧିକାରିତା ମଧ୍ୟରେ ଥିବା ଅଞ୍ଚଳର ଜୈବ ବିବିଧତାର ସଂରକ୍ଷଣ ଏବଂ ଉନ୍ନତି ନିମନ୍ତେ ଏହି ପାଣ୍ଠି ବ୍ୟବହାର କରାଯିବ ଏବଂ ଗୋଷ୍ଠୀମାନଙ୍କର ସୁବିଧା ନିମନ୍ତେ ଜୈବ ବିବିଧତାର ସଂରକ୍ଷଣ ଅପରିବର୍ତ୍ତନୀୟ ରହିବା ପର୍ଯ୍ୟନ୍ତ ଏହି ପାଣ୍ଠି ବ୍ୟବହାର ହେବ।

**ଜୈବ ବିବିଧତା ପରିଚାଳନା କମିଟିଗୁଡ଼ିକର ବାର୍ଷିକ ବିବରଣୀ**

**୪୫.** ସ୍ଥାନୀୟ ଜୈବବିବିଧତା ପାଣ୍ଠିର ସୁରକ୍ଷା ଦାୟିତ୍ୱରେ ଥିବା ବ୍ୟକ୍ତି ବାର୍ଷିକ ବିବରଣୀ ଏପରି ପ୍ରସ୍ତୁତ କରିବେ ଯେପରି ପ୍ରତ୍ୟେକ ଆର୍ଥିକବର୍ଷ ସମୟରେ ଏହା ବ୍ୟବହାର ହୋଇପାରୁଥିବ, ଏହି ବାର୍ଷିକ ବିବରଣୀରେ ପୂର୍ବ ଆର୍ଥିକବର୍ଷର କାର୍ଯ୍ୟକଳାପର ସଂପୂର୍ଣ୍ଣ ବିବରଣୀ ରହିଥିବ ଏବଂ ସଂପୃକ୍ତ ସ୍ଥାନୀୟ ସଂସ୍ଥାକୁ ଏହାର ଏକ ନକଲ ଦିଆଯିବ।

**ଜୈବ ବିବିଧତା ପରିଚାଳନା କମିଟିଗୁଡ଼ିକର ହିସାବର ସମୀକ୍ଷା**

**୪୬.** ସ୍ଥାନୀୟ ଜୈବବିବିଧତା ପାଣ୍ଠିର ହିସାବ ବଜାଇ ରଖାଯିବ ଏବଂ ଏପରି ଭାବରେ ସମୀକ୍ଷା କରାଯିବ ଯେଉଁଥିରେ ରାଜ୍ୟର ମହାହିସାବ ନିରୀକ୍ଷକଙ୍କ ସହିତ ପରାମର୍ଶ କରି ସମୀକ୍ଷା ନିର୍ଦ୍ଧାରଣ କରାଯିବ ଏବଂ ସ୍ଥାନୀୟ ଜୈବବିବିଧତା ପାଣ୍ଠିର ସୁରକ୍ଷା ଦାୟିତ୍ୱରେ ଥିବା ବ୍ୟକ୍ତି, ହିସାବର ସମୀକ୍ଷିତ ନକଲ ସହିତ ତାହା ଉପରେ ସମୀକ୍ଷକଙ୍କ ବିବରଣୀ ଏପରି ତାରିଖ ପୂର୍ବରୁ ସଂପୃକ୍ତ ସ୍ଥାନୀୟ ସଂସ୍ଥାକୁ ପଠାଇବେ ଯାହା ନିର୍ଦ୍ଧାରଣ କରାଯାଇପାରିବ।

**ଜୈବ ବିବିଧତା ପରିଚାଳନା କମିଟିର ବାର୍ଷିକ ବିବରଣୀ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କୁ ପଠାଯିବ**

**୪୭.** ଧାରା ୪୧ର ଉପଧାରା (୧)ଅନୁସାରେ ଜୈବବିବିଧତା ପରିଚାଳନା କମିଟି ଗଠନ କରୁଥିବା ପ୍ରତ୍ୟେକ ସ୍ଥାନୀୟ ସଂସ୍ଥା ଯଥାକ୍ରମେ ଧାରା ୪୫ ଏବଂ ଧାରା ୪୬ରେ ଉଲ୍ଲେଖ ଅନୁସାରେ ଏହି କମିଟି ସଂପର୍କିତ ବାର୍ଷିକ ବିବରଣୀ ଏବଂ ହିସାବର ସମୀକ୍ଷିତ ନକଲ ଏବଂ ସେଥିରେ ସମୀକ୍ଷକଙ୍କ ବିବରଣୀ ସଂଯୁକ୍ତ କରି ସ୍ଥାନୀୟ ସଂସ୍ଥାର ଅଞ୍ଚଳ କ୍ଷେତ୍ରାଧିକାର ଥିବା ଏହି କମିଟି ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କୁ ଦେବେ।

## ଅଧ୍ୟାୟ-୧୨

# ବିବିଧ

**କେନ୍ଦ୍ର ସରକାରଙ୍କ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶ ଜାତୀୟ ଜୈବ ବିବିଧତା ପ୍ରାଧିକରଣ ପାଳନ କରିବାକୁ ବାଧ**

**୪୮.** (୧) ଏହି ଅଧିନିୟମର ପୂର୍ବବର୍ତ୍ତୀ ବ୍ୟବସ୍ଥାଗୁଡ଼ିକ ପ୍ରତି କୌଣସି ପ୍ରତିକୂଳ ପ୍ରଭାବ ନ ପକାଇ ଜାତୀୟ ଜୈବ ବିବିଧତା ପ୍ରାଧିକରଣ ଏହି ଅଧିନିୟମ ଅନୁସାରେ ଏହାର କାର୍ଯ୍ୟ ଏବଂ କର୍ତ୍ତବ୍ୟ ସଂପାଦନରୁ ବିମୁକ୍ତ ହେବେ, କେନ୍ଦ୍ରସରକାରଙ୍କ ନୀତି ସଂକ୍ରାନ୍ତୀୟ ପ୍ରଶ୍ନାବଳୀ ଉପରେ, ଏହି ନିର୍ଦ୍ଦେଶ ସମୟାନ୍ତରେ ଲିଖିତ ଆକାରରେ ଦିଆଯାଇପାରେ ଯାହା ପାଳନ କରିବାକୁ ବାଧ :

ପରନ୍ତୁ ଏହି ଉପଧାରା ଅନୁସାରେ ଏପରି କୌଣସି ନିର୍ଦ୍ଦେଶ ଦିଆଯିବା ପୂର୍ବରୁ ଜାତୀୟ ଜୈବ ବିବିଧତା ପ୍ରାଧିକରଣକୁ ଯେତେଦୂର ସମ୍ଭବ ତାଙ୍କର ମତାମତ ପ୍ରକାଶ କରିବାକୁ ସୁଯୋଗ ଦିଆଯିବ ।

(୨) କେନ୍ଦ୍ରସରକାରଙ୍କ ନିଷ୍ପତ୍ତି ପ୍ରଶ୍ନ ନୀତିଗତ ହେଉ ବା ନହେଉ ତାହା ଚୂଡ଼ାନ୍ତ ହେବ ।

**ନିର୍ଦ୍ଦେଶ ଦେବା ନିମନ୍ତେ ରାଜ୍ୟସରକାରଙ୍କ କ୍ଷମତା**

**୪୯.** ଏହି ଅଧିନିୟମର ପୂର୍ବବର୍ତ୍ତୀ ବ୍ୟବସ୍ଥା ପ୍ରତି କୌଣସି ପ୍ରତିକୂଳ ପ୍ରଭାବ ନ ପକାଇ ରାଜ୍ୟ ଜୈବବିବିଧତା ବୋର୍ଡ ଏହି ଅଧିନିୟମ ଅନୁସାରେ ଏହାର କାର୍ଯ୍ୟ ଏବଂ କର୍ତ୍ତବ୍ୟ ସଂପାଦନରୁ ମୁକ୍ତ ହେବେ, ରାଜ୍ୟସରକାରଙ୍କ ନୀତି ସଂକ୍ରାନ୍ତରେ ପ୍ରଶ୍ନାବଳୀ ଉପରେ, ଏହି ନିର୍ଦ୍ଦେଶ ସମୟାନ୍ତରେ ଲିଖିତାକାରରେ ଦେଇପାରନ୍ତି ତାହା ପାଳନ ପାଇଁ ବାଧ:

ପରନ୍ତୁ ଏହି ଉପଧାରା ଅନୁସାରେ ନିର୍ଦ୍ଦେଶ ଦିଆଯିବା ପୂର୍ବରୁ ରାଜ୍ୟ ଜୈବ ବିବିଧତା ବୋର୍ଡକୁ ଯେତେଦୂର ସମ୍ଭବ ଏହାର ମତାମତ ପ୍ରକାଶ କରିବା ନିମନ୍ତେ ସୁଯୋଗ ଦିଆଯିବ ।

(୨) ନୀତି ଉପରେ ପ୍ରଶ୍ନ ହେଉ ବା ନ ହେଉ ରାଜ୍ୟସରକାରଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ହେବ ।

**ରାଜ୍ୟ ଜୈବ ବିବିଧତା ବୋର୍ଡଗୁଡ଼ିକ ମଧ୍ୟରେ ବିବାଦର ସମାଧାନ**

**୫୦.** (୧) ଯଦି ଜାତୀୟ ଜୈବ ବିବିଧତା ପ୍ରାଧିକରଣ ଏବଂ ଏକ ରାଜ୍ୟ ଜୈବ ବିବିଧତା ବୋର୍ଡ ମଧ୍ୟରେ କୌଣସି ବିବାଦ ହୁଏ ତେବେ ଉକ୍ତ ପ୍ରାଧିକରଣ କିମ୍ବା ବୋର୍ଡ, ଯଥାସ୍ଥିତି, ଯେପରି ବିହିତ ସମୟସୀମା ମଧ୍ୟରେ କେନ୍ଦ୍ରସରକାରଙ୍କୁ ପୁନର୍ବିଚାର ପାଇଁ ଅପିଲ କରିପାରିବ:

(୨) ଉପଧାରା(୧) ଅନୁସାରେ ପୁନର୍ବିଚାର ପାଇଁ କରାଯାଇଥିବା ପ୍ରତ୍ୟେକ ଅପିଲ୍ ଏପରି ଆକାରରେ କରାଯିବ ଯାହା କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରଣ କରାଯାଇପାରେ:-

(୩) ପୁନର୍ବିଚାର ନିମନ୍ତେ ଆବେଦନର ଫଏସଲା ଏପରି ହେବ ଯାହା କେନ୍ଦ୍ରସରକାରଙ୍କ ଦ୍ୱାରା ନିର୍ଦ୍ଧାରଣ କରାଯାଇପାରେ ।

ପରନ୍ତୁ ପୁନର୍ବିଚାର ନିମନ୍ତେ କୌଣସି ଆବେଦନର ଫଏସଲା ହେବା ପୂର୍ବରୁ ଦଳଗୁଡ଼ିକୁ ଶୁଣାଣିର ଯୁକ୍ତିଯୁକ୍ତ ସୁଯୋଗ ଦିଆଯିବ।

(୪) ଯଦି ରାଜ୍ୟ ଜୈବ ବିବିଧତା ବୋର୍ଡଗୁଡ଼ିକ ମଧ୍ୟରେ ବିବାଦ ଉପୁଜେ କେନ୍ଦ୍ରସରକାର ଏହାକୁ ଜାତୀୟ ଜୈବ ବିବିଧତା ପ୍ରାଧିକରଣଙ୍କ ନିକଟକୁ ବିଚାର ନିମନ୍ତେ ପଠାଇବେ।

(୫) ଉପଧାରା (୪) ଅନୁସାରେ କୌଣସି ବିବାଦର ନ୍ୟାୟ ନିର୍ଣ୍ଣୟ କଲାବେଳେ ଜାତୀୟ ଜୈବ ବିବିଧତା ପ୍ରାଧିକରଣ ପ୍ରାକୃତିକ ନ୍ୟାୟର ନିୟମଗୁଡ଼ିକ ଦ୍ୱାରା ପରିଚାଳିତ ହେବେ ଏବଂ କେନ୍ଦ୍ରସରକାରଙ୍କ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁସରଣ କରିବେ।

୧୯୦୮ ର ୫ (୬) ଏହି ଧାରା ଅନୁସାରେ କାର୍ଯ୍ୟକରିବା ଉଦ୍ଦେଶ୍ୟରେ ଜାତୀୟ ଜୈବବିବିଧତା ପ୍ରାଧିକରଣର କାର୍ଯ୍ୟରୁ ଅନ୍ତର କରିବା ଉଦ୍ଦେଶ୍ୟ ରହିବ ଯାହା ଦେବାନୀ ନ୍ୟାୟାଳୟର ଦେବାନୀ ପ୍ରକ୍ରିୟା ସଂହିତା ୧୯୦୮ ଅନୁଯାୟୀ ଦେବାନୀ ନ୍ୟାୟାଳୟ ସହ ସମାନ କ୍ଷମତା ସମ୍ବନ୍ଧରେ ନିମ୍ନରେ ବିଷୟଗୁଡ଼ିକ ପ୍ରଦତ୍ତ। ଯଥା–

କ. କୌଣସି ବ୍ୟକ୍ତିଙ୍କୁ ଡକାଇବା ଏବଂ ଉପସ୍ଥିତି ନିମନ୍ତେ ବାଧ କରିବା ଏବଂ ଶପଥପାଠ କରାଇ ତାଙ୍କୁ ପରୀକ୍ଷା କରିବା;

ଖ. ଆବଶ୍ୟକ କାଗଜପତ୍ରର ଆବିଷ୍କାର ଏବଂ ଦେବା;

ଗ. ସତ୍ୟପାଠ ଦ୍ୱାରା ପ୍ରମାଣ ଗ୍ରହଣ କରିବା;

ଘ. ସାକ୍ଷୀ କିମ୍ବା କାଗଜପତ୍ରର ପରୀକ୍ଷା ନିମନ୍ତେ କମିଶନ ବସାଇବା;

ଙ. ଏହାର ନିଷ୍ପତ୍ତିଗୁଡ଼ିକୁ ପୁନଃ ସମୀକ୍ଷା କରିବା;

ଚ. କୌଣସି ଆବେଦନକୁ ଖିଲାପ ସକାଶେ ଖାରଜ କରିବା କିମ୍ବା ଏହାକୁ ଏକତରଫା ନିଷ୍ପତ୍ତି ନେବା;

ଛ. ଖିଲାପି ନିମନ୍ତେ କୌଣସି ଆବେଦନର କୌଣସି ଖାରଜ ନିର୍ଦ୍ଦେଶକୁ କିମ୍ବା ଏକତରଫା ଭାବେ ପାରିତ କୌଣସି ନିର୍ଦ୍ଦେଶକୁ ଅଲଗା କରି ରଖିବା;

ଜ. ଅନ୍ୟକୌଣସି ବିଷୟ ଯାହା ନିର୍ଦ୍ଧାରଣ କରାଯାଇପାରେ।

୧୮୬୦ ର ୪୫ ୭. ଜାତୀୟ ଜୈବ ବିବିଧତା ପ୍ରାଧିକରଣ ଆଗରେ ପ୍ରତ୍ୟେକ କାର୍ଯ୍ୟ ବିବରଣୀ ଧାରା ୧୯୩ ଏବଂ ୨୨୮ର ଅର୍ଥ ଅନୁସାରେ ଏବଂ ଭାରତୀୟ ଦଣ୍ଡବିଧି ସଂହିତାର ଧାରା ୧୯୬ର ଉଦ୍ଦେଶ୍ୟଗୁଡ଼ିକ ନିମନ୍ତେ ଏକ ନ୍ୟାୟିକ କାର୍ଯ୍ୟ ବିବରଣୀ ଭାବରେ ମନେକରାଯିବ ଏବଂ ଜାତୀୟ ଜୈବ ବିବିଧତା ପ୍ରାଧିକରଣ ଧାରା ୧୯୫ର ସମସ୍ତ ଉଦ୍ଦେଶ୍ୟଗୁଡ଼ିକ ନିମନ୍ତେ ଏବଂ ଦଣ୍ଡପ୍ରକ୍ରିୟା
୧୯୭୪ ର ୨ ସଂହିତା, ୧୯୭୩ର ପରିଚ୍ଛେଦ XXVI ଅନୁସାରେ ଦେବାନୀ ନ୍ୟାୟାଳୟ ଭାବରେ ମନେକରାଯିବ।

**ଜାତୀୟ ଜୈବ ବିବିଧତା ପ୍ରାଧିକରଣ ଏବଂ ରାଜ୍ୟ ଜୈବ ବିବିଧତା ବୋର୍ଡର ସଭ୍ୟ ଏବଂ ଅଧିକାରୀମାନେ ଲୋକ ସେବକ ଭାବେ ବିବେଚିତ ହେବେ।**

**୫୧.** ଜୈବବିବିଧତା ପ୍ରାଧିକରଣ କିମ୍ବା ରାଜ୍ୟ ଜୈବ ବିବିଧତା ବୋର୍ଡର ସମସ୍ତ ସଭ୍ୟ, ଅଧିକାରୀମାନେ ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ଏହି ଅଧିନିୟମର କୌଣସି ବ୍ୟବସ୍ଥା ଅନୁସାରେ କାର୍ଯ୍ୟ କରୁଛନ୍ତି କିମ୍ବା କାର୍ଯ୍ୟ କରିବା ନିମନ୍ତେ ଇଚ୍ଛା କରୁଛନ୍ତି ତାଙ୍କୁ ଭାରତୀୟ ଦଣ୍ଡବିଧି ସଂହିତା ଅନୁଯାୟୀ ଲୋକ ସେବକ ଭାବରେ ବିବେଚନା କରାଯିବ।

**୧୮୬୦ର ୪୫ ଅପିଲ୍**

**୫୨.** ଜାତୀୟ ଜୈବବିବିଧତା ପ୍ରାଧିକରଣ କିମ୍ବା ରାଜ୍ୟ ଜୈବ ବିବିଧତା ବୋର୍ଡର ଏହି ଅଧିନିୟମ ଅନୁସାରେ କୌଣସି ବ୍ୟକ୍ତି ସୁବିଧା ବଣ୍ଟନ କିମ୍ବା ଆଦେଶ/ନିଷ୍ପତ୍ତି ଦ୍ୱାରା କ୍ଷୁବ୍ଧ ହେଲେ, ସେ ସଂସୂଚନା ମିଳିବା ଦିନଠାରୁ ତିରିଶ ଦିନ ମଧ୍ୟରେ ଉଚ୍ଚନ୍ୟାୟାଳୟରେ ଜାତୀୟ ଜୈବବିବିଧତା ପ୍ରାଧିକରଣ କିମ୍ବା ରାଜ୍ୟ ଜୈବ ବିବିଧତା ବୋର୍ଡର ନିଷ୍ପତ୍ତି କିମ୍ବା ନିର୍ଦ୍ଦେଶର ପୁନର୍ବିଚାର ନିମନ୍ତେ ଯଥାସ୍ଥିତି ଅପିଲ୍ କରିପାରନ୍ତି: ପରନ୍ତୁ ଉଚ୍ଚନ୍ୟାୟାଳୟଙ୍କର ଯଦି ହୃଦ୍‌ବୋଧ ହୁଏ ଯେ ଆବେଦନକାରୀ ଯଥେଷ୍ଟ କାରଣ ଯୋଗୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ଅପିଲ୍ କରିପାରିନାହାନ୍ତି ଏହା କରିବା ନିମନ୍ତେ ଅଧିକ ସମୟ ଅନୁମତି ଦେଇପାରନ୍ତି ଯାହା ଷାଠିଏ ଦିନରୁ ଅଧିକ ହେବନାହିଁ।

**ନିର୍ଦ୍ଧାରଣ ବା ଆଦେଶର ନିଷ୍ପାଦନ**

**୫୩.** ସୁବିଧା ବଣ୍ଟନର ପ୍ରତ୍ୟେକ ନିଷ୍ପତ୍ତି ଜାତୀୟ ଜୈବ ବିବିଧତା ପ୍ରାଧିକରଣ ରାଜ୍ୟ ଜୈବ ବିବିଧତା ବୋର୍ଡ ଦ୍ୱାରା ଏହି ଅଧିନିୟମ ଅନୁସାରେ କରାଯାଇଥିବା ନିର୍ଦ୍ଦେଶ କିମ୍ବା ଜାତୀୟ ଜୈବ ବିବିଧତା ପ୍ରାଧିକରଣ କିମ୍ବା ରାଜ୍ୟ ଜୈବ ବିବିଧତା ବୋର୍ଡର ନିଷ୍ପତ୍ତି ବା ନିର୍ଦ୍ଦେଶ ବିରୁଦ୍ଧରେ ଅପିଲ୍ ଉଚ୍ଚନ୍ୟାୟାଳୟ ଦେଇଥିବା ନିର୍ଦ୍ଦେଶ କିମ୍ବା ଜାତୀୟ ଜୈବ ବିବିଧତା ପ୍ରାଧିକରଣ କିମ୍ବା ରାଜ୍ୟ ଜୈବ ବିବିଧତା ବୋର୍ଡର କୌଣସି ଅଧିକାରୀ କିମ୍ବା ଉଚ୍ଚନ୍ୟାୟାଳୟର ରେଜିଷ୍ଟ୍ରାର ଯଥାସ୍ଥିତି, ପ୍ରମାଣପତ୍ର ଦେଲେ ଏହାକୁ ଦେବାନୀ ନ୍ୟାୟାଳୟର ଆଇନଗତ ଆଦେଶ ଭାବେ ମନେକରାଯିବ ଏବଂ ସେହି ନ୍ୟାୟାଳୟର ଆଇନଗତ ଆଦେଶ ଭାବରେ ଏକାପରି ଏହାକୁ ନିଷ୍ପାଦନ କରାଯିବ।

**ସ୍ପଷ୍ଟୀକରଣ:** ଏହି ଧାରା ଏବଂ ଧାରା ୫୨ର ଉଦ୍ଦେଶ୍ୟଗୁଡ଼ିକ ନିମନ୍ତେ ବାକ୍ୟାଂଶ 'ରାଜ୍ୟ ଜୈବବିବିଧତା ବୋର୍ଡ' ଜଣେ ବ୍ୟକ୍ତି ବା ଦଳେ ବ୍ୟକ୍ତିଙ୍କୁ ନେଇ ଗଠିତ ଯାହାକୁ ଧାରା ୨୨ରେ ଉପଧାରା (୨)ଅନୁସାରେ ସେହି ଉପଧାରାର ସର୍ତ୍ତ ଅନୁସାରେ କ୍ଷମତା ଏବଂ କାର୍ଯ୍ୟ ବଣ୍ଟନ କରାଯାଇଛି ଏବଂ ଏହି ଧାରା ଅନୁସାରେ ଜଣେ ବ୍ୟକ୍ତି ବା ଦଳେ ବ୍ୟକ୍ତିଙ୍କ ସଂପର୍କିତ ପ୍ରମାଣପତ୍ର ସେହି ବ୍ୟକ୍ତିଙ୍କ ଦ୍ୱାରା ବା ଦଳେ ବ୍ୟକ୍ତିଙ୍କ ଦ୍ୱାରା ଯଥାସ୍ଥିତି, ଦିଆଯିବ।

**ସଦ୍‌ବିଶ୍ୱାସରେ କରାଯାଇଥିବା କାର୍ଯ୍ୟର ସୁରକ୍ଷା**

**୫୪.** କେନ୍ଦ୍ରସରକାର କିମ୍ବା ରାଜ୍ୟ ସରକାର କିମ୍ବା କେନ୍ଦ୍ରସରକାରଙ୍କର କିମ୍ବା ରାଜ୍ୟ ସରକାରଙ୍କର କୌଣସି ଅଧିକାରୀ କିମ୍ବା ଜାତୀୟ ଜୈବବିବିଧତା ପ୍ରାଧିକରଣ କିମ୍ବା ରାଜ୍ୟ ଜୈବବିବିଧତା ବୋର୍ଡର କୌଣସି ସଭ୍ୟ, ଅଧିକାରୀ କିମ୍ବା କର୍ମଚାରୀଙ୍କ ବିରୋଧରେ ଏହି ଅଧିନିୟମ ଅନୁସାରେ ସଦ୍‌ବିଶ୍ୱାସରେ କରିଥିବା ବା କରିବାକୁ ଇଚ୍ଛା କରିଥିବା କୌଣସି କାର୍ଯ୍ୟ ପାଇଁ କିମ୍ବା ସେଥିପାଇଁ କରାଯାଇଥିବା ନୀତି ଓ ନିୟମାବଳୀ ନିମନ୍ତେ କୌଣସି ମକଦ୍ଦମା, ଅଭିଯୋଜନ ବା ଆଇନଗତ ପଦକ୍ଷେପ ହୋଇପାରିବ ନାହିଁ।

**ଶାସ୍ତି**

**୫୫.** ୧. ଧାରା ୩ କିମ୍ବା ଧାରା ୪ ଧାରା ୬ର ବ୍ୟବସ୍ଥାଗୁଡ଼ିକୁ ଯିଏ ଉଲ୍ଲଘଂନ କରେ, କିମ୍ବା ଉଲ୍ଲଘଂନ କରିବା ପାଇଁ ଚେଷ୍ଟା କରେ କିମ୍ବା ଉଲ୍ଲଘଂନ କରିବାରେ ସହାୟତା କରେ ତାକୁ ଜେଲ୍‌ଦଣ୍ଡ ଦିଆଯିବ ଯାହାର ସମୟସୀମା ୫ବର୍ଷ ପର୍ଯ୍ୟନ୍ତ ହୋଇପାରେ କିମ୍ବା ଜୋରିମାନା ଯାହା ଦଶଲକ୍ଷ ଟଙ୍କା ପର୍ଯ୍ୟନ୍ତ ହୋଇପାରେ ଏବଂ ଯେଉଁଠାରେ ହୋଇଥିବା କ୍ଷୟକ୍ଷତିର ପରିମାଣ ଦଶଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହୋଇଥିବ କ୍ଷୟକ୍ଷତି ସହିତ ଜୋରିମାନା ସମାନୁପାତିକ ହେବ କିମ୍ବା ଉଭୟ ହୋଇପାରେ।

୨. ଧାରା ୭ରେ ଥିବା ବ୍ୟବସ୍ଥାଗୁଡ଼ିକର ବା ଧାରା ୨୪ର ଉପବିଭାଗ (୨)ଅନୁସାରେ ହୋଇଥିବା କୌଣସି ଆଦେଶ ଯିଏ ଉଲ୍ଲଘଂନ କରିବେ ବା ଉଲ୍ଲଘଂନ କରିବା ପାଇଁ ଚେଷ୍ଟା କରିବେ ବା ଉଲ୍ଲଘଂନରେ ସହାୟତା କରିବେ ତାଙ୍କୁ କାରାଦଣ୍ଡ ଦିଆଯିବ ଯାହାର ସମୟସୀମା ତିନିବର୍ଷ ପର୍ଯ୍ୟନ୍ତ ହୋଇପାରେ କିମ୍ବା ଜୋରିମାନା ଯାହା ୫ଲକ୍ଷ ପର୍ଯ୍ୟନ୍ତ ହୋଇପାରେ କିମ୍ବା ଉଭୟ ହୋଇପାରେ।

**କେନ୍ଦ୍ରସରକାର ରାଜ୍ୟସରକାର ଜାତୀୟ ଜୈବ ବିବିଧତା ପ୍ରାଧିକରଣ ଏବଂ ରାଜ୍ୟ ଜୈବ ବିବିଧତା ବୋର୍ଡର ନିର୍ଦ୍ଦେଶ କିମ୍ବା ଆଦେଶ ଉଲ୍ଲଘଂନ**

**୫୬.** ଯଦି କୌଣସି ବ୍ୟକ୍ତି କେନ୍ଦ୍ରସରକାର, ରାଜ୍ୟସରକାର, ଜାତୀୟ ଜୈବବିବିଧତା ପ୍ରାଧିକରଣ କିମ୍ବା ରାଜ୍ୟ ଜୈବବିବିଧତା ବୋର୍ଡ ଦ୍ୱାରା ଦିଆଯାଇଥିବା କୌଣସି ନିର୍ଦ୍ଦେଶ କିମ୍ବା ଆଦେଶ ଉଲ୍ଲଘଂନ କରେ ଯେଉଁଥିପାଇଁ ଏହି ଅଧିନିୟମ ଅନୁସାରେ ଅଲଗା ଭାବରେ କୌଣସି ଦଣ୍ଡର ବ୍ୟବସ୍ଥା ନାହିଁ ତାକୁ ଜୋରିମାନା ସହିତ ଦଣ୍ଡିତ କରାଯିବ ଯାହା ଏକଲକ୍ଷ ଟଙ୍କା ପର୍ଯ୍ୟନ୍ତ ହୋଇପାରେ ଏବଂ ଦ୍ୱିତୀୟ କିମ୍ବା ପରବର୍ତ୍ତୀ ଅପରାଧ କ୍ଷେତ୍ରରେ ଜୋରିମାନା ଦୁଇଲକ୍ଷ ପର୍ଯ୍ୟନ୍ତ ହୋଇପାରେ ଏବଂ ବାରମ୍ବାର ଉଲ୍ଲଘଂନ କ୍ଷେତ୍ରରେ ଅତିରିକ୍ତ ଜୋରିମାନା ସହିତ ଯାହା ପ୍ରତିଦିନ ଦୁଇଲକ୍ଷ ପର୍ଯ୍ୟନ୍ତ ହୋଇପାରେ ଯେତେଦିନ ପର୍ଯ୍ୟନ୍ତ ଖିଲାପ ଚାଲିଥିବ।

**କମ୍ପାନୀଗୁଡ଼ିକ ଦ୍ୱାରା ଅପରାଧ**

**୫୭.** ୧. ଯେଉଁ କମ୍ପାନୀରେ ଏହି ଅଧିନିୟମ ଅନୁସାରେ ଏକ ଅପରାଧ କିମ୍ବା ଉଲ୍ଲଘଂନ ହୋଇଛି ପ୍ରତ୍ୟେକ ବ୍ୟକ୍ତି ଯିଏ ଅପରାଧ କିମ୍ବା ଉଲ୍ଲଘଂନ ହେବା ସମୟରେ ଦାୟିତ୍ୱରେ ଥିବେ କିମ୍ବା କମ୍ପାନୀ କାର୍ଯ୍ୟ ପରିଚାଳନା ନିମନ୍ତେ ଦାୟୀ ଥିବେ ଏବଂ କମ୍ପାନୀ ମଧ୍ୟ ଅପରାଧ କିମ୍ବା ଉଲ୍ଲଘଂନରେ ଦୋଷୀ ମନେକରାଯିବେ ଏବଂ ସେମାନଙ୍କ ବିରୋଧରେ ଅଭିଯୋଗ ଦାଖଲ କରାଯିବ ଏବଂ ସେହି ଅନୁସାରେ ଦଣ୍ଡିତ କରାଯିବ:

ପରନ୍ତୁ ଏହି ଉପଧାରାରେ ଯାହାଥାଉନା କାହିଁକି ଏପରି କୌଣସି ବ୍ୟକ୍ତି ଅଧିନିୟମ ଅନୁସାରେ ଦଣ୍ଡିତ ହୋଇପାରିବେ ନାହିଁ ଯଦି ସେ ପ୍ରମାଣ କରନ୍ତି ଯେ ଅପରାଧ କିମ୍ବା ଉଲ୍ଲଘଂନ ତାଙ୍କ ଜାଣିବାରେ ହୋଇନାହିଁ କିମ୍ବା ସେ ଏପରି ଅପରାଧ ବା ଉଲ୍ଲଘଂନକୁ ବନ୍ଦ କରିବା ପାଇଁ ସମସ୍ତ ପ୍ରକାର ଉଦ୍ୟମ କରିଥିଲେ।

୨. ଉପଧାରା (୧)ରେ ଥିବା ପ୍ରାବଧାନ ସତ୍ତ୍ୱେ, ଯେଉଁଠାରେ ଏହି ଅଧିନିୟମ ଅନୁସାରେ ଏକ ଅପରାଧ କିମ୍ବା ଉଲ୍ଲଘଂନ କମ୍ପାନୀ ଦ୍ୱାରା ହୋଇଛି ଏବଂ ଏହା ପ୍ରମାଣିତ ହୋଇଛି ଯେ ଅପରାଧ କିମ୍ବା ଉଲ୍ଲଘଂନ କମ୍ପାନୀର ସମ୍ମତିରେ କିମ୍ବା ଭିତିରି ସହଯୋଗରେ କିମ୍ବା କୌଣସି ନିର୍ଦ୍ଦେଶକ, ପରିଚାଳକ, ସଂପାଦକ କିମ୍ବା ଅନ୍ୟ ଅଧିକାରୀଙ୍କ ଅବହେଳା ଯୋଗୁ ହୋଇଛି ଏହି ନିର୍ଦ୍ଦେଶକ, ପରିଚାଳକ, ସଂପାଦକ କିମ୍ବା ଅନ୍ୟ ଅଧିକାରୀ ମଧ୍ୟ ଅପରାଧ କିମ୍ବା ଉଲ୍ଲଘଂନର ଦୋଷୀ ବୋଲି ବିବେଚିତ ଏବଂ ତାଙ୍କ ବିରୋଧରେ ଅଭିଯୋଗ କରାଯିବ ଏବଂ ସେହି ଅନୁସାରେ ଦଣ୍ଡିତ ହେବେ।

**ସ୍ପଷ୍ଟକରଣ:** ଏହି ଧାରାର ଉଦ୍ଦେଶ୍ୟଗୁଡ଼ିକ ନିମନ୍ତେ

(କ) 'କମ୍ପାନୀ' ଅର୍ଥ କୌଣସି ନିଗମ ଏବଂ ଏଥିରେ ଫାର୍ମ କିମ୍ବା ବ୍ୟକ୍ତିମାନଙ୍କର ଅନ୍ୟାନ୍ୟ ସଂଗଠନ ଅନ୍ତର୍ଭୁକ୍ତ ଏବଂ

(ଖ) ଫାର୍ମ ସଂପର୍କିତ 'ନିର୍ଦ୍ଦେଶକ' ଅର୍ଥ ଫାର୍ମର ଅଂଶୀଦାର

**ଅପରାଧଗୁଡ଼ିକ ଧର୍ତ୍ତବ୍ୟ ଏବଂ ଜାମିନବିହୀନ**

**୫୮.** ଏହି ଅଧିନିୟମ ଅନୁସାରେ ଅପରାଧଗୁଡ଼ିକ ଧର୍ତ୍ତବ୍ୟ ଏବଂ ଜାମିନ୍ ବିହୀନ

**ଅନ୍ୟ ଅଧିନିୟମଗୁଡ଼ିକ ସହିତ ମିଶି ଅଧିନିୟମ ପ୍ରଭାବ ପକାଇବ**

**୫୯.** ଏହି ଅଧିନିୟମର ବ୍ୟବସ୍ଥାଗୁଡ଼ିକ ଜଙ୍ଗଲ କିମ୍ବା ବଣ୍ୟଜନ୍ତୁ ସଂପର୍କିତ ବର୍ତ୍ତମାନ ପ୍ରଚଳିତ ଅନ୍ୟକୌଣସି ବିଧିର ବ୍ୟବସ୍ଥାଗୁଡ଼ିକ ସହିତ ମିଶିକରି ରହିବ ସେଗୁଡ଼ିକର ମର୍ଯ୍ୟାଦା ହାନି ହେବନାହିଁ।

**ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ପାଇଁ କେନ୍ଦ୍ର ସରକାରଙ୍କ କ୍ଷମତା**

**୬୦.** କେନ୍ଦ୍ରସରକାର ସେଥିନିମନ୍ତେ କରାଯାଇଥିବା ଏହି ଅଧିନିୟମର କୌଣସି ନୀତି କିମ୍ବା ନିୟମ କିମ୍ବା ଆଦେଶର ବ୍ୟବସ୍ଥାଗୁଡ଼ିକୁ ରାଜ୍ୟରେ କାର୍ଯ୍ୟକାରୀ କରିବା ନିମନ୍ତେ ନିର୍ଦ୍ଦେଶ ଦେଇପାରନ୍ତି।

**ଧର୍ତ୍ତବ୍ୟ ଅପରାଧଗୁଡ଼ିକ**

**୬୧.** ଏହି ଅଧିନିୟମ ଅନୁସାରେ କୌଣସି ଅପରାଧର ଅବଗତି କୌଣସି କୋର୍ଟ କରିବେନାହିଁ, କେବଳ ନିମ୍ନରେ ଦର୍ଶାଯାଇଥିବା କେତୋଟି କରାଯାଇଥିବା ଅଭିଯୋଗକୁ ଛାଡ଼ି ଯଥା–

(କ) କେନ୍ଦ୍ରସରକାର କିମ୍ବା କୌଣସି ପ୍ରାଧିକରଣ କିମ୍ବା ଏଥିନିମନ୍ତେ ସେହି ସରକାରଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ଅଧିକାରୀ

(ଖ) କୌଣସି ସୁବିଧାର ଦାବିଦାର ଯିଏ ବିହିତ ରୀତିରେ ଏହି ଅପରାଧର ତିରିଶ ଦିନରୁ କମ୍ ହୋଇନଥିବା ସମୟ ମଧ୍ୟରେ ସୂଚନା ପ୍ରଦାନ କରିଛି ଏବଂ ଯାହାର ଉଦ୍ଦେଶ୍ୟ ହେଉଛି କେନ୍ଦ୍ରସରକାରଙ୍କୁ କିମ୍ବା ପ୍ରାଧିକରଣକୁ କିମ୍ବା ପୂର୍ବୋକ୍ତ କ୍ଷମତାପ୍ରାପ୍ତ ଅଧିକାରୀଙ୍କୁ ଆବେଦନ କରିବ ।

**କେନ୍ଦ୍ର ସରକାରଙ୍କର ନିୟମ କରିବା କ୍ଷମତା**

**୬୨.** ୧. କେନ୍ଦ୍ରସରକାର ସରକାରୀ ଗେଜେଟ୍‌ରେ ଅଧିସୂଚନା ଦ୍ୱାରା ଏହି ଅଧିନିୟମର ଉଦ୍ଦେଶ୍ୟଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ନିୟମାବଳୀ କରିପାରନ୍ତି ।

୨. ବିଶେଷକରି ଏବଂ ପୂର୍ବ ଉଲ୍ଲେଖିତ କ୍ଷମତାର ବ୍ୟାପକତା ପ୍ରତି ପ୍ରତିକୂଳ ପ୍ରଭାବ ବିନା ସମସ୍ତ କିମ୍ବା ନିମ୍ନ ଯେ କୌଣସି ବିଷୟଗୁଡ଼ିକ ନିମନ୍ତେ ଏହି ନିୟମଗୁଡ଼ିକୁ ବ୍ୟବହାର କରାଯାଇପାରେ

କ. ଧାରା ୯ ଅନୁସାରେ ଅଧ୍ୟକ୍ଷ ଏବଂ ସଦସ୍ୟମାନଙ୍କର ସେବା ସର୍ତ୍ତାବଳୀ;

ଖ. ଧାରା ୧୦ ଅନୁସାରେ ଅଧ୍ୟକ୍ଷଙ୍କର କ୍ଷମତା ଏବଂ କର୍ତ୍ତବ୍ୟ;

ଗ. ଧାରା ୧୨ର ଉପଧାରା (୧)ଅନୁସାରେ ବୈଠକଗୁଡ଼ିକରେ କାର୍ଯ୍ୟକଳାପ ପ୍ରକ୍ରିୟା ସଂପର୍କରେ;

ଘ. ଧାରା ୧୯ର ଉପଧାରା (୧)ଅନୁସାରେ କେତେଗୁଡ଼ିଏ କାର୍ଯ୍ୟ କରିବା ନିମନ୍ତେ ଆବେଦନର ପ୍ରକାର ଏବଂ ମୂଲ୍ୟ ପ୍ରଦାନ;

ଙ. ଧାରା ୧୯ର ଉପଧାରା (୨) ଅନୁସାରେ ଆବେଦନ କରିବାର ଆକାର ଏବଂ ପ୍ରକାର;

ଚ. ଧାରା ୨୦ର ଉପଧାରା (୨)ଅନୁସାରେ ଆବେଦନର ଆକାର ଏବଂ ଜୈବସଂପଦ କିମ୍ବା ଜ୍ଞାନର ହସ୍ତାନ୍ତର;

ଛ. ଧାରା ୨୮ ଅନୁସାରେ ଜାତୀୟ ଜୈବବିବିଧତା ପ୍ରାଧିକରଣର ବାର୍ଷିକ ବିବରଣୀ ପ୍ରତ୍ୟେକ ଆର୍ଥିକବର୍ଷର କେଉଁ ସମୟରେ ଏବଂ କିପରି ପ୍ରସ୍ତୁତ କରାଯିବ ଏବଂ ତାରିଖ ଯାହା ପୂର୍ବରୁ ହିସାବର ସମୀକ୍ଷିତ ନକଲ ଏବଂ ଏହାସହିତ ଏହା ଉପରେ ସମୀକ୍ଷକଙ୍କ ବିବରଣୀ ପଠାଯିବ;

ଜ. ଧାରା ୨୯ର ଉପଧାରା (୧) ଅନୁସାରେ କେଉଁ ଆକାରରେ ହିସାବର ବାର୍ଷିକ ବିବୃତ୍ତି ପ୍ରକାଶ କରାଯିବ;

ଝ. ଧାରା ୫୦ଅନୁସାରେ କେଉଁ ସମୟ ମଧ୍ୟରେ ଏବଂ କେଉଁ ଆକାରରେ ଅପିଲ୍ ଆବେଦନ କରାଯାଇପାରିବ ଅପିଲ୍ ଆବେଦନର ଫଏସଲା ନିମନ୍ତେ ପ୍ରକ୍ରିୟା ଏବଂ ନ୍ୟାୟ ନିର୍ଣ୍ଣୟ ନିମନ୍ତେ ପ୍ରକ୍ରିୟା;

ଞ. ଧାରା ୫୦ର ଉପଧାରା (୬)ର ଖଣ୍ଡ (ଜ) ଅନୁସାରେ ଅତିରିକ୍ତ ବିଷୟ ଜାତୀୟ ଜୈବ ବିବିଧତା ପ୍ରାଧିକରଣ ଦେବାନୀ ନ୍ୟାୟାଳୟର କ୍ଷମତା ପ୍ରୟୋଗ କରିପାରେ;

ଟ. ଧାରା ୬୧ର ଖଣ୍ଡ (ଖ) ଅନୁସାରେ ଅଧିସୂଚନା ଦେବାର ପ୍ରକାର;

ଠ. ଯାହା ନିର୍ଦ୍ଧାରଣ କରାଯିବ ବା କରାଯାଇପାରେ କିମ୍ବା ଯେଉଥିପାଇଁ ନିୟମ ଅନୁସାରେ ବ୍ୟବସ୍ଥା କରାଯିବ ସେପରି ଅନ୍ୟ ଯେ କୌଣସି ବିଷୟ ।

୩. ଏହି ଧାରା ଅନୁସାରେ କରାଯାଇଥିବା ପ୍ରତ୍ୟେକ ନିୟମ ଏହି ଅଧିନିୟମ ଅନୁସାରେ କରାଯାଇଥିବା ପ୍ରତ୍ୟେକ ନିୟମ ପ୍ରସ୍ତୁତ ହେବାପରେ ଯଥାଶୀଘ୍ର ସଂସଦର ଉଭୟ ଗୃହରେ ଉପସ୍ଥାପନ କରାଯିବ, ଯେତେବେଳେ ଏହାର ଅଧିବେଶନ ମୋଟ ତିରିଶ ଦିନ ସମୟ ନିମନ୍ତେ ଚାଲିଥିବ ଯାହା ଗୋଟିଏ ଅଧିବେଶନ କିମ୍ବା ଦୁଇଟି କିମ୍ବା ତତୋଧିକ ଅଧିବେଶନକୁ ନେଇ ଗଠିତ ହୋଇପାରେ ଏବଂ ଯଦି ଅଧିବେଶନ ସରିବା ପୂର୍ବରୁ ଏବଂ ପୂର୍ବୋକ୍ତ ଅଧିବେଶନ କିମ୍ବା ପରବର୍ତ୍ତୀ ଅଧିବେଶନଗୁଡ଼ିକ ସରିବାର ଠିକ୍ ପରେପରେ ଉଭୟ ଗୃହ ନୀତି କିମ୍ବା ନିୟମଗୁଡ଼ିକରେ କୌଣସି ପରିବର୍ତ୍ତନ କରିବା ପାଇଁ ସହମତି ପ୍ରକାଶ କରନ୍ତି କିମ୍ବା ଉଭୟ ଗୃହ ରାଜି ହୁଅନ୍ତି ଯେ ଏପରି କୌଣସି ନୀତି କିମ୍ବା ନିୟମ ହେବା ଉଚିତ୍ ନୁହେଁ ଯଥାସ୍ଥିତି ସେହି ନୀତି କିମ୍ବା ନିୟମ ପରିବର୍ତ୍ତନ ଆକାରରେ କାର୍ଯ୍ୟକାରୀ କରାଯିବ କିମ୍ବା ଏହାର କୌଣସି ପ୍ରଭାବ ରହିବନାହିଁ । ତେଣୁ ଯାହାହେଉ ଏପରି କୌଣସି ପରିବର୍ତ୍ତନ କିମ୍ବା ବାତିଲ ସେହି ନୀତି କିମ୍ବା ନିୟମ ଅନୁସାରେ ପୂର୍ବରୁ କରାଯାଇଥିବା କୌଣସି କାର୍ଯ୍ୟର ବିଧିମାନ୍ୟତା ପ୍ରତି କୌଣସି ଭ୍ରାନ୍ତ ଧାରଣା ନ ରଖି କରାଯିବ ।

**ନିୟମାବଳୀ କରିବା ନିମନ୍ତେ ରାଜ୍ୟ ସରକାରଙ୍କ କ୍ଷମତା**

**୬୩.** ୧. ରାଜ୍ୟସରକାର ସରକାରୀ ଗେଜେଟ୍‌ରେ ଅଧିସୂଚନା ଦ୍ୱାରା ଏହି ଅଧିନିୟମର ଉଦ୍ଦେଶ୍ୟଗୁଡ଼ିକୁ କାର୍ଯ୍ୟକାରୀ କରିବା ନିମନ୍ତେ ନିୟମାବଳୀ ପ୍ରଣୟନ କରିପାରିବେ ।

୨. ବିଶେଷକରି ଏବଂ ପୂର୍ବ ଉଲ୍ଲେଖିତ କ୍ଷମତାର ବ୍ୟାପକତା ପ୍ରତି କୌଣସି ପ୍ରତିକୂଳ ପ୍ରଭାବ ବିନା ସମସ୍ତ କିମ୍ବା କୌଣସି ନିମ୍ନ ବିଷୟଗୁଡ଼ିକ ନିମନ୍ତେ ଏହି ନିୟମଗୁଡ଼ିକୁ ବ୍ୟବହାର କରାଯାଇପାରେ ।

କ. ଧାରା ୨୩ର ଖଣ୍ଡ-(ଗ) ଅନୁସାରେ ଅନ୍ୟାନ୍ୟ କାର୍ଯ୍ୟଗୁଡ଼ିକ ରାଜ୍ୟ ଜୈବବିବିଧତା ବୋର୍ଡ କରିବ;

ଖ. ଧାରା ୨୪ର ଉପଧାରା (୧)ଅନୁସାରେ ଯେଉଁଥିରେ ପୂର୍ବସୂଚନା ଦିଆଯିବ;

ଗ. ଧାରା ୩୩ ଅନୁସାରେ କେଉଁ ଆକାରରେ ଏବଂ ପ୍ରତ୍ୟେକ ଆର୍ଥିକବର୍ଷର କେଉଁ ସମୟରେ ବାର୍ଷିକ ବିବରଣୀ ପ୍ରସ୍ତୁତ କରାଯିବ;

ଘ. ଧାରା ୩୪ ଅନୁସାରେ ରାଜ୍ୟ ଜୈବବିବିଧତା ବୋର୍ଡର ହିସାବ କିପରି ରଖାଯିବ ଏବଂ ସମୀକ୍ଷା କରାଯିବ ଏବଂ ତାରିଖ ଯାହା ପୂର୍ବରୁ ହିସାବର ସମୀକ୍ଷିତ ନକଲ ଏବଂ ଏହାସହିତ ତାହା ଉପରେ ସମୀକ୍ଷକଙ୍କ ବିବରଣୀ ପଠାଯିବ;

ଙ. ଧାରା ୩୭ ଅନୁସାରେ ଜାତୀୟ ଐତିହ୍ୟସ୍ଥଳଗୁଡ଼ିକର ପରିଚାଳନା ଏବଂ ସଂରକ୍ଷଣ;

ଚ. ଧାରା ୪୪ର ଉପବିଭାଗ (୧)ଅନୁସାରେ ସ୍ଥାନୀୟ ଜୈବ ବିବିଧତା ପାଣ୍ଠିର କିପରି ପରିଚାଳନା ଓ ଅଭିରକ୍ଷା କରାଯିବ ଏବଂ ଏହି ପାଣ୍ଠି କେଉଁ ଉଦ୍ଦେଶ୍ୟରେ ବିନିଯୋଗ କରାଯିବ;

ଛ. ଧାରା ୪୫ ଅନୁସାରେ ବାର୍ଷିକ ବିବରଣୀର ଆକାର ଏବଂ ପ୍ରତ୍ୟେକ ଆର୍ଥିକବର୍ଷର କେଉଁ ସମୟରେ ଏହି ବିବରଣୀ ପ୍ରସ୍ତୁତ କରାଯିବ;

ଜ. ଧାରା ୪୬ ଅନୁସାରେ ସ୍ଥାନୀୟ ଜୈବବିବିଧତା ପାଣ୍ଠିର ହିସାବ କିପରି ରଖାଯିବ ଏବଂ ସମୀକ୍ଷା କରାଯିବ ଏବଂ କେଉଁ ତାରିଖ ପୂର୍ବରୁ ହିସାବର ସମୀକ୍ଷିତ ନକଲ ଏବଂ ଏହା ଉପରେ ସମୀକ୍ଷକଙ୍କ ବିବରଣୀ ପଠାଯିବ;

ଝ. ଯେପରି ନିର୍ଦ୍ଧାରଣ କରାଯିବ ବା କରାଯାଇପାରେ।

୩. ଏହି ଧାରା ଅନୁସାରେ ରାଜ୍ୟସରକାରଙ୍କ ଦ୍ୱାରା କରାଯାଇଥିବା ପ୍ରତ୍ୟେକ ନିୟମ ଏହା ପ୍ରସ୍ତୁତ ହେବା ପରେ ଯଥାଶୀଘ୍ର ରାଜ୍ୟ ବିଧାନସଭାର ପ୍ରତ୍ୟେକ ଗୃହ ସମ୍ମୁଖରେ ଉପସ୍ଥାପନ କରାଯିବ ଯେଉଁଠାରେ ଏହା ଦୁଇଟି ଗୃହକୁ ନେଇ ଗଠିତ କିମ୍ବା ଯେଉଁଠାରେ ବିଧାନସଭା ଗୋଟିଏ ଗୃହକୁ ନେଇ ଗଠିତ;

**ନୀତି ପ୍ରସ୍ତୁତ କରିବାର କ୍ଷମତା**

**୬୪.** ଜାତୀୟ ଜୈବ ବିବିଧତା ପ୍ରାଧିକରଣ କେନ୍ଦ୍ରସରକାରଙ୍କ ପୂର୍ବ ଅନୁମୋଦନରେ ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା ଏହି ଅଧିନିୟମର ଉଦ୍ଦେଶ୍ୟଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ନୀତି ପ୍ରସ୍ତୁତ କରିପାରିବେ।

**ଅସୁବିଧାଗୁଡ଼ିକୁ ଦୂର କରିବାର କ୍ଷମତା**

**୬୫.** ୧. ଏହି ଅଧିନିୟମର ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ଯଦି କୌଣସି ଅସୁବିଧା ହୁଏ କେନ୍ଦ୍ରସରକାର ଆଦେଶ ଦ୍ୱାରା ଯାହା ଅଧିନିୟମର ବ୍ୟବସ୍ଥାଗୁଡ଼ିକ ସହିତ ଅସଂଗତ ହୋଇନଥିବ, ସେପରି ଅସୁବିଧାଗୁଡ଼ିକୁ ଦୂର କରିପାରିବେ।

ପରନ୍ତୁ ଏହି ଅଧିନିୟମର ଆରମ୍ଭରୁ ଦୁଇବର୍ଷ ଶେଷ ହେବା ପରେ ଏପରି କୌଣସି ଆଦେଶ କରାଯାଇପାରିବ ନାହିଁ।

୨. ଏହି ବିଭାଗ ଅନୁସାରେ କରାଯାଇଥିବା ପ୍ରତ୍ୟେକ ଆଦେଶ ହେବା ପରେ ଯଥାଶୀଘ୍ର ସଂସଦର ଉଭୟ ଗୃହରେ ଉପସ୍ଥାପନ କରାଯିବ।

*ସୁଭାଷ ସିଂ ଜୈନ*
*ଭାରତ ସରକାରଙ୍କ ସଚିବ*

# ଜୈବ ବିବିଧତା
# ନିୟମାବଳୀ, ୨୦୦୪

# ପରିବେଶ ଓ ଜଙ୍ଗଲ ମନ୍ତ୍ରାଳୟ

## ବିଜ୍ଞପ୍ତି

ନୂଆଦିଲ୍ଲୀ, ୧୫ ଏପ୍ରିଲ୍, ୨୦୦୪

**ଜି.ଏସ୍.ଆର୍. ୨୬୧ (ଇ).**–କେନ୍ଦ୍ର ସରକାର ଏତଦ୍ଦ୍ୱାରା ଜୈବ ବିବିଧତା ଅଧିନିୟମ ୨୦୦୨ର ଧାରା ୬୨ ଦ୍ୱାରା ପ୍ରଦାନ କରାଯାଇଥିବା ଅଧିକାରର ପ୍ରୟୋଗ ଏବଂ ଏହି ଅଧିକ୍ରମଣ ପୂର୍ବରୁ ସଂପାଦିତ ବା ସଂପାଦନ କରିବା ପାଇଁ ବାଦ୍ ଦିଆଯାଇଥିବା ବିଷୟବସ୍ତୁ ବ୍ୟତୀତ ଜାତୀୟ ଜୈବ ବିବିଧତା କର୍ତ୍ତୃପକ୍ଷ (ଅଧ୍ୟକ୍ଷ/ଅଧ୍ୟକ୍ଷା ଓ ଅନ୍ୟ ସଭ୍ୟ/ସଭ୍ୟାମାନଙ୍କର ବେତନ, ଭତ୍ତା ତଥା ଚାକିରି ସର୍ତ୍ତାବଳୀ) ନିୟମାବଳୀ ୨୦୦୩ର ଅଧିକ୍ରମଣ ବଳରେ ନିମ୍ନଲିଖିତ ନିୟମାବଳୀ ପ୍ରସ୍ତୁତ କରିଛନ୍ତି, ଯଥା–

**୧. ସଂକ୍ଷିପ୍ତ ଶିରୋନାମା ଓ ପ୍ରାରମ୍ଭ**

(୧) ଉକ୍ତ ନିୟମାବଳୀକୁ ଜୈବ ବିବିଧତା ନିୟମାବଳୀ, ୨୦୦୪ ବୋଲି ଅଭିହିତ କରାଯାଇପାରିବ।

(୨) ଏହା ୧୫ ଏପ୍ରିଲ୍, ୨୦୦୪ ଠାରୁ କାର୍ଯ୍ୟକାରି ହେବ।

**୨. ସଂଜ୍ଞା**

ପରିପ୍ରେକ୍ଷୀ ମୁତାବକ ଯଦି ଅନ୍ୟ ଭାବରେ ଆବଶ୍ୟକ ନହୁଏ ତା'ହେଲେ ଏହିସବୁ ନିୟମାବଳୀରେ:

(କ) 'ଅଧିନିୟମ' ଅର୍ଥାତ୍ ଜୈବ ବିବିଧତା ଅଧିନିୟମ ୨୦୦୨ (୨୦୦୩ର ୧୮) ବୋଲି ବୁଝିବାକୁ ହେବ,

(ଖ) 'କର୍ତ୍ତୃପକ୍ଷ' ଅର୍ଥାତ୍ ବିଭାଗ ୮ର ଉପବିଭାଗ (୧) ଅନୁଯାୟୀ ଗଠିତ ଜାତୀୟ ଜୈବ ବିବିଧତା କର୍ତ୍ତୃପକ୍ଷ,

(ଗ) 'ଜୈବ ବିବିଧତା ପରିଚାଳନା ସମିତି' ଅର୍ଥାତ୍ ଧାରା ୪୧ର ଉପଧାରା (୧) ଅନୁଯାୟୀ କୌଣସି ସ୍ୱାୟତ୍ତ ସଂସ୍ଥା ଦ୍ୱାରା ଗଠିତ ଜୈବ ବିବିଧତା ପରିଚାଳନା ସମିତି,

(ଘ) 'ଅଧ୍ୟକ୍ଷ/ଅଧ୍ୟକ୍ଷା' ଅର୍ଥାତ୍ ଜାତୀୟ ଜୈବ ବିବିଧତା କର୍ତ୍ତୃପକ୍ଷ ଅଥବା ସ୍ଥଳ ଅନୁସାରେ ରାଜ୍ୟ ଜୈବ ବିବିଧତା ବୋର୍ଡ଼ର ଅଧ୍ୟକ୍ଷ/ଅଧ୍ୟକ୍ଷା ବୋଲି ବୁଝିବାକୁ ହେବ,

(ଙ) 'ପ୍ରାପ୍ୟ' ଅର୍ଥାତ୍ କାର୍ଯ୍ୟସୂଚୀରେ ନିର୍ଦ୍ଧାରିତ ଯେକୌଣସି ପ୍ରାପ୍ୟ,

(ଚ) 'ଫର୍ମ' ଅର୍ଥାତ୍ ଏହିସବୁ ନିୟମାବଳୀ ସହିତ ସଂଯୋଜିତ ଫର୍ମ,

(ଛ) 'ସଭ୍ୟ/ସଭ୍ୟା' ଅର୍ଥାତ୍ ଜାତୀୟ ଜୈବ ବିବିଧତା କର୍ତ୍ତୃପକ୍ଷ ଅଥବା କୌଣସି ରାଜ୍ୟ ଜୈବ ବିବିଧତା ବୋର୍ଡ଼ର ଜଣେ ସଭ୍ୟ/ସଭ୍ୟା ଏବଂ ସ୍ଥଳ ବିଶେଷରେ ଏଥିରେ ଅଧ୍ୟକ୍ଷ/ଅଧ୍ୟକ୍ଷା ମଧ୍ୟ ସାମିଲ୍ ହେବେ,

(ଜ) 'ଧାରା' ଅର୍ଥାତ୍ ଅଧିନିୟମର ଯେକୌଣସି ଏକ ଧାରା,

(ଝ) 'ସଂପାଦକ/ସଚିବ' ଅର୍ଥାତ୍ କର୍ତ୍ତୃପକ୍ଷଙ୍କର ପୂର୍ଣ୍ଣ ସମୟ ସଚିବ/ସମ୍ପାଦକଙ୍କୁ ବୁଝାଇବ,

(ଞ) ଏହିସବୁ ନିୟମାବଳୀରେ ବ୍ୟବହୃତ ହୋଇ ବ୍ୟାଖ୍ୟା କରାଯାଇନଥିବା ଏବଂ ଅଧିନିୟମରେ ବ୍ୟାଖ୍ୟା କରାଯାଇଥିବା ଶବ୍ଦାବଳୀ ଓ ବାକ୍ୟାଂଶଗୁଡ଼ିକ ଅଧିନିୟମରେ ଯଥାକ୍ରମେ ସେଗୁଡ଼ିକ ନିମନ୍ତେ ଦିଆଯାଇଥିବା ଅର୍ଥ ଧାରଣ କରିବେ।

## ୩. ଅଧ୍ୟକ୍ଷ/ଅଧ୍ୟକ୍ଷାଙ୍କର ଚୟନ ଓ ନିଯୁକ୍ତି ପ୍ରକ୍ରିୟା

(୧) କେନ୍ଦ୍ର ସରକାରଙ୍କ ଦ୍ୱାରା କର୍ତ୍ତୃପକ୍ଷର ଅଧ୍ୟକ୍ଷ/ଅଧ୍ୟକ୍ଷା ନିଯୁକ୍ତ ହେବେ।

(୨) ଉପ-ଧାରା (୧) ଅନୁଯାୟୀ ଅଧ୍ୟକ୍ଷ/ଅଧ୍ୟକ୍ଷାଙ୍କ ପ୍ରତ୍ୟେକ ନିଯୁକ୍ତି କର୍ମାନ୍ତର ପ୍ରେରଣ (deputation) କ୍ରମରେ ଅଥବା କେନ୍ଦ୍ର ସରକାରର ବାହାରୁ ଚୟନ କ୍ରମେ ହେବ। ଯଦି କର୍ମାନ୍ତର ପ୍ରେରଣମୂଳକ ନିଯୁକ୍ତି କାର୍ଯ୍ୟ କରାଯାଏ ତା'ହେଲେ ଆବେଦକ ଭାରତ ସରକାରଙ୍କ ଅଧୀନରେ ଅତିରିକ୍ତ ଶାସନ ସଚିବ ପାହ୍ୟାଠାରୁ କମ୍ ସ୍ତରର ହୋଇନଥିବା ଆବଶ୍ୟକ।

## ୪. ଅଧ୍ୟକ୍ଷ/ଅଧ୍ୟକ୍ଷାଙ୍କର କାର୍ଯ୍ୟକାଳ

୧) କର୍ତ୍ତୃପକ୍ଷରେ ନିଯୁକ୍ତ ଅଧ୍ୟକ୍ଷ/ଅଧ୍ୟକ୍ଷା ତିନି ବର୍ଷର ସମୟକାଳ ପର୍ଯ୍ୟନ୍ତ କାର୍ଯ୍ୟାଳୟର ଦାୟିତ୍ୱ ସମ୍ଭାଳିବେ ଏବଂ ପୁନଃନିଯୁକ୍ତି ନିମନ୍ତେ ଯୋଗ୍ୟ ବିବେଚିତ ହୋଇପାରିବେ।

୨) ଅବଶ୍ୟ ୬୫ ବର୍ଷ ବୟସରେ ପଦାର୍ପଣ କଲାପରେ ବା କାର୍ଯ୍ୟାଳୟରେ କାର୍ଯ୍ୟକାଳ ଶେଷ ହେଲାପରେ, ଉଭୟ ମଧ୍ୟରୁ ଯେଉଁ ଅବସ୍ଥା ପ୍ରଥମେ ଘଟିବ ତାହା ପରେ କୌଣସି ଅଧ୍ୟକ୍ଷ/ ଅଧ୍ୟକ୍ଷା କାର୍ଯ୍ୟ କରିପାରିବେ ନାହିଁ।

୩) ସଂପୃକ୍ତ ଅଧ୍ୟକ୍ଷ/ଅଧ୍ୟକ୍ଷା କେନ୍ଦ୍ର ସରକାରଙ୍କ ନିକଟରେ ଏକ ମାସ ଆଗରୁ ଲିଖିତ ସୂଚନା ଦେଇ ନିଜ କାର୍ଯ୍ୟରୁ ଇସ୍ତଫା ଦେଇପାରିବେ।

## ୫. ଅଧ୍ୟକ୍ଷ/ଅଧ୍ୟକ୍ଷାଙ୍କର ବେତନ ଓ ଭତ୍ତା

(୧) ଜଣେ ଅଧ୍ୟକ୍ଷ/ଅଧ୍ୟକ୍ଷା ମାସକୁ ଏକତ୍ରୀକୃତ ଭତ୍ତା ଟ.୨୬,୦୦୦/- (ଛବିଶ ହଜାର ଟଙ୍କା) ହାରରେ ବେତନ ପାଇବା ଲାଗି ହକ୍‌ଦାର ହେବେ। ଅବସର ଗ୍ରହଣ କରିଥିବା ବ୍ୟକ୍ତିଙ୍କୁ ଅଧ୍ୟକ୍ଷ/ଅଧ୍ୟକ୍ଷା ପଦରେ ନିଯୁକ୍ତି ଦିଆଗଲେ କେନ୍ଦ୍ର ସରକାରଙ୍କ ଆଦେଶ ଅନୁସାରେ ସେଭଳି ବ୍ୟକ୍ତିଙ୍କ ପାଇଁ ଉପଯୁକ୍ତ ହେଲାଭଳି ବେତନ ହାର ନିର୍ଦ୍ଧାରଣ କରାଯିବ।

(୨) ବିଭିନ୍ନ ସମୟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଯେପରି ସ୍ଥିର କରାଯିବ ସେହି ଅନୁସାରେ ଜଣେ ଅଧ୍ୟକ୍ଷ/ଅଧ୍ୟକ୍ଷା ଭତ୍ତା, ଛୁଟି, ପେନ୍‌ସନ୍, ଭବିଷ୍ୟନିଧି, ବାସଗୃହ ତଥା ଅନ୍ୟାନ୍ୟ ମୌଳିକ ଆବଶ୍ୟକତା ପାଇବା ଲାଗି ହକ୍‌ଦାର ହେବେ।

## ୬. ବେସରକାରୀ ସଭ୍ୟସଭ୍ୟାମାନଙ୍କର କାର୍ଯ୍ୟକାଳ ଓ ଭତ୍ତା

(୧) କର୍ତ୍ତୃପକ୍ଷର ପ୍ରତ୍ୟେକ ବେସରକାରୀ ସଭ୍ୟ/ସଭ୍ୟା କର୍ତ୍ତୃପକ୍ଷଙ୍କ ଇସ୍ତାହାରରେ ସେମାନଙ୍କ ନିଯୁକ୍ତି ଖବର ପ୍ରକାଶ ପାଇବା ଦିନଠାରୁ ଏକକାଳୀନ ତିନି ବର୍ଷରୁ ଅଧିକ କାଳ ପଦବୀରେ ନିୟୋଜିତ ରହିପାରିବେ ନାହିଁ।

(୨) କେନ୍ଦ୍ର ସରକାରଙ୍କ କମିସନ୍ ଓ କମିଟିର ଅଧିବେଶନ(ମାନଙ୍କ)ରେ ଯୋଗ ଦେବା ପାଇଁ ସେହିସବୁ କମିସନ୍ ଓ କମିଟିର ବେସରକାରୀ ସଭ୍ୟ/ସଭ୍ୟାଙ୍କ ପ୍ରତି ଯେପରି ଲାଗୁ ହୋଇଥାଏ ସେହି ଅନୁସାରେ କର୍ତ୍ତୃପକ୍ଷଙ୍କ ବୈଠକରେ ଯୋଗ ଦେବାକୁ ଆସୁଥିବା ପ୍ରତ୍ୟେକ ବେସରକାରୀ ସଭ୍ୟ/ସଭ୍ୟା ବୈଠକ-ଭତ୍ତା, ଯାତାୟାତ ଖର୍ଚ୍ଚ, ଦୈନିକ ଭତ୍ତା ଏବଂ ସେହି ଧରଣର ଅନ୍ୟାନ୍ୟ ଭତ୍ତା ପାଇବାକୁ ହକ୍‌ଦାର ହେବେ।

## ୭. ବେସରକାରୀ ସଭ୍ୟ/ସଭ୍ୟାମାନଙ୍କର ଖାଲି ପଡ଼ିଥିବା ପଦବୀର ସ୍ଥାନ ପୂରଣ

(୧) କର୍ତ୍ତୃପକ୍ଷଙ୍କର ଜଣେ ବେସରକାରୀ ସଭ୍ୟ/ସଭ୍ୟା କେନ୍ଦ୍ର ସରକାରଙ୍କୁ ସମ୍ବୋଧନ କରି ସ୍ୱହସ୍ତ ଲିଖିତ ଦରଖାସ୍ତ ଜରିଆରେ ନିଜ ପଦବୀରୁ ଇସ୍ତଫା ଦେଇପାରିବେ ଏବଂ ସେପରି ସ୍ଥଳେ

କର୍ତ୍ତୃପକ୍ଷରେ ସେହି ସଭ୍ୟ/ସଭ୍ୟାଙ୍କ ସ୍ଥାନ ଖାଲି ପଡ଼ିବ ।

(୨) କର୍ତ୍ତୃପକ୍ଷଙ୍କ ନିକଟରେ ଆକସ୍ମିକ ଭାବେ କୌଣସି ବେସରକାରୀ ସଭ୍ୟ/ସଭ୍ୟାଙ୍କ ପଦବୀ ଖାଲି ପଡ଼ିଥିଲେ ତାହାକୁ ନୂତନ ସଭ୍ୟ/ସଭ୍ୟାଙ୍କୁ ମନୋନୟନ କରି ପୂରଣ କରିବାକୁ ହେବ ଏବଂ ଖାଲିସ୍ଥାନ ପୂରଣ କରିବା ଲାଗି ମନୋନୀତ ହୋଇଥିବା ବ୍ୟକ୍ତି ଛାଡ଼ି ଯାଇଥିବା ସେହି ସଭ୍ୟ/ସଭ୍ୟାଙ୍କ ଅବଶିଷ୍ଟ କାର୍ଯ୍ୟକାଳ ପର୍ଯ୍ୟନ୍ତ କେବଳ କାର୍ଯ୍ୟ କରିବେ ।

## ୮. କର୍ତ୍ତୃପକ୍ଷଙ୍କ ସଭ୍ୟ/ସଭ୍ୟାମାନଙ୍କର ବହିଷ୍କାର

କର୍ତ୍ତୃପକ୍ଷଙ୍କ କୌଣସି ସଭ୍ୟ/ସଭ୍ୟାଙ୍କୁ ଧାରା ୧୧ରେ ନିରୂପିତ କୌଣସି କାରଣ ଦର୍ଶାଇ କେନ୍ଦ୍ର ସରକାରଙ୍କଦ୍ୱାରା ନିଯୁକ୍ତ ଭାରତ ସରକାରଙ୍କ ଶାସନ ସଚିବ ପାହ୍ୟାରୁ କମ୍ ସ୍ତରୀୟ ହୋଇନଥିବା ଜଣେ ଅଧିକାରୀଙ୍କ ଦ୍ୱାରା ଆବଶ୍ୟକୀୟ ଓ ଉପଯୁକ୍ତ ଅନୁସଂଧାନ ନକରି ତଥା ସଂପୃକ୍ତ ସଭ୍ୟ/ସଭ୍ୟାଙ୍କୁ ଶୁଣିବା ଲାଗି ଯୁକ୍ତିଯୁକ୍ତ ଏକ ସୁଯୋଗ ନଦେଇ କାର୍ଯ୍ୟରୁ ଅନ୍ତର କରାଯାଇପାରିବ ନାହିଁ ।

## ୯. କର୍ତ୍ତୃପକ୍ଷଙ୍କ ସଚିବ

(୧) କର୍ତ୍ତୃପକ୍ଷ ନିଜ ସକାଶେ ଜଣେ ସଚିବଙ୍କୁ ନିଯୁକ୍ତି ଦେବେ ।

(୨) ଆବଶ୍ୟକୀୟ ନିୟମ ପ୍ରଣୟନ କରି କର୍ତ୍ତୃପକ୍ଷଙ୍କ ଦ୍ୱାରା ସଚିବଙ୍କ ନିଯୁକ୍ତି ସର୍ତ୍ତାବଳୀ ସ୍ଥିର କରାଯିବ ।

(୩) କର୍ତ୍ତୃପକ୍ଷଙ୍କ ଅଧିବେଶନଗୁଡ଼ିକର ସଂଯୋଜନା ଓ ଆୟୋଜନ କରିବା, କର୍ତ୍ତୃପକ୍ଷଙ୍କ କାର୍ଯ୍ୟ ବିବରଣୀ ସଂପର୍କୀୟ କାଗଜପତ୍ର ରଖିବା ଏବଂ କର୍ତ୍ତୃପକ୍ଷଙ୍କ ଦ୍ୱାରା ନ୍ୟସ୍ତ ସେହିପରି ଅନ୍ୟାନ୍ୟ କାର୍ଯ୍ୟ କରିବା ପ୍ରଭୃତିର ଦାୟିତ୍ୱ ସଚିବ ବହନ କରିବେ ।

## ୧୦. କର୍ତ୍ତୃପକ୍ଷଙ୍କ ଅଧିବେଶନ

(୧) କର୍ତ୍ତୃପକ୍ଷ ନିଜର ମୁଖ୍ୟ କାର୍ଯ୍ୟାଳୟଠାରେ ଅଥବା ଅଧ୍ୟକ୍ଷଙ୍କ ଦ୍ୱାରା ସ୍ଥିର କରାଯାଇଥିବା କୌଣସି ସ୍ଥାନରେ ସାଧାରଣତଃ ତିନି ମାସ ବ୍ୟବଧାନରେ ଅନ୍ତତଃପକ୍ଷେ ବର୍ଷରେ ଚାରିଥର ବୈଠକର ଆୟୋଜନ କରିବେ ।

(୨) ଅଧ୍ୟକ୍ଷ କର୍ତ୍ତୃପକ୍ଷଙ୍କର ସର୍ବନିମ୍ନ ପାଞ୍ଚ ଜଣ ସଭ୍ୟ/ସଭ୍ୟାଙ୍କ ଲିଖିତ ଅନୁରୋଧକ୍ରମେ ଅଥବା କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକ୍ରମେ କର୍ତ୍ତୃପକ୍ଷର ଏକ ବିଶେଷ ଅଧିବେଶନ ଡାକିବେ ।

(୩) ବସିବାକୁ ଥିବା ଅଧିବେଶନ ବା ବୈଠକର ଉଦ୍ଦେଶ୍ୟ, ସମୟ ଓ ସ୍ଥାନ ବିଷୟରେ ଉଲ୍ଲେଖି କରି ସଭ୍ୟ/ସଭ୍ୟାମାନଙ୍କୁ ସାଧାରଣ ବୈଠକ ନିମନ୍ତେ ଅନ୍ତତଃପକ୍ଷେ ପନ୍ଦର ଦିନର ଆଗୁଆ ସୂଚନା ଏବଂ ବିଶେଷ ବୈଠକ ନିମନ୍ତେ ଅତି କମ୍‌ରେ ତିନି ଦିନର ଆଗୁଆ ସୂଚନା ଦେବାକୁ ହେବ ।

(୪) ଅଧ୍ୟକ୍ଷଙ୍କ ସଭାପତିତ୍ୱରେ ପ୍ରତ୍ୟେକ ଅଧିବେଶନ ପରିଚାଳିତ ହେବ ଏବଂ ତାଙ୍କର ଅନୁପସ୍ଥିତିରେ ଉପସ୍ଥିତ ସଭ୍ୟ/ସଭ୍ୟାଙ୍କ ଦ୍ୱାରା ସେମାନଙ୍କ ମଧ୍ୟରୁ ନିର୍ବାଚିତ ଜଣେ ପରିଚାଳନା ଅଧିକାରୀଙ୍କ ଦ୍ୱାରା ପରିଚାଳିତ ହେବ ।

(୫) କୌଣସି ଏକ ବୈଠକରେ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତିକୁ, ଯଦି ଆବଶ୍ୟକ ହୁଏ, ଉପସ୍ଥିତ ସଭ୍ୟ/ସଭ୍ୟାମାନଙ୍କର ମତଦାନ (ଭୋଟିଂ) କ୍ରମେ ସାଧାରଣ ସଂଖ୍ୟାଗରିଷ୍ଠତା ଦ୍ୱାରା ଗ୍ରହଣ କରାଯିବ ଏବଂ ଅଧ୍ୟକ୍ଷ ବା ତାଙ୍କ ଅନୁପସ୍ଥିତିରେ ଅଧ୍ୟକ୍ଷତା କରୁଥିବା ସଭ୍ୟ/ସଭ୍ୟା ସେଥିଲାଗି ଏକ ଦ୍ୱିତୀୟ ଭୋଟ୍ ପ୍ରଦାନ କରିବେ ।

(୬) ପ୍ରତ୍ୟେକ ସଭ୍ୟ/ସଭ୍ୟାଙ୍କ ନିମନ୍ତେ କେବଳ ଗୋଟିଏ ଭୋଟ୍ ଦେବାର ଅଧିକାର ରହିବ ।

(୭) କର୍ତ୍ତୃପକ୍ଷଙ୍କ ପ୍ରତ୍ୟେକ ବୈଠକରେ ସର୍ବନିମ୍ନ ପାଞ୍ଚ ଜଣ (କୋରମ୍) ସଭ୍ୟ/ସଭ୍ୟାଙ୍କୁ ନେଇ ସଭାକାର୍ଯ୍ୟ ଆରମ୍ଭ କରାଯିବ।

(୮) ଯଦି ଅଧ୍ୟକ୍ଷ ସ୍ୱେଚ୍ଛାକୃତ ଭାବେ ଅନୁମତି ନଦିଅନ୍ତି ତା'ହେଲେ କୌଣସି ସଭ୍ୟ/ସଭ୍ୟା କୌଣସି ପ୍ରସଙ୍ଗରେ ଦଶ ଦିନର ଆଗୁଆ ସୂଚନା ନଦେଇ ଏକ ବୈଠକରେ ସେହି ବିଷୟରେ ବିଚାରଆଲୋଚନା ଲାଗି ଦୃଷ୍ଟି ଆକର୍ଷଣ କରିପାରିବେ ନାହିଁ।

(୯) ଅଧିବେଶନ ସଂପର୍କରେ ସଭ୍ୟ/ସଭ୍ୟାମାନଙ୍କୁ ବାର୍ତ୍ତାବାହକ ଦ୍ୱାରା ବା ସେମାନଙ୍କର ଜଣାଥିବା ସଦ୍ୟତମ ବାସସ୍ଥାନ ବା ବ୍ୟବସାୟ ସ୍ଥଳକୁ ରେଜିଷ୍ଟ୍ରି ଡାକ ଦ୍ୱାରା ବା ପରିସ୍ଥିତି ମୁତାବକ କର୍ତ୍ତୃପକ୍ଷଙ୍କର ସଚିବ ଉପଯୁକ୍ତ ବୋଲି ବିବେଚନା କରୁଥିବା ସେହିପରି ଅନ୍ୟ କୌଣସି ଉପାୟରେ ସୂଚନା ଦିଆଯାଇପାରିବ।

## ୧୧. କର୍ତ୍ତୃପକ୍ଷଙ୍କ ଦ୍ୱାରା ବିଶେଷଜ୍ଞ କମିଟିର ନିଯୁକ୍ତି ଓ ସେମାନଙ୍କ ଅଧିକାର

(୧) କର୍ତ୍ତୃପକ୍ଷ ଉପଯୁକ୍ତ ବୋଲି ବିବେଚନା କରୁଥିବା କୌଣସି ଉଦ୍ଦେଶ୍ୟରେ, କେବଳ ସଭ୍ୟ/ସଭ୍ୟାମାନଙ୍କୁ ନେଇ ବା କେବଳ ଅନ୍ୟ ବ୍ୟକ୍ତିମାନଙ୍କୁ ନେଇ ଅଥବା ଆଂଶିକ ପରିମାଣରେ ସଭ୍ୟ/ସଭ୍ୟାଙ୍କୁ ନେଇ ବା ଆଂଶିକ ପରିମାଣରେ ଅନ୍ୟ ଲୋକମାନଙ୍କୁ ନେଇ, ଯେକୌଣସି ସଂଖ୍ୟକ କମିଟି ଗଠନ କରିପାରିବେ।

(୨) କର୍ତ୍ତୃପକ୍ଷଙ୍କ ସଭ୍ୟସଭ୍ୟାଙ୍କୁ ଛାଡ଼ି କମିଟି ସଭ୍ୟ/ସଭ୍ୟାମାନେ ସଭାକାର୍ଯ୍ୟରେ ଯୋଗଦେବା ଲାଗି ସେମାନଙ୍କୁ କର୍ତ୍ତୃପକ୍ଷ ଯେପରି ଉପଯୁକ୍ତ ବୋଲି ବିଚାର କରିବେ ସେହି ଅନୁସାରେ ପାଉଣା ଓ ଭତ୍ତା ପ୍ରଦାନ କରିବେ।

## ୧୨. କର୍ତ୍ତୃପକ୍ଷଙ୍କର ସାଧାରଣ କାର୍ଯ୍ୟକଳାପ

କର୍ତ୍ତୃପକ୍ଷ ନିମ୍ନଲିଖିତ କାର୍ଯ୍ୟଗୁଡ଼ିକର ସଂପାଦନ କରିପାରିବେ: -

୧) ଧାରା ୩, ୪ ଓ ୬ ଅନ୍ତର୍ଗତ କାର୍ଯ୍ୟକଳାପଗୁଡ଼ିକର ପରିଚାଳନା କରିବା ପାଇଁ ପ୍ରଣାଳୀ ଓ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରିବେ,

୨) ଜୈବ ବିବିଧତାର ସଂରକ୍ଷଣ, ତାହାର ଉପାଂଶଗୁଡ଼ିକର ଦୀର୍ଘକାଳୀନ ଉପଯୋଗ ଏବଂ ଜୈବ ସଂପଦ ଓ ଜ୍ଞାନର ବ୍ୟବହାରରୁ ମିଳୁଥିବା ଲାଭର ନ୍ୟାୟସଂଗତ ତଥା ସମାନୁପାତିକ ସହଭାଗିତା ବିଷୟକ କୌଣସି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେବେ,

୩) ରାଜ୍ୟ ଜୈବ ବିବିଧତା ବୋର୍ଡ଼ର କାର୍ଯ୍ୟକଳାପଗୁଡ଼ିକର ସଂଯୋଜନା କରିବେ,

୪) ରାଜ୍ୟ ଜୈବ ବିବିଧତା ବୋର୍ଡ଼କୁ ବୈଷୟିକ ସହାୟତା ଯୋଗାଇଦେବେ ଏବଂ ଦିଗ୍‌ଦର୍ଶନ ଦେବେ,

୫) ଅନୁଧ୍ୟାନ କରିବେ ଏବଂ ଅନୁସନ୍ଧାନ ଓ ଗବେଷଣା ନିମନ୍ତେ ପୃଷ୍ଠପୋଷକତା କରିବେ,

୬) ନିଜର କାର୍ଯ୍ୟକଳାପଗୁଡ଼ିକୁ ଫଳପ୍ରଦ ଭାବେ ସଂପାଦନ କରିବା ଦିଗରେ କର୍ତ୍ତୃପକ୍ଷଙ୍କୁ ବୈଷୟିକ ସହାୟତା ଯୋଗାଇଦେବା ପାଇଁ ତିନି ବର୍ଷରୁ ଅଧିକ ହେଉନଥିବା ଏକ ନିର୍ଦ୍ଦିଷ୍ଟ ସମୟ ସକାଶେ ପରାମର୍ଶଦାତାମାନଙ୍କୁ ନିଯୋଜିତ କରିବେ:

ଅବଶ୍ୟ, ଯଦି କୌଣସି ପରାମର୍ଶଦାତାଙ୍କୁ ଧାର୍ଯ୍ୟ ତିନି ବର୍ଷରୁ ଅଧିକ କାଳ ନିଯୋଜିତ କରିବା ଆବଶ୍ୟକ ଓ ସୁବିଧାଜନକ ହୁଏ, ତା'ହେଲେ କର୍ତ୍ତୃପକ୍ଷଙ୍କୁ ସେଥିଲାଗି କେନ୍ଦ୍ର ସରକାରଙ୍କଠାରୁ ଆଗୁଆ ଅନୁମୋଦନ ହାସଲ କରିବାକୁ ହେବ,

୭) ଜୈବ ବିବିଧତାର ସଂରକ୍ଷଣ, ଏହାର ଉପାଂଶଗୁଡ଼ିକର ଦୀର୍ଘକାଳୀନ ଉପଯୋଗ ତଥା ଜୈବ ସଂପଦ ଓ ଜ୍ଞାନର ଉପଯୋଗରୁ ମିଳୁଥିବା ଲାଭର ଉତ୍ତମ ଏବଂ ସମାନୁପାତିକ ସହଭାଗିତା ସଂପର୍କୀୟ ବୈଷୟିକ ଓ ପରିସଂଖ୍ୟାନଗତ ତଥ୍ୟ, ମାର୍ଗଦର୍ଶିକା, ନୀତିନିୟମ ବା ନିର୍ଦ୍ଦେଶାବଳୀର ସଂଗ୍ରହ, ସଂକଳନ ଏବଂ ପ୍ରକାଶନ,

୮) ଜୈବ ବିବିଧତାର ସଂରକ୍ଷଣ, ଏହାର ଉପାଂଶଗୁଡ଼ିକର ଦୀର୍ଘକାଳୀନ ଉପଯୋଗ ତଥା ଜୈବ ସଂପଦ ଓ ଜ୍ଞାନର ଉପଯୋଗରୁ ମିଳୁଥିବା ଲାଭର ଉତ୍ତମ ଏବଂ ସମାନୁପାତିକ ସହଭାଗିତା ସଂପର୍କରେ ଗଣମାଧ୍ୟମ ଜରିଆରେ ଏକ ବ୍ୟାପକ କାର୍ଯ୍ୟକ୍ରମର ଆୟୋଜନ,

୯) ଜୈବ ବିବିଧତାର ସଂରକ୍ଷଣ, ଏହାର ଉପାଂଶଗୁଡ଼ିକର ଦୀର୍ଘକାଳୀନ ଉପଯୋଗ ନିମନ୍ତେ ଉଦ୍ଦିଷ୍ଟ କାର୍ଯ୍ୟକ୍ରମଗୁଡ଼ିକରେ ନିୟୋଜିତ ବା ନିୟୋଜିତ ହେବାର ସମ୍ଭାବନା ଥିବା କର୍ମଚାରୀମାନଙ୍କ ପାଇଁ ତାଲିମ କାର୍ଯ୍ୟର ଯୋଜନା ଓ ଆୟୋଜନ,

୧୦) କର୍ତ୍ତୃପକ୍ଷଙ୍କର ନିଜ ରାଜସ୍ୱ ତଥା କେନ୍ଦ୍ର ସରକାରଙ୍କ ଅନୁଦାନକୁ ଅନ୍ତର୍ଭୁକ୍ତ କରି ବାର୍ଷିକ ବଜେଟ୍ ପ୍ରସ୍ତୁତ କରିବେ, ତେବେ କେନ୍ଦ୍ର ସରକାରଙ୍କ ପ୍ରଦତ୍ତ ଆର୍ଥିକ ଅନୁଦାନ, କେନ୍ଦ୍ର ସରକାରଙ୍କ ଦ୍ୱାରା ଅନୁମୋଦନ ଲାଭ କରିଥିବା ବଜେଟ୍ ବ୍ୟବସ୍ଥା ମୁତାବକ ପରିଚାଳିତ ହେବ,

୧୧) କର୍ତ୍ତୃପକ୍ଷଙ୍କ ଦ୍ୱାରା ଫଳପ୍ରଦ ଭାବରେ କାର୍ଯ୍ୟଗୁଡ଼ିକର ସଂପାଦନ ଲାଗି ପଦବୀ ସୃଷ୍ଟି କରିବା ସକାଶେ କେନ୍ଦ୍ର ସରକାରଙ୍କ ନିକଟରେ ପ୍ରସ୍ତାବ ବାଢ଼ିବେ; ତେବେ କେନ୍ଦ୍ର ସରକାରଙ୍କ ଆଗୁଆ ଅନୁମୋଦନ ବ୍ୟତୀତ ସେହିଭଳି କୌଣସି ସ୍ଥାୟୀ ବା ଅସ୍ଥାୟୀ ବା ଅନ୍ୟ କୌଣସି ଧରଣର ପଦବୀ ସୃଷ୍ଟି କରାଯିବ ନାହିଁ,

୧୨) କର୍ତ୍ତୃପକ୍ଷଙ୍କ ଅଧିକାରୀ ଓ କର୍ମଚାରୀମାନଙ୍କ ନିଯୁକ୍ତି ପ୍ରକ୍ରିୟାର ଅନୁମୋଦନ କରିବେ,

୧୩) ତଥ୍ୟଭୂମି (ଡାଟାବେସ୍) ଗଠନ କରିବା, ଜୈବ ବିବିଧତା ଖାତା ଓ ଇଲେକ୍ଟ୍ରୋନିକ୍ସ ତଥ୍ୟଭୂମି ଜରିଆରେ ଜୈବ ସଂପଦ ଏବଂ ଆନୁଷଙ୍ଗିକ ପାରମ୍ପରିକ ଜ୍ଞାନକୌଶଳ ନିମନ୍ତେ ସୂଚନା ଓ ପ୍ରାମାଣିକ ଦଲିଲ ପ୍ରସ୍ତୁତ କରି ଏହାର ସଫଳ ପରିଚାଳନା, ପ୍ରୋତ୍ସାହନ ଏବଂ ଦୀର୍ଘସ୍ଥାୟୀ ବ୍ୟବହାର ପାଇଁ ପଦକ୍ଷେପ ଗ୍ରହଣ କରିବେ,

୧୪) ଆଇନର ସଫଳ କାର୍ଯ୍ୟକାରିତା ସକାଶେ ରାଜ୍ୟ ଜୈବ ବିବିଧତା ବୋର୍ଡ଼ ଏବଂ ଜୈବ-ବିବିଧତା ପରିଚାଳନା କମିଟିଙ୍କୁ ଲିଖିତ ନିର୍ଦ୍ଦେଶାବଳୀ ଜାରି କରିବେ,

୧୫) କର୍ତ୍ତୃପକ୍ଷର କାର୍ଯ୍ୟ ନିର୍ବାହ ଏବଂ ଆଇନର କାର୍ଯ୍ୟକାରିତା ସଂପର୍କରେ କେନ୍ଦ୍ର ସରକାରଙ୍କୁ ଅବଗତ କରାଇବେ,

୧୬) ବିଭିନ୍ନ ସମୟରେ ଜୈବ ସଂପଦ ସଂପର୍କୀୟ ଧାରା ୬ର ଉପଧାରା (୧) ଅନୁଯାୟୀ ଲାଭର ସହଭାଗିତା ପ୍ରାପ୍ୟ ସଂପର୍କରେ ପ୍ରସ୍ତାବ ଦେବେ ଓ ସଂଶୋଧନ କରିବେ ଅଥବା ଧାରା ୧୯ର ଉପଧାରା (୨) ଅନୁଯାୟୀ ରାଜଭାଗର ପରିବର୍ତ୍ତନ କରିବେ,

୧୭) ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ରାଜ୍ୟ ଜୈବ ବିବିଧତା ବୋର୍ଡ଼ ଏବଂ ଜୈବ-ବିବିଧତା ପରିଚାଳନା କମିଟିଙ୍କୁ ସହାୟକ ଅନୁଦାନ ଓ ଅନୁଦାନ ମଞ୍ଜୁର କରିବେ,

୧୮) ଆଇନ୍‌ର କାର୍ଯ୍ୟକାରିତା ସମ୍ବନ୍ଧରେ ଯେକୌଣସି ଅଂଚଳର ଭୌତିକ ଅନୁସଂଧାନ କାର୍ଯ୍ୟ ସଂପାଦନ କରିବେ,

୧୯) ବେଆଇନ ଉପାୟରେ ଭାରତରୁ ଲାଭ କରିଥିବା କୌଣସି ଜୈବ ସଂପଦ ଓ ଆନୁଷଙ୍ଗିକ ଜ୍ଞାନକୁ ନେଇ ଭାରତ ବାହାର କୌଣସି ଦେଶରେ ବୌଦ୍ଧିକ ସମ୍ପତ୍ତି ଅଧିକାର ପ୍ରଦାନକୁ

ବିରୋଧ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବା ସହିତ ଆଇନ ବିଶେଷଜ୍ଞଙ୍କୁ ନିଯୁକ୍ତ କରିବେ,

୨୦) ବିଭିନ୍ନ ସମୟରେ କେନ୍ଦ୍ର ସରକାର ଦ୍ୱାରା ଯେପରି ନ୍ୟସ୍ତ ବା ନିର୍ଦ୍ଦେଶ କରାଯିବ ସେହି ଅନୁଯାୟୀ ଅନ୍ୟାନ୍ୟ କାର୍ଯ୍ୟ ସଂପାଦନ କରିବେ।

## ୧୩. ଅଧ୍ୟକ୍ଷଙ୍କ କ୍ଷମତା ଓ କର୍ତ୍ତବ୍ୟ

(୧) କର୍ତ୍ତୃପକ୍ଷଙ୍କ ଦୈନନ୍ଦିନ କାର୍ଯ୍ୟକଳାପ ଅଧ୍ୟକ୍ଷଙ୍କ ସାମଗ୍ରିକ ନିୟନ୍ତ୍ରଣରେ ରହିବ।

(୨) ଧାରା-୧୦ର ବିଧିବ୍ୟବସ୍ଥା ଅନୁଯାୟୀ ଅଧ୍ୟକ୍ଷଙ୍କ ହାତରେ କର୍ତ୍ତୃପକ୍ଷଙ୍କ ପଦାଧିକାରୀ ଓ କର୍ମଚାରୀମାନଙ୍କର ସାଧାରଣ ପରିଚାଳନା ଓ ତତ୍ତ୍ୱାବଧାନ କ୍ଷମତା ନ୍ୟସ୍ତ ରହିବ ଏବଂ ସେ କର୍ତ୍ତୃପକ୍ଷଙ୍କ ବ୍ୟାପାରଗୁଡ଼ିକର ନିର୍ବାହ ଓ ପରିଚାଳନା ନିମନ୍ତେ ଆବଶ୍ୟକୀୟ ନିର୍ଦ୍ଦେଶ ଜାରି କରିପାରିବେ।

(୩) କର୍ତ୍ତୃପକ୍ଷଙ୍କ ସମସ୍ତ ଗୋପନୀୟ କାଗଜପତ୍ର ଏବଂ ଦଲିଲ୍‌ଗୁଡ଼ିକ ଅଧ୍ୟକ୍ଷଙ୍କ ଦାୟିତ୍ୱରେ ରହିବ ଏବଂ କର୍ତ୍ତୃପକ୍ଷ ସେସବୁର ନିରାପଦ ଅଭିରକ୍ଷା ପାଇଁ ଦାୟୀ ରହିବେ।

(୪) କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି ହେଉଥିବା ସମସ୍ତ ଆଦେଶ ଓ ନିର୍ଦ୍ଦେଶାବଳୀ ଅଧ୍ୟକ୍ଷ ଅଥବା ଅଧ୍ୟକ୍ଷଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ଅନ୍ୟ କୌଣସି ଅଧିକାରୀଙ୍କ ସ୍ୱାକ୍ଷର ଦ୍ୱାରା ଜାରି କରାଯିବ।

(୫) ଅଧ୍ୟକ୍ଷ ନିଜେ ଅଥବା ସେହି ଉଦ୍ଦେଶ୍ୟରେ କ୍ଷମତାପ୍ରାପ୍ତ ହୋଇଥିବା କର୍ତ୍ତୃପକ୍ଷଙ୍କ ଜଣେ ଅଧିକାରୀ ଅନୁମୋଦିତ ବଜେଟ୍ ଅନୁସରଣରେ ସମସ୍ତ ଦେୟର ମଞ୍ଜୁର ଓ ବଣ୍ଟନ କରିବେ।

(୬) ଅଧ୍ୟକ୍ଷଙ୍କ ନିକଟରେ ସମସ୍ତ ଅଟକଳର ପ୍ରାଶାସନିକ ଓ ବୈଷୟିକ ମଞ୍ଜୁରି ଅନୁମୋଦନ କରିବାର ପୂର୍ଣ୍ଣ କ୍ଷମତା ରହିବ।

(୭) ଅଧ୍ୟକ୍ଷ କର୍ତ୍ତୃପକ୍ଷଙ୍କର ସମସ୍ତ ବୈଠକ ଆହୂତ କରିବେ ଓ ତହିଁରେ ଅଧ୍ୟକ୍ଷତା କରିବେ ଏବଂ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିଆଯାଉଥିବା ସମସ୍ତ ନିଷ୍ପତ୍ତି ଯେପରି ସଠିକ ଭାବରେ କାର୍ଯ୍ୟକାରି ହୋଇପାରିବ ତାହା ସୁନିଶ୍ଚିତ କରିବେ।

(୮) କର୍ତ୍ତୃପକ୍ଷ ଅଥବା କେନ୍ଦ୍ର ସରକାରଙ୍କ ଦ୍ୱାରା ବିଭିନ୍ନ ସମୟରେ ଯେପରି ନ୍ୟସ୍ତ କରାଯିବ ସେହି ଅନୁସାରେ ଅଧ୍ୟକ୍ଷ ସେହିସବୁ ଅନ୍ୟାନ୍ୟ କ୍ଷମତା ଓ କାର୍ଯ୍ୟଗୁଡ଼ିକର ଯଥାକ୍ରମେ ପ୍ରୟୋଗ ଓ ସଂପାଦନ କରିବେ।

## ୧୪. ଜୈବ ସଂପଦ ଏବଂ ଆନୁଷଙ୍ଗିକ ପାରମ୍ପରିକ ଜ୍ଞାନକୌଶଳର ଉପଲଭ୍ୟତା ପାଇଁ ପ୍ରଣାଳୀ

(୧) ଗବେଷଣା ବା ବ୍ୟାବସାୟିକ ଉପଯୋଗ ଉଦ୍ଦେଶ୍ୟରେ ଜୈବ ସଂପଦ ଏବଂ ଆନୁଷଙ୍ଗିକ ପାରମ୍ପରିକ ଜ୍ଞାନକୌଶଳର ଉପଲଭ୍ୟତା ନିମନ୍ତେ କର୍ତ୍ତୃପକ୍ଷଙ୍କ ଅନୁମୋଦନ ଚାହୁଁଥିବା ଯେକୌଣସି ବ୍ୟକ୍ତି ଫର୍ମ-୧ରେ ଆବେଦନ କରିବେ।

(୨) ଉପ-ନିୟମ (୧) ଅନୁଯାୟୀ ପ୍ରତ୍ୟେକ ଦରଖାସ୍ତ ସହିତ କର୍ତ୍ତୃପକ୍ଷଙ୍କ ନାମରେ ପ୍ରସ୍ତୁତ କରାଯାଇଥିବା ଏକ ଚେକ୍ ବା DD ଆକାରରେ ଦଶ ହଜାର ଟଙ୍କାର ଦେୟ ପ୍ରଦାନ କରିବାକୁ ହେବ।

(୩) କର୍ତ୍ତୃପକ୍ଷ, ସଂପୃକ୍ତ ସ୍ଥାନୀୟ ସ୍ୱାୟତ୍ତ ସଂସ୍ଥାମାନଙ୍କ ସହିତ ବିଚାର ବିମର୍ଶ କଲାପରେ ଏବଂ ଆବେଦନକାରୀ ତଥା ଅନ୍ୟାନ୍ୟ ଉତ୍ସରୁ ସେହି ଧରଣର ଅତିରିକ୍ତ ସୂଚନା ସଂଗ୍ରହ କଲାପରେ, ଯେପରି ଆବଶ୍ୟକ ମନେହେବ ସେହି ଅନୁସାରେ ଯେତେଦୂର ସମ୍ଭବ ଆବେଦନ ଗ୍ରହଣ କରିବାର ଛଅ ମାସ ସମୟ ମଧ୍ୟରେ ତାହାକୁ ଫଇସଲା କରିବେ।

(୪) ଦରଖାସ୍ତର ଯଥାର୍ଥତା ସଂପର୍କରେ ନିଶ୍ଚିତ ହେବାପରେ କର୍ତ୍ତୃପକ୍ଷ ନିଜେ ଉପଯୁକ୍ତ ବୋଲି ବିଚାର କରୁଥିବା ନିୟମ ଓ ସର୍ତ୍ତାବଳୀ ଲାଗୁ କରି ଜୈବ ସଂପଦ ଏବଂ ଆନୁଷଙ୍ଗିକ ଜ୍ଞାନକୌଶଳର ଉପଲଭ୍ୟତା ନିମନ୍ତେ ଉଦ୍ଦିଷ୍ଟ ଅନୁମୋଦନକୁ ମଞ୍ଜୁର କରିପାରିବେ।

(୫) ଜୈବ ସଂପଦ ଓ ତତ୍‌ସଂପର୍କିତ ଜ୍ଞାନକୌଶଳ ପ୍ରାପ୍ତି ଲାଗି ଯେଉଁ ଅନୁମୋଦନ ଦିଆଯିବ ତାହା କର୍ତ୍ତୃପକ୍ଷଙ୍କର ଜଣେ ଭାରପ୍ରାପ୍ତ ଅଧିକାରୀ ଏବଂ ଆବେଦକ ଉଭୟଙ୍କ ଦ୍ୱାରା ନିୟମତଃ ସ୍ୱାକ୍ଷର କରାଯାଇଥିବା ଏକ ଲିଖିତ ଚୁକ୍ତିନାମା ରୂପରେ ସଂପାଦିତ ହେବ।

(୬) ଉପନିୟମ (୫)ରେ ଉଲ୍ଲେଖ କରାଯାଇଥିବା ଚୁକ୍ତିନାମା ଫର୍ମ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ଣ୍ଣୟ କରାଯିବ ଏବଂ ସେଥିରେ ନିମ୍ନଲିଖିତ ବିଷୟ ଅନ୍ତର୍ଭୁକ୍ତ ହେବ, ଯଥା –

i) ଅନୁମୋଦନ ଲାଭ କରିବା ପାଇଁ ଇଚ୍ଛୁକ ଆବେଦନର ସାଧାରଣ ଲକ୍ଷ୍ୟ ଓ ଉଦ୍ଦେଶ୍ୟ;

ii) ଆନୁଷଙ୍ଗିକ ସୂଚନା ସମେତ ଜୈବ ସଂପଦ ଓ ପାରମ୍ପରିକ ଜ୍ଞାନକୌଶଳର ବର୍ଣ୍ଣନା;

iii) ଜୈବିକ ସଂପଦରାଜିର ପ୍ରସ୍ତାବିତ ଉପଯୋଗ (ଗବେଷଣା, ପ୍ରଜନନ, ବ୍ୟାବସାୟିକ ବ୍ୟବହାର);

iv) ବୌଦ୍ଧିକ ସମ୍ପତ୍ତି ଅଧିକାର ଲାଭ କରିବା ଲାଗି ସଂପୃକ୍ତ ଆବେଦକଙ୍କ ପାଇଁ ଆବଶ୍ୟକ ସର୍ତ୍ତାବଳୀ;

v) ଆର୍ଥିକ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧାଗୁଡ଼ିକର ପରିମାଣ। ଆବଶ୍ୟକ ହେଲେ, ବିଶେଷକରି ଯଦି ଗବେଷଣା ଉଦ୍ଦେଶ୍ୟରେ ଜୈବିକ ସାମଗ୍ରୀ ନିଆଯାଇଥାଏ ଏବଂ ପରେ ତାହାକୁ ବ୍ୟାବସାୟିକ ଉଦ୍ଦେଶ୍ୟରେ ବ୍ୟବହାର କରିବା ଲାଗି ଇଚ୍ଛା ପ୍ରକାଶ କରାଯାଏ ତଥା ପରେ ତାହାର ବ୍ୟବହାରରେ ଅନ୍ୟ କୌଣସି ପରିବର୍ତ୍ତନ ହୁଏ, ସେ କ୍ଷେତ୍ରରେ ମଧ୍ୟ ନୂତନ ଚୁକ୍ତି କରିବାକୁ ଏକ ପ୍ରତିଶ୍ରୁତି।

vi) କର୍ତ୍ତୃପକ୍ଷଙ୍କ ଆଗୁଆ ଅନୁମୋଦନ ବିନା ଉପଲଭ୍ୟ ଜୈବିକ ସଂପଦ ଏବଂ ପାରମ୍ପରିକ ଜ୍ଞାନକୌଶଳ କୌଣସି ତୃତୀୟ ପକ୍ଷଙ୍କୁ ସ୍ଥାନାନ୍ତର କରିବା ଦିଗରେ କଟକଣା;

vii) ଯେଉଁ ଜୈବିକ ସଂପଦର ଉପଲଭ୍ୟତା ଆବେଦନକାରୀ ଚାହାନ୍ତି ତାହାର ପରିମାଣ ଓ ଗୁଣନିର୍ଦ୍ଦେଶ ବାବଦରେ କର୍ତ୍ତୃପକ୍ଷ ସ୍ଥିର କରିଥିବା ଏକ ସୀମାକୁ ମାନି ଚଳିବାକୁ ହେବ;

viii) ଧାରା ୩୯ରେ ଚିହ୍ନିତ ଭଣ୍ଡାରଘରେ ଉପଲଭ୍ୟତା ସକାଶେ ଚାହୁଁଥିବା ଜୈବିକ ସାମଗ୍ରୀର ଏକ ପ୍ରାମାଣିକ ନମୁନା ଦାଖଲ କରିବାର ନିଶ୍ଚୟତା ପ୍ରଦାନ;

ix) କର୍ତ୍ତୃପକ୍ଷଙ୍କ ନିକଟରେ ଗବେଷଣା ଓ ଅନ୍ୟାନ୍ୟ ବିକାଶକ୍ରମର ଏକ ନିୟମିତ ସ୍ଥିତାବସ୍ଥାର ବିବରଣୀ ଦାଖଲ;

x) ଦେଶ ମଧ୍ୟରେ ବଳବତ୍ତର ଥିବା ଆଇନ, ନିୟମାବଳୀ ଓ ଅନ୍ୟାନ୍ୟ ସମ୍ବନ୍ଧିତ କାନୁନ୍‌ର ବିଧିବ୍ୟବସ୍ଥାକୁ ମାନି ଚଳିବା ଲାଗି ପ୍ରତିଶ୍ରୁତି,

xi) ଉପଲଭ୍ୟ ଜୈବିକ ସଂପଦରାଜିର ସଂରକ୍ଷଣ ଏବଂ ଦୀର୍ଘସ୍ଥାୟୀ ଉପଯୋଗ ଦିଗରେ ହେଉଥିବା ଉଦ୍ୟମକୁ ସୁଗମ କରିବାର ପ୍ରତିଶ୍ରୁତି,

xii) ସଂକଳିତ କାର୍ଯ୍ୟକଳାପଗୁଡ଼ିକର ପରିବେଶଗତ ପ୍ରଭାବକୁ ହ୍ରାସ କରିବା ଲାଗି ପ୍ରତିଶ୍ରୁତି,

xiii) ଚୁକ୍ତିର ସମୟକାଳ, ଚୁକ୍ତିନାମା ରଦ୍ଦ କରିବା ପାଇଁ ଅଧିସୂଚନା, ପୃଥକ୍ ଧାରାଗୁଡ଼ିକର

ସ୍ୱାଧୀନ ପ୍ରବର୍ତ୍ତନକ୍ଷମତା, ସୁବିଧାସୁଯୋଗର ସହଭାଗିତା ଧାରାଗୁଡ଼ିକ କ୍ଷେତ୍ରରେ ଥିବା ଆଇନଗତ ବାଧ୍ୟତା ଯେପରି ଚୁକ୍ତି ରଦ୍ଦ ଦ୍ୱାରା ପ୍ରଭାବିତ ହେବ ନାହିଁ ସେହିପରି ବ୍ୟବସ୍ଥା, ଦାୟବଦ୍ଧତାକୁ ସଂକୁଚିତ କରୁଥିବା ଘଟଣାବଳୀ (ପ୍ରାକୃତିକ ବିପର୍ଯ୍ୟୟ), ନିରପେକ୍ଷ ମୀମାଂସା, କୌଣସି ଗୋପନୀୟତାର ଧାରା ପ୍ରଭୃତି ଆଇନଗତ ବିଧିବ୍ୟବସ୍ଥା ।

୭) ଉପଲଭ୍ୟତା ମଞ୍ଜୁର କରାଯାଉଥିବା ଜୈବିକ ସଂପଦରାଜିର ସଂରକ୍ଷଣ ଓ ସୁରକ୍ଷା ନିମନ୍ତେ ଉପଲଭ୍ୟତା ସର୍ତ୍ତାବଳୀ ନିର୍ଦ୍ଦିଷ୍ଟ ଭାବରେ ଉପଯୁକ୍ତ ଉପାୟ ଯୋଗାଇଦେଇପାରିବ ।

୮) ଯଦି କର୍ତ୍ତୃପକ୍ଷ ବିଭିନ୍ନ କାରଣରୁ କୌଣସି ଅନୁରୋଧ ରକ୍ଷା କରାଯାଇପାରିବ ନାହିଁ ବୋଲି ବିଚାର କରନ୍ତି ତା'ହେଲେ କାରଣଗୁଡ଼ିକ ଲିପିବଦ୍ଧ କରି ଯେକୌଣସି ଦରଖାସ୍ତକୁ ଅଗ୍ରାହ୍ୟ କରିଦେଇପାରିବେ ।

୯) ଆବେଦନକାରୀଙ୍କୁ ଶୁଣିବାର ଏକ ଉପଯୁକ୍ତ ଅବକାଶ ନଦେଇ କୌଣସି ଦରଖାସ୍ତ ଅଗ୍ରାହ୍ୟ କରାଯିବ ନାହିଁ ।

୧୦) କର୍ତ୍ତୃପକ୍ଷ ଖବରକାଗଜ ବା ଇଲେକ୍ଟ୍ରୋନିକ୍ସ ଗଣମାଧ୍ୟମ ଜରିଆରେ ମଞ୍ଜୁର ହୋଇଥିବା ଅନୁମତିଗୁଡ଼ିକର ବ୍ୟାପକ ପ୍ରଚାର କରିବା ପାଇଁ ପଦକ୍ଷେପ ଗ୍ରହଣ କରିବେ ଏବଂ ଯେଉଁସବୁ ସର୍ତ୍ତାବଳୀକୁ ଆଧାର କରି ଅନୁମତି ପ୍ରଦାନ କରାଗଲା ସେସବୁ ସର୍ତ୍ତାବଳୀର ବିଧିବଦ୍ଧ ପାଳନ କାର୍ଯ୍ୟକୁ ସମୟାନୁଯାୟୀ ତଦାରଖ କରିବେ ।

**୧୫. ଉପଲଭ୍ୟତା ବା ଅନୁମୋଦନର ପ୍ରତ୍ୟାହାର**

(୧) କର୍ତ୍ତୃପକ୍ଷ କୌଣସି ଅଭିଯୋଗକୁ ଆଧାର କରି ହେଉ ଅଥବା ନିଜ ତରଫରୁ ହେଉ ନିୟମ-୧୫ ଅନୁଯାୟୀ ଉପଲଭ୍ୟତା (ପ୍ରବେଶାଧିକାର) ସକାଶେ ମଞ୍ଜୁର ହୋଇଥିବା ଅନୁମୋଦନକୁ ପ୍ରତ୍ୟାହାର କରିନେଇ ପାରିବେ ଏବଂ ନିମ୍ନଲିଖିତ ସର୍ତ୍ତାବଳୀ ମୁତାବକ ଲିଖିତ ଚୁକ୍ତିନାମାକୁ ନାକଚ କରିପାରିବେ –

i) ଅନୁମତି ମଞ୍ଜୁରି ଲାଭ କରିଥିବା ସଂପୃକ୍ତ ବ୍ୟକ୍ତି ଆଇନର କୌଣସି ବିଧାନକୁ ବା ଯେଉଁ ସର୍ତ୍ତ ଭିତ୍ତିରେ ଅନୁମତି ମଞ୍ଜୁର କରାଯାଇଛି ତାହାକୁ ଅମାନ୍ୟ କରିଛନ୍ତି ବୋଲି ଯୁକ୍ତିସଂଗତ ବିଶ୍ୱାସକୁ ଆଧାର କରି,

ii) ଯେଉଁ ବ୍ୟକ୍ତିଙ୍କୁ ଅନୁମତି ମଞ୍ଜୁରି ମିଳିଛି ସେ ଯଦି ଚୁକ୍ତିନାମାର ସର୍ତ୍ତାବଳୀ ମାନି ଚଳିବାରେ ବିଫଳ ହୁଅନ୍ତି,

iii) ମଞ୍ଜୁର କରାଯାଇଥିବା ଉପଲଭ୍ୟତାର ସର୍ତ୍ତାବଳୀ ମଧ୍ୟରୁ କୌଣସି ସର୍ତ୍ତ ପାଳନ କରିବାରେ ବିଫଳ ହେଲେ,

iv) ସର୍ବସାଧାରଣ ସ୍ୱାର୍ଥ ଅଥବା ପରିବେଶ ସୁରକ୍ଷା ଏବଂ ଜୈବ ବିବିଧତାର ସଂରକ୍ଷଣ ବ୍ୟାହତ ହେଉଥିବା ଦୃଷ୍ଟିରୁ ।

(୨) କର୍ତ୍ତୃପକ୍ଷ ନିଜ ଦ୍ୱାରା ଜାରି କରାଯାଇଥିବା ପ୍ରତ୍ୟେକ ପ୍ରତ୍ୟାହାର ଆଦେଶର ଏକ ନକଲ ସଂପୃକ୍ତ ରାଜ୍ୟ ଜୈବ ବିବିଧତା ବୋର୍ଡ଼ ତଥା ଜୈବ ବିବିଧତା ପରିଚାଳନା ସମିତି ନିକଟକୁ ପ୍ରବେଶାଧିକାର ନିଷେଧ କରିବା, ତା' ସହିତ ଯଦି କିଛି କ୍ଷୟକ୍ଷତି ଘଟିଥାଏ ତାହାର ଆକଳନ କରିବା ଏବଂ କ୍ଷତିର ପୁନରୁଦ୍ଧାର କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ପଠାଇବେ ।

## ୧୬. ଜୈବ ବିବିଧତାର ଉପଲଭ୍ୟତା ସଂପର୍କିତ କାର୍ଯ୍ୟକଳାପ ଉପରେ ନିୟନ୍ତ୍ରଣ

(୧) କର୍ତ୍ତୃପକ୍ଷ ଯଦି ଆବଶ୍ୟକ ଓ ଉପଯୁକ୍ତ ମନେକରନ୍ତି ତା'ହେଲେ ନିମ୍ନଲିଖିତ କାରଣରୁ ଜୈବ ସଂପଦର ଉପଲଭ୍ୟତା ଲାଭ କରିବା ପାଇଁ ଉଦ୍ଦିଷ୍ଟ ଆବେଦନକୁ ନିରୋଧ ବା ନିଷେଧ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବେ, ଯଥା –

i) କୌଣସି ଲୁପ୍ତପ୍ରାୟ ପ୍ରଜାତିର ଉପଲଭ୍ୟତା ପାଇଁ ଆବେଦନ,

ii) କୌଣସି ସ୍ଥାନୀୟ ଭାବେ ପରିଦୃଷ୍ଟ ଓ ବିରଳ ପ୍ରଜାତିର ଉପଲଭ୍ୟତା ପାଇଁ ଆବେଦନ,

iii) ଉପଲଭ୍ୟତା ପାଇଁ ଅନୁରୋଧ ଯଦି ସ୍ଥାନୀୟ ଲୋକମାନଙ୍କ ଜୀବନଜୀବିକା ଉପରେ ପ୍ରତିକୂଳ ପ୍ରଭାବ ପକାଇବାର ସମ୍ଭାବନା ଥାଏ,

iv) ଉପଲଭ୍ୟତା ପାଇଁ ଅନୁରୋଧ ଯଦି ନିୟନ୍ତ୍ରଣ ଓ ଉପଶମ କରିବାରେ କଷ୍ଟକର ହେଲାଭଳି ପ୍ରତିକୂଳ ପରିବେଶଗତ ପ୍ରଭାବ ସୃଷ୍ଟି କରୁଥାଏ,

v) ଉପଲଭ୍ୟତା ପାଇଁ ଅନୁରୋଧ ଯଦି ଆନୁବଂଶିକ ଅବକ୍ଷୟ ଘଟାଉଥାଏ ବା ପର୍ଯ୍ୟାବରଣର ସନ୍ତୁଳନକୁ ପ୍ରଭାବିତ କରୁଥାଏ,

vi) ଜାତୀୟ ସ୍ୱାର୍ଥ ତଥା ଭାରତ ଦ୍ୱାରା ସ୍ୱାକ୍ଷରିତ ଅନ୍ୟାନ୍ୟ ସଂପୃକ୍ତ ଆନ୍ତର୍ଜାତିକ ଚୁକ୍ତିନାମାର ବିରୁଦ୍ଧାଚରଣ କରୁଥିବା କୌଣସି ଉଦ୍ଦେଶ୍ୟରେ ଯଦି ଜୈବ ସଂପଦର ବ୍ୟବହାର କରାଯାଏ।

## ୧୭. ଗବେଷଣାର ଫଳାଫଳ ହସ୍ତାନ୍ତର କରିବା ପାଇଁ ଅନୁମତି ହାସଲ କରିବା ପ୍ରଣାଳୀ

(୧) ଭାରତରୁ ପ୍ରାପ୍ତ ଜୈବ ସଂପଦ ସମ୍ପର୍କିତ ଗବେଷଣାର ଫଳାଫଳକୁ ଆର୍ଥିକ ଦୃଷ୍ଟିରୁ ବିଦେଶ ନାଗରିକ, କମ୍ପାନି ଏବଂ ପ୍ରବାସୀ ଭାରତୀୟମାନଙ୍କୁ (NRIs) ସ୍ଥାନାନ୍ତର କରିବା ପାଇଁ ଇଚ୍ଛୁକ ଯେକୌଣସି ବ୍ୟକ୍ତି ଫର୍ମ-ii ମାଧ୍ୟମରେ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିପାରିବେ।

(୨) ଉପ-ନିୟମ (୧) ମୁତାବକ ପ୍ରତ୍ୟେକ ଆବେଦନ ସହିତ ଦେୟ ବାବଦକୁ କର୍ତ୍ତୃପକ୍ଷଙ୍କ ସପକ୍ଷରେ କରାଯାଇଥିବା ଟ.୫୦୦୦/-ର ଏକ ବ୍ୟାଙ୍କ ଡ୍ରାଫ୍ଟ ବା ଚେକ୍ ଦାଖଲ କରିବାକୁ ହେବ।

(୩) ଉପ-ନିୟମ (୧) ଅନ୍ତର୍ଗତ ପ୍ରାପ୍ତ ହୋଇଥିବା ପ୍ରତ୍ୟେକ ଆବେଦନ ସଂପର୍କରେ ତାହା ହସ୍ତଗତ ହେବାର ଯଥାସମ୍ଭବ ଶୀଘ୍ର ତିନି ମାସ ସମୟ ମଧ୍ୟରେ କର୍ତ୍ତୃପକ୍ଷ ନିଷ୍ପତ୍ତି ଗ୍ରହଣ କରିବେ।

(୪) ବିଧି ମୁତାବକ ଆବେଦକ ସମସ୍ତ ଆବଶ୍ୟକତା ପୂରଣ କରିଛନ୍ତି ବୋଲି ନିଶ୍ଚିତ ହେବା ପରେ କର୍ତ୍ତୃପକ୍ଷ ପ୍ରତ୍ୟେକ କ୍ଷେତ୍ରରେ ସ୍ୱୟଂ ଉପଯୁକ୍ତ ମନେ କରୁଥିବା ବିଭିନ୍ନ ସର୍ତ୍ତାବଳୀ ଲାଗୁ କରି ଗବେଷଣାର ଫଳାଫଳକୁ ହସ୍ତାନ୍ତର କରିବା ଲାଗି ଅନୁମତି ମଞ୍ଜୁର କରିପାରିବେ।

(୫) ସ୍ଥାନାନ୍ତର ନିମନ୍ତେ ଅନୁମୋଦନକୁ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରାଧିକୃତ ଜଣେ ଭାରପ୍ରାପ୍ତ ଅଧିକାରୀ ତଥା ଆବେଦନକାରୀଙ୍କ ଦ୍ୱାରା ନିୟମାନୁଯାୟୀ ସ୍ୱାକ୍ଷର କରାଯାଇଥିବା ଏକ ଲିଖିତ ଚୁକ୍ତିନାମା ଫର୍ମରେ ମଞ୍ଜୁର କରାଯିବ। କର୍ତ୍ତୃପକ୍ଷ ଯେପରି ସ୍ଥିର କରିବେ ସେହି ଅନୁଯାୟୀ ଚୁକ୍ତିନାମାର ଫର୍ମ୍ ପ୍ରସ୍ତୁତ କରାଯିବ।

(୬) ଯଦି କୌଣସି କାରଣରୁ କୌଣସି ଦରଖାସ୍ତ ବିଚାରଯୋଗ୍ୟ ନୁହେଁ ବୋଲି କର୍ତ୍ତୃପକ୍ଷ ନିଷ୍ପତ୍ତି କରନ୍ତି, ତା'ହେଲେ ସେହି କାରଣକୁ ଲିଖିତ ଭାବେ ଲିପିବଦ୍ଧ କରି ସଂପୃକ୍ତ ଦରଖାସ୍ତକୁ

ଅଗ୍ରାହ୍ୟ କରିପାରିବେ; ଅବଶ୍ୟ ଦରଖାସ୍ତ ଅଗ୍ରାହ୍ୟ କରିବା ଆଗରୁ ଆବେଦକଙ୍କୁ ନିଜ ମତ ଜଣାଇବା ସକାଶେ ଏକ ଯୁକ୍ତିସଂଗତ ସୁଯୋଗ ଦିଆଯିବା ଆବଶ୍ୟକ।

**୧୮. ବୌଦ୍ଧିକ ସମ୍ପତ୍ତି ସୁରକ୍ଷା ସକାଶେ ଆବେଦନ କରିବା ଆଗରୁ ପ୍ରାକ୍-ଅନୁମତି ହାସଲ କରିବା ପ୍ରଣାଳୀ**

(୧) ଭାରତରୁ ପ୍ରାପ୍ତ ଜୈବ ସାମଗ୍ରୀ ଓ ଜ୍ଞାନକୌଶଳକୁ ନେଇ କରାଯାଇଥିବା ଗବେଷଣା ଆଧାରରେ ଏକ ପେଟେଣ୍ଟ୍ ବା କୌଣସି ଅନ୍ୟ ବୌଦ୍ଧିକ ସଂପତ୍ତି ନିମନ୍ତେ ଆବେଦନ କରିବା ପାଇଁ ଇଚ୍ଛୁକ ଯେକୌଣସି ବ୍ୟକ୍ତିଙ୍କୁ ଫର୍ମ-iii ଜରିଆରେ ଦରଖାସ୍ତ କରିବାକୁ ହେବ।

(୨) ଉପ-ନିୟମ (୧) ଅନ୍ତର୍ଗତ ପ୍ରତ୍ୟେକ ଦରଖାସ୍ତ ସହିତ ଟ.୫୦୦/-ର ଏକ ଦେୟ ଦାଖଲ କରିବାକୁ ହେବ।

(୩) ଦରଖାସ୍ତର ଉପଯୁକ୍ତ ସମୀକ୍ଷା ଏବଂ କୌଣସି ଅତିରିକ୍ତ ସୂଚନା ସଂଗ୍ରହ କଲାପରେ କର୍ତ୍ତୃପକ୍ଷ ଦରଖାସ୍ତର ଶ୍ରେଷ୍ଠତାକୁ ଆଧାର କରି ତାହା ଗ୍ରହଣ କରିବାର ଯେତେଦୂର ସମ୍ଭବ ତିନି ମାସ ସମୟ ମଧ୍ୟରେ ତାହାର ବିଚାର କରିବେ।

(୪) ଆବେଦକ ସମସ୍ତ ଆବଶ୍ୟକୀୟ ସର୍ତ୍ତ ପୂରଣ କରିଛନ୍ତି ବୋଲି ସନ୍ତୁଷ୍ଟ ହେବାପରେ କର୍ତ୍ତୃପକ୍ଷ କୌଣସି ପେଟେଣ୍ଟ୍ ବା ଅନ୍ୟ କୌଣସି ଆଇ.ପି.ଆର୍. ନିମନ୍ତେ ଆବେଦନ କରିବା ଲାଗି ଅନୁମତି ମଞ୍ଜୁର କରିପାରିବେ। ଅବଶ୍ୟ ପ୍ରତ୍ୟେକ କ୍ଷେତ୍ରରେ କର୍ତ୍ତୃପକ୍ଷ ଯେଉଁସବୁ ସର୍ତ୍ତାବଳୀ ସଠିକ ବୋଲି ବିବେଚନା କରନ୍ତି ତାହାକୁ ଲାଗୁ କରିବେ।

(୫) କର୍ତ୍ତୃପକ୍ଷଙ୍କର ଜଣେ ପ୍ରାଧିକୃତ ଅଧିକାରୀ ଏବଂ ଆବେଦକଙ୍କ ଦ୍ୱାରା ଉପଯୁକ୍ତଭାବେ ସ୍ୱାକ୍ଷର ହୋଇଥିବା ଏକ ଲିଖିତ ଚୁକ୍ତିନାମା ସାହାଯ୍ୟରେ ସେହି ଅନୁମତିର ମଞ୍ଜୁର କରାଯିବ। କର୍ତ୍ତୃପକ୍ଷଙ୍କ ଦ୍ୱାରା ରାଜିନାମାର ଫର୍ମ କିପରି ହେବ ତାହା ସ୍ଥିର କରାଯାଇପାରିବ।

(୬) ଯଦି କର୍ତ୍ତୃପକ୍ଷ ବିଚାର କରନ୍ତି ଯେ, ଆବେଦନ ଗ୍ରହଣ କରାଯାଇପାରିବ ନାହିଁ, ତା'ହେଲେ କାରଣ ସମୂହ ଲିପିବଦ୍ଧ କରି ସେହି ଦରଖାସ୍ତକୁ ଅଗ୍ରାହ୍ୟ କରିଦେଇ ପାରିବେ। ଅଗ୍ରାହ୍ୟ ଆଦେଶ ଜାରି କରିବା ଆଗରୁ ଆବେଦକଙ୍କୁ ନିଜର ମତ ବ୍ୟକ୍ତ କରିବା ଲାଗି ସୁଯୋଗ ଦିଆଯିବ।

**୧୯. ଧାରା ୨୦ର ଉପଧାରା (୨) ଅନ୍ତର୍ଗତ ତୃତୀୟ ପକ୍ଷ ସ୍ଥାନାନ୍ତରଣ ପ୍ରଣାଳୀ**

(୧) ଜୈବ ସଂପଦ ଓ ଆନୁଷଙ୍ଗିକ ଜ୍ଞାନକୌଶଳ ନିମନ୍ତେ ଉପଲଭ୍ୟତା (ପ୍ରବେଶାଧିକାର) ହାସଲ କରିଥିବା ବ୍ୟକ୍ତି ସେହି ଉପଲଭ୍ୟ ଜୈବ ସଂପଦ ଓ ଜ୍ଞାନକୌଶଳକୁ ଅନ୍ୟ କୌଣସି ବ୍ୟକ୍ତି ବା ଅନୁଷ୍ଠାନକୁ ହସ୍ତାନ୍ତର କରିବାକୁ ଚାହୁଁଥିଲେ ଫର୍ମ-iv ସାହାଯ୍ୟରେ କର୍ତ୍ତୃପକ୍ଷଙ୍କ ନିକଟରେ ଏକ ଆବେଦନ କରିବେ।

(୨) ଉପ-ନିୟମ(୧) ଅନ୍ତର୍ଗତ ପ୍ରତ୍ୟେକ ଦରଖାସ୍ତ ସହିତ ଦେୟ ବାବଦରେ କର୍ତ୍ତୃପକ୍ଷଙ୍କ ନାମରେ ପ୍ରସ୍ତୁତ ହୋଇଥିବା ଟ.୧୦,୦୦୦/-ର ଏକ ବ୍ୟାଙ୍କ୍ ଡ୍ରାଫ୍ଟ ବା ଚେକ୍ ଦାଖଲ କରିବାକୁ ହେବ।

(୩) କୌଣସି ଅତିରିକ୍ତ ସୂଚନା ସଂଗ୍ରହ କଲାପରେ କର୍ତ୍ତୃପକ୍ଷ ଦରଖାସ୍ତ ଗ୍ରହଣ କରିବାର ଯେତେଦୂର ସମ୍ଭବ ଛଅ ମାସ ସମୟସୀମା ମଧ୍ୟରେ ତାହାର ବିଚାର କରିବେ।

(୪) ବିଧି ମୁତାବକ ଆବେଦକ ସମସ୍ତ ଆବଶ୍ୟକତା ପୂରଣ କରିଛନ୍ତି ବୋଲି ନିଶ୍ଚିତ ହେବା ପରେ କର୍ତ୍ତୃପକ୍ଷ ପ୍ରତ୍ୟେକ କ୍ଷେତ୍ରରେ ସ୍ୱୟଂ ଉପଯୁକ୍ତ ମନେ କରୁଥିବା ବିଭିନ୍ନ ସର୍ତ୍ତାବଳୀ ଲାଗୁ କରି ତୃତୀୟ ପକ୍ଷ ସ୍ଥାନାନ୍ତରଣ ଲାଗି ଅନୁମତି ମଞ୍ଜୁର କରିପାରିବେ।

(୫) ଉପ-ନିୟମ (୪) ଅନ୍ତର୍ଗତ ଅନୁମୋଦନକୁ କର୍ତ୍ତୃପକ୍ଷଙ୍କ ଜଣେ କ୍ଷମତାପ୍ରାପ୍ତ ଅଧିକାରୀ ତଥା ଆବେଦନକାରୀଙ୍କ ଦ୍ୱାରା ନିୟମାନୁଯାୟୀ ସ୍ୱାକ୍ଷର କରାଯାଇଥିବା ଏକ ଲିଖିତ ଚୁକ୍ତିନାମା ଫର୍ମରେ ମଞ୍ଜୁର କରାଯିବ। କର୍ତ୍ତୃପକ୍ଷ ଯେପରି ସ୍ଥିର କରିବେ ସେହି ଅନୁଯାୟୀ ଚୁକ୍ତିନାମାର ଫର୍ମ ପ୍ରସ୍ତୁତ କରାଯିବ।

(୬) ଯଦି କୌଣସି କାରଣରୁ କୌଣସି ଦରଖାସ୍ତକୁ ଅନୁମତି ଦିଆଯାଇ ପାରିବ ନାହିଁ ବୋଲି କର୍ତ୍ତୃପକ୍ଷ ବିଚାର କରନ୍ତି, ତା'ହେଲେ ସେହି କାରଣକୁ ଲିଖିତ ଭାବେ ଲିପିବଦ୍ଧ କରି ସଂପୃକ୍ତ ଦରଖାସ୍ତକୁ ନାମଞ୍ଜୁର କରିପାରିବେ; ଅବଶ୍ୟ ଆବେଦକଙ୍କୁ ନିଜ ମତ ଜଣାଇବା ସକାଶେ ଏକ ଯୁକ୍ତିସଂଗତ ସୁଯୋଗ ନଦେଇ କୌଣସି ଦରଖାସ୍ତକୁ ଅଗ୍ରାହ୍ୟ କରାଯାଇପାରିବ ନାହିଁ।

**୨୦. ସମତୁଲ ଉପକାର ସହଭାଗିତା (ଧାରା ୨୧) ସକାଶେ ମାନଦଣ୍ଡ**

(୧) କର୍ତ୍ତୃପକ୍ଷ ସରକାରୀ ଇସ୍ତାହାର ପତ୍ରିକାରେ ବିଜ୍ଞପ୍ତି ଜାରି କରି ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରିବେ ଏବଂ ଉପକାର ସହଭାଗିତା ସକାଶେ ପ୍ରଣାଳୀ ବ୍ୟାଖ୍ୟା କରିବେ।

(୨) ସଂପୃକ୍ତ ନିର୍ଦ୍ଦେଶାବଳୀରେ ରାଜଭାଗ, ଯୁଗ୍ମ ଉଦ୍ୟୋଗ, ପ୍ରଯୁକ୍ତିବିଦ୍ୟା ସ୍ଥାନାନ୍ତର, ଉତ୍ପାଦ ବିକାଶ, ଶିକ୍ଷା ଓ ସଚେତନତା ବୃଦ୍ଧି କାର୍ଯ୍ୟକଳାପ, ଆନୁଷ୍ଠାନିକ ଦକ୍ଷତା ଗଠନ ଏବଂ ଉଦ୍ୟୋଗ ବିନିଯୋଗ ପାଣ୍ଠି ପ୍ରସଙ୍ଗ ଅନ୍ତର୍ଭୁକ୍ତ ରହିବ।

(୩) ଲାଭର ସହଭାଗ ବିଧି ବା ପ୍ରଣାଳୀକୁ ଗୋଟିଏ ପରେ ଗୋଟିଏ କରି ପ୍ରତ୍ୟେକ ଘଟଣା ଅନୁସାରେ ସ୍ଥିର କରିବାକୁ ହେବ।

(୪) କର୍ତ୍ତୃପକ୍ଷ କୌଣସି ବ୍ୟକ୍ତିଙ୍କୁ ଉପଲଭ୍ୟତା ବା ଗବେଷଣାର ଫଳାଫଳ ସ୍ଥାନାନ୍ତର ବା ପେଟେଣ୍ଟ୍ ଓ ଆଇ.ପି.ଆର୍. ବା ଉପଲଭ୍ୟ ଜୈବ ସଂପଦ ଓ ଆନୁଷଙ୍ଗିକ ଜ୍ଞାନକୌଶଳର ତୃତୀୟ ପକ୍ଷ ସ୍ଥାନାନ୍ତର ସକାଶେ ଅନୁମତି ମଞ୍ଜୁର କଲାବେଳେ ଉପଲଭ୍ୟ ଜୈବ ସାମଗ୍ରୀ ଓ ଆନୁଷଙ୍ଗିକ ଜ୍ଞାନକୌଶଳର ଉପଯୋଗରୁ ମିଳୁଥିବା ସୁବିଧାଗୁଡ଼ିକର ନ୍ୟାୟସଙ୍ଗତ ସହଭାଗକୁ ସୁନିଶ୍ଚିତ କରିବା ନିମନ୍ତେ ଆବଶ୍ୟକୀୟ ନିୟମ ଓ ସର୍ତ୍ତାବଳୀ ଲାଗୁ କରିପାରିବେ।

(୫) ଉପକାର ବା ସୁବିଧାବଳୀର ଆବଶ୍ୟକୀୟ ପରିମାଣ ସ୍ଥାନୀୟ ସ୍ୱାୟତ୍ତ ସଂସ୍ଥା ତଥା ଲାଭର ଦାବିଦାରମାନଙ୍କ ସହିତ ପରାମର୍ଶ କରି ସେହି ପ୍ରକାର ଅନୁମତି ପାଇଁ ଆବେଦନ କରୁଥିବା ବ୍ୟକ୍ତିଗଣ ଏବଂ କର୍ତ୍ତୃପକ୍ଷଙ୍କ ମଧ୍ୟରେ ପାରସ୍ପରିକ ଭାବେ ସହମତି ସ୍ଥାପନ କରାଯିବ ଏବଂ ଜୈବ ବିବିଧତାର ସଂରକ୍ଷଣ ଓ ଦୀର୍ଘସ୍ଥାୟୀ ଉପଯୋଗକୁ ସୁନିଶ୍ଚିତ କରୁଥିବା ପଦକ୍ଷେପ ସହିତ ଉପଲଭ୍ୟତାର ନିର୍ଦ୍ଧାରିତ ପରିମାପ, ବ୍ୟବହାର ପରିମାଣ, ଧାରାବାହିକତା ବୈଶିଷ୍ଟ୍ୟ, ପ୍ରଭାବ ଓ ଆଶା କରାଯାଉଥିବା ଫଳାଫଳ ସ୍ତର ପ୍ରତି ଉପଯୁକ୍ତ ଧ୍ୟାନ ଦେଇ ସ୍ଥିର କରାଯାଇପାରିବ।

(୬) ପ୍ରତ୍ୟେକ ମାମଲା ଉପରେ ନିର୍ଭର କରି କର୍ତ୍ତୃପକ୍ଷ ସ୍ୱଳ୍ପ, ମଧ୍ୟମ ଓ ଦୀର୍ଘକାଳୀନ ସୁବିଧାବଳୀ ସଂପର୍କରେ ସୁବିଧାର ସହଭାଗ ଆକଳନ କରିବା ପାଇଁ ସମୟସୀମା ଧାର୍ଯ୍ୟ କରିପାରିବେ।

(୭) ଉପକାର ବା ସୁବିଧାବଳୀ ଜୈବ ବିବିଧତାର ସଂରକ୍ଷଣ ତଥା ଧାରାବାହିକ ଉପଯୋଗକୁ ଯେ ସୁନିଶ୍ଚିତ କରିବ ତାହା କର୍ତ୍ତୃପକ୍ଷ ସ୍ଥିର କରିବେ।

(୮) ଯେଉଁ କ୍ଷେତ୍ରରେ ଜୈବ ସଂପଦରାଜି ବା ଜ୍ଞାନକୌଶଳ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତି ବା ଜନଗୋଷ୍ଠୀ ବା ସଂସ୍ଥାମାନଙ୍କ ନିକଟରୁ ଉପଲବ୍ଧ କରାଯାଏ ସେପରି ସ୍ଥଳେ କର୍ତ୍ତୃପକ୍ଷ ଚୁକ୍ତିଗତ ଅର୍ଥରାଶି ଜିଲ୍ଲା ପ୍ରଶାସନ ଜରିଆରେ ଯେପରି ସିଧାସଳଖ ସେହିମାନଙ୍କୁ ପ୍ରଦାନ କରାଯିବ ସେ ଦିଗରେ

ପଦକ୍ଷେପ ଗ୍ରହଣ କରିବେ । ଯେଉଁ କ୍ଷେତ୍ରରେ ସେହି ଧରଣର ବ୍ୟକ୍ତି, ଗୋଷ୍ଠୀ ବା ଅନୁଷ୍ଠାନ ଚିହ୍ନଟ କରାଯାଇପାରିବ ନାହିଁ ସେପରି ସ୍ଥଳେ ଆର୍ଥିକ ଲାଭକୁ ଜାତୀୟ ଜୈବ ବିବିଧତା ପାଣ୍ଠିରେ ଜମା କରିବାକୁ ହେବ ।

(୯) ହିସାବକୃତ ଲାଭର ପାଂଚ ପ୍ରତିଶତ ପ୍ରାଶାସନିକ ଓ ସେବା ଦେୟ ବାବଦକୁ କର୍ତ୍ତୃପକ୍ଷ ବା ବୋର୍ଡ଼ ଯେ' ବି ହୁଅନ୍ତୁ ସେମାନଙ୍କ ନିମନ୍ତେ ସ୍ୱତନ୍ତ୍ରଭାବେ ରଖିବାକୁ ହେବ ।

(୧୦) କର୍ତ୍ତୃପକ୍ଷ ନିଜ ଦ୍ୱାରା ସ୍ଥିରୀକୃତ ଉପାୟରେ ଉପ-ନିୟମ (୪) ଅନ୍ତର୍ଗତ ଯେପରି ସ୍ଥିର କରାଯାଇଛି ସେହି ଅନୁସାରେ ଲାଭାବଳୀର ପ୍ରବାହକୁ ତଦାରଖ କରିବେ ।

## ୨୧. ଜାତୀୟ ଜୈବ ବିବିଧତା ପାଣ୍ଠିର ଆବେଦନ

(୧) ଜାତୀୟ ଜୈବ ବିବିଧତା ପାଣ୍ଠି ଅଧ୍ୟକ୍ଷ ବା ଏହି ବାବଦରେ ପ୍ରାଧିକୃତ ହୋଇଥିବା କର୍ତ୍ତୃପକ୍ଷଙ୍କ ସେହିଭଳି ଅନ୍ୟ ଅଧିକାରୀଙ୍କ ଦ୍ୱାରା ପରିଚାଳିତ ହେବ ।

(୨) ଜାତୀୟ ଜୈବ ବିବିଧତା ପାଣ୍ଠିର ଦୁଇଗୋଟି ଅଲଗା ହିସାବ ଖାତା ରହିବ – କେନ୍ଦ୍ର ସରକାରଙ୍କଠାରୁ ପ୍ରାପ୍ତ ଅର୍ଥ ସମ୍ବନ୍ଧୀୟ ଗୋଟିଏ ହିସାବ ଏବଂ କର୍ତ୍ତୃପକ୍ଷଙ୍କର ପ୍ରାପ୍ୟ, ଲାଇସେନ୍ସ ପାଉଣା, ରାଜଭାଗ ଓ ଅନ୍ୟାନ୍ୟ ରାଜସ୍ୱ ବା ଆୟ ସମ୍ବନ୍ଧୀୟ ଅନ୍ୟ ଏକ ହିସାବ ।

## ୨୨. ଜୈବ ବିବିଧତା ପରିଚାଳନା ସମିତିର ସମ୍ବିଧାନ

୧) ପ୍ରତ୍ୟେକ ସ୍ଥାନୀୟ ସ୍ୱାୟତ୍ତ ସଂସ୍ଥା ନିଜ ଅଧିକାରଭୁକ୍ତ ଅଂଚଳ ମଧ୍ୟରେ ଏକ ଜୈବ ବିବିଧତା ପରିଚାଳନା ସମିତି (BMC) ଗଠନ କରିବେ ।

୨) ଉପ-ନିୟମ (୧) ଅନ୍ତର୍ଗତ ଗଠିତ ଜୈବ ବିବିଧତା ପରିଚାଳନା କମିଟିରେ ଜଣେ ଅଧ୍ୟକ୍ଷ ରହିବେ ଏବଂ ସ୍ଥାନୀୟ ସ୍ୱାୟତ୍ତ ସଂସ୍ଥା ଦ୍ୱାରା ମନୋନୀତ ସର୍ବାଧିକ ଛଅ ଜଣ ବ୍ୟକ୍ତିଙ୍କ ମଧ୍ୟରୁ ଅତି କମ୍‌ରେ ଏକ ତୃତୀୟାଂଶ ମହିଳା ତଥା ଅତି କମ୍‌ରେ ୧୮ ପ୍ରତିଶତ ଅନୁସୂଚିତ ଜାତି/ଜନଜାତିର ବ୍ୟକ୍ତି ରହିବେ ।

୩) ସ୍ଥାନୀୟ ସ୍ୱାୟତ୍ତ ସଂସ୍ଥାର ଅଧ୍ୟକ୍ଷ/ଅଧ୍ୟକ୍ଷାଙ୍କ ଦ୍ୱାରା ପରିଚାଳିତ ଏକ ବୈଠକରେ କମିଟିର ସଭ୍ୟ/ସଭ୍ୟାମାନଙ୍କ ମଧ୍ୟରୁ ଜୈବ ବିବିଧତା ପରିଚାଳନା କମିଟିର ଅଧ୍ୟକ୍ଷଙ୍କୁ ନିର୍ବାଚିତ କରାଯିବ । ଭୋଟ୍ ସଂଖ୍ୟା ସମାନ ସମାନ ରହିଲେ ସ୍ଥାନୀୟ ସ୍ୱାୟତ୍ତ ସଂସ୍ଥାର ଅଧ୍ୟକ୍ଷ/ ଅଧ୍ୟକ୍ଷା ନିଷ୍ପତ୍ତିମୂଳକ ଭୋଟ୍‌ଦାନ କରିବେ ।

୪) ଜୈବ ବିବିଧତା ପରିଚାଳନା କମିଟିର ଅଧ୍ୟକ୍ଷଙ୍କ କାର୍ଯ୍ୟକାଳ ଅବଧି ତିନି ବର୍ଷ ପର୍ଯ୍ୟନ୍ତ ରହିବ ।

୫) ସ୍ଥାନୀୟ ବିଧାୟକ/ବିଧାନ ପରିଷଦ ସଭ୍ୟ/ସଭ୍ୟା ଏବଂ ସାଂସଦମାନେ ସମିତିର ବୈଠକମାନଙ୍କରେ ସ୍ୱତନ୍ତ୍ରଭାବେ ନିମନ୍ତ୍ରିତ ହୋଇ ଯୋଗଦେବେ ।

୬) ସ୍ଥାନୀୟ ଲୋକମାନଙ୍କ ସହିତ ପରାମର୍ଶ କରି ଲୋକଙ୍କର ଜୈବ-ବିବିଧତା ଅଭିଲେଖ ପୁସ୍ତିକା/ ରେଜିଷ୍ଟର୍ ପ୍ରସ୍ତୁତ କରିବା ହେଉଛି ଜୈବ ବିବିଧତା ପରିଚାଳନା କମିଟିର ପ୍ରଧାନ କାମ । ଉକ୍ତ ଖାତାରେ ସ୍ଥାନୀୟ ଜୈବ ସଂପଦ, ସେଗୁଡ଼ିକର ଔଷଧୀୟ ବା ଅନ୍ୟ କୌଣସି ଉପଯୋଗ ବା ସେସବୁ ସହିତ ସଂପର୍କ ରଖୁଥିବା ଅନ୍ୟାନ୍ୟ ପାରମ୍ପରିକ ଜ୍ଞାନକୌଶଳର ସହଜଲଭ୍ୟତା ଓ ଜ୍ଞାନ ବିଷୟରେ ବ୍ୟାପକ ସୂଚନା ରହିବ ।

୭) ଅନୁମତି ମଞ୍ଜୁର କରିବା, ଜୈବ ସଂପଦ ବ୍ୟବହାର କରୁଥିବା ସ୍ଥାନୀୟ ବୈଦ୍ୟ ଓ ଚିକିତ୍ସକମାନଙ୍କ ସଂପର୍କରେ ତଥ୍ୟ ରଖିବା ସକାଶେ ରାଜ୍ୟ ଜୈବ ବିବିଧତା ବୋର୍ଡ଼ ବା

କର୍ତ୍ତୃପକ୍ଷଙ୍କ ଦ୍ୱାରା ଦର୍ଶାଯାଇଥିବା ଯେକୌଣସି ବିଷୟରେ ପରାମର୍ଶ ଦେବା ହେଉଛି ଜୈବ ବିବିଧତା ପରିଚାଳନା କମିଟିର ଅନ୍ୟାନ୍ୟ କାର୍ଯ୍ୟାବଳୀ।

୮) ଜୈବ-ବିବିଧତା ଲୋକଖାତାର ଫର୍ମ ବା ସ୍ୱରୂପକୁ ସୁନିର୍ଦ୍ଦିଷ୍ଟ କରିବା, ସେଥିରେ କେଉଁସବୁ ବିବରଣୀ ସ୍ଥାନିତ ହେବ ତଥା ଇଲେକ୍ଟ୍ରୋନିକ୍ ତଥ୍ୟଭୂମି (ଡାଟାବେସ୍) ପାଇଁ ପଦ୍ଧତି ଆଦି ଦିଗରେ କର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ କରିବେ।

୯) କର୍ତ୍ତୃପକ୍ଷ ଏବଂ ରାଜ୍ୟ ଜୈବ ବିବିଧତା ବୋର୍ଡ଼ ଜୈବ-ବିବିଧତା ଲୋକଖାତା ପ୍ରସ୍ତୁତ କରିବା ଲାଗି ଜୈବ ବିବିଧତା ପରିଚାଳନା କମିଟିକୁ ଦିଗ୍‌ଦର୍ଶନ ଓ ପ୍ରଯୁକ୍ତିଗତ ସହାୟତା ଯୋଗାଇଦେବେ।

୧୦) ଜୈବ ବିବିଧତା ପରିଚାଳନା କମିଟି ଦ୍ୱାରା ଜୈବ-ବିବିଧତା ଲୋକଖାତା ପରିଚାଳିତ ହେବ ଏବଂ ତାହାକୁ ବିଧିଗତ କରାଯିବ।

୧୧) ଜୈବ ବିବିଧତା ପରିଚାଳନା କମିଟି ମଧ୍ୟ ଜୈବ ସଂପଦ ଓ ପାରମ୍ପରିକ ଜ୍ଞାନକୌଶଳ ପ୍ରତି ମଞ୍ଜୁର କରାଯାଇଥିବା ଉପଲଭ୍ୟତା ବା ପ୍ରବେଶାଧିକାରର ବିବରଣୀ, ଲାଗୁ କରାଯାଇଥିବା ସଂଗ୍ରହ ଦେୟର ବିବରଣୀ ଏବଂ ପ୍ରାପ୍ତ ଲାଭ ତଥା ତାହାର ସହଭାଗ ପ୍ରଣାଳୀ ସଂପର୍କରେ ସୂଚନା ପ୍ରଦାନ କରୁଥିବା ଏକ ରେଜିଷ୍ଟର୍ ପରିଚାଳନା କରିବେ।

**୨୩. ଧାରା ୫୦ ଅନ୍ତର୍ଗତ ବିବାଦର ମୀମାଂସା ନିମନ୍ତେ ଆବେଦନ**

(୧) କୌଣସି ଆଦେଶ ବା ନିର୍ଦ୍ଦେଶର କାର୍ଯ୍ୟକାରିତା ଯୋଗୁଁ ବା କୌଣସି ନୀତିଗତ ନିଷ୍ପତ୍ତିର ପ୍ରସଙ୍ଗକୁ ନେଇ କର୍ତ୍ତୃପକ୍ଷ ଓ ରାଜ୍ୟ ଜୈବ ବିବିଧତା ବୋର୍ଡ଼ ବା ଗୋଟିଏ ବୋର୍ଡ଼ ଓ ଅନ୍ୟାନ୍ୟ ବୋର୍ଡ଼ମାନଙ୍କ ମଧ୍ୟରେ ଯଦି କୌଣସି ବିବାଦ ଉପୁଜେ ତା'ହେଲେ ପ୍ରଭାବିତ ଉଭୟ ପକ୍ଷରୁ ଯେ'କେହି ଅର୍ଥାତ୍ କର୍ତ୍ତୃପକ୍ଷ ବା ବୋର୍ଡ଼, ଯିଏ ବି ହୁଅନ୍ତୁ, ଶାସନ ସଚିବ, ପରିବେଶ ଓ ଜଙ୍ଗଲ ମନ୍ତ୍ରାଳୟ, ଭାରତ ସରକାରଙ୍କ ଠିକଣାରେ ଫର୍ମ୍ ୫ରେ ଧାରା-୫୦ ଅନୁଯାୟୀ କେନ୍ଦ୍ର ସରକାରଙ୍କ ନିକଟକୁ ଆବେଦନ କରିବେ।

(୨) ଯଦି କୌଣସି ଏକ ରାଜ୍ୟ ଜୈବର ବିବିଧତା ବୋର୍ଡ଼ ସହିତ ଅନ୍ୟ ଏକ ରାଜ୍ୟର ଜୈବ ବିବିଧତା ବୋର୍ଡ଼ ବା ଏକାଧିକ ବୋର୍ଡ଼ ମଧ୍ୟରେ ବିବାଦ ଉପୁଜେ ତାହେଲେ ପ୍ରଭାବିତ ବୋର୍ଡ଼ ବା ବୋର୍ଡ଼ଗୁଡ଼ିକ କେନ୍ଦ୍ର ସରକାରଙ୍କ ନିକଟରେ ସେହି ବିବାଦୀୟ କାରଣ ବା କାରଣଗୁଡ଼ିକୁ ବିଚାର କରିବା ପାଇଁ ଉପସ୍ଥାପନ କରିବେ ଏବଂ କେନ୍ଦ୍ର ସରକାର ତାହାକୁ କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ କରିବେ।

(୩) ଆବେଦନ ଦାଖଲ କରିବା ସହିତ ସହାୟତା ହାସଲ କରିବା ସକାଶେ ସଂପୃକ୍ତ ଆବେଦନପତ୍ରରେ ମାମଲାର ଘଟଣାବଳୀ ଅର୍ଥାତ୍ ଆବେଦକ ନିର୍ଭର କରୁଥିବା କାରଣଗୁଡ଼ିକ ବିଷୟରେ ଉଲ୍ଲେଖ କରିବାକୁ ହେବ।

(୪) ଆବେଦନପତ୍ର ସହିତ ଆବେଦକ ଯେଉଁ ଆଦେଶ, ନିର୍ଦ୍ଦେଶ ବା ନୀତି ନିର୍ଦ୍ଧାରଣ, ଯାହାଦ୍ୱାରା ବି ପ୍ରଭାବିତ ହୋଇଥିବେ ତାହାର ଏକ ଅବିକଳ ନକଲକୁ ଆବେଦକଙ୍କ ପ୍ରାଧିକୃତ ପ୍ରତିନିଧିଙ୍କ ଦ୍ୱାରା ବିଧି ମୁତାବକ ସ୍ୱାକ୍ଷର କରି ଦାଖଲ କରିବାକୁ ହେବ।

(୫) ଆବେଦନପତ୍ରକୁ ତାହାର ଚାରିକିତା ନକଲ ସହିତ ବ୍ୟକ୍ତିଗତ ଭାବେ ହେଉ ବା ସ୍ୱୀକୃତିମୂଳକ ରେଜିଷ୍ଟ୍ରି ଡାକ ଦ୍ୱାରା ହେଉ, ଅଭିଯୋଗ କରାଯାଇଥିବା ଆଦେଶ, ନିର୍ଦ୍ଦେଶ ବା ନୀତି ନିର୍ଦ୍ଧାରଣ ତାରିଖର ୩୦ ଦିନ ସମୟ ମଧ୍ୟରେ ଯଥାବିଧି ଦାଖଲ କରିବାକୁ ହେବ; ଯଦି ଆବେଦନ

ଦାଖଲ କରିବାରେ ବିଳମ୍ବ ହେବାର ଯଥାର୍ଥ ଓ ଯଥେଷ୍ଟ କାରଣ ରହିଥିବା ବିଷୟରେ କେନ୍ଦ୍ର ସରକାର ସନ୍ତୁଷ୍ଟ ହୁଅନ୍ତି ତା'ହେଲେ କାରଣକୁ ଲିପିବଦ୍ଧ କରି ସେ ଉପର ବର୍ଣ୍ଣିତ ୩୦ ଦିନର ସମୟ ଶେଷ ହେବା ପରେ, ମାତ୍ର ଅଭିଯୋଗ କରାଯାଇଥିବା ଆଦେଶ, ନିର୍ଦ୍ଦେଶ ବା ନୀତି ନିର୍ଦ୍ଧାରଣ ଯାହା ବି ହେଉ ସେହି ତାରିଖର ୪୫ ଦିନ ସମୟ ଶେଷ ହେବା ପୂର୍ବରୁ, ଆବେଦନ ଦାଖଲ କରିବା ଲାଗି ଅନୁମତି ପ୍ରଦାନ କରିପାରିବେ।

(୬) ଏକ ସ୍ୱୀକୃତିମୂଳକ ରେଜିଷ୍ଟ୍ରି ଡାକ ଯୋଗେ ଫର୍ମ-vi ଜରିଆରେ ଆବେଦନର ଶୁଣାଣି ନିମନ୍ତେ ବିଜ୍ଞପ୍ତି ଦିଆଯିବ।

(୭) କେନ୍ଦ୍ର ସରକାର ଆବେଦକ ଓ ଅନ୍ୟ ପକ୍ଷମାନଙ୍କର ଶୁଣାଣି କରିସାରିବା ପରେ ଆବେଦନର ଫଇସଲା କରିବେ।

(୮) ଏକ ଆବେଦନର ଫଇସଲା କଲାପରେ କେନ୍ଦ୍ର ସରକାର ଅଭିଯୋଗମୂଳକ ଆଦେଶ, ନିର୍ଦ୍ଦେଶ ବା ନୀତି ଯେଉଁଟା ବି ହେଉ, ତାହାକୁ ପରିବର୍ତ୍ତିତ, ସଂଶୋଧିତ ବା ନାକଚ କରିପାରିବେ।

(୯) ଏକ ବିବାଦର ବିଚାର କଲାବେଳେ ସଂପୃକ୍ତ କର୍ତ୍ତୃପକ୍ଷ ସ୍ୱାଭାବିକ ନ୍ୟାୟର ନୀତି ଦ୍ୱାରା ପରିଚାଳିତ ହେବେ ଏବଂ ଯେତେଦୂର ସମ୍ଭବ, ଉକ୍ତ ନିୟମ ଅନୁସାରେ କେନ୍ଦ୍ର ସରକାର ଯେଉଁ ପଦ୍ଧତି ଅନୁସରଣ କରିବା ଆବଶ୍ୟକ ଠିକ୍ ସେହି ସମାନ ପଦ୍ଧତି ଅନୁସରଣ କରିବେ।

## ୨୪. ଧାରା ୬୧ ଅନ୍ତର୍ଗତ ବିଜ୍ଞପ୍ତି ଦେବାର ବିଧି

(୧) ବିଭାଗ ୬୧ର ଧାରା (ଖ) ଅନ୍ତର୍ଗତ ଅଧିସୂଚନା ଦେବାର ପ୍ରଣାଳୀ ନିମ୍ନ ପ୍ରକାର ହେବ, ଯଥା –

i) ବିଜ୍ଞପ୍ତି ବା ଅଧିସୂଚନା ଫର୍ମ-vii ରେ ଲିଖିତ ଆକାରରେ ପ୍ରସ୍ତୁତ କରାଯିବ

ii) ବିଜ୍ଞପ୍ତି ଦେଉଥିବା ବ୍ୟକ୍ତି ତାହାକୁ ନିମ୍ନ ଠିକଣାରେ ପଠାଇପାରିବେ, ଯଥା –

(କ) ଯଦି ଅଭିଯୁକ୍ତ ଅପରାଧ ଏକ କେନ୍ଦ୍ରଶାସିତ ଅଞ୍ଚଳରେ ଘଟିଥାଏ ତା'ହେଲେ ତାହାକୁ ଜାତୀୟ ଜୈବ-ବିବିଧତା ବୋର୍ଡ଼ର ଅଧ୍ୟକ୍ଷଙ୍କ ନିକଟକୁ ପଠାଇବେ; ଏବଂ

(ଖ) ଯଦି ଅଭିଯୁକ୍ତ ଅପରାଧ ଏକ ରାଜ୍ୟରେ ଘଟିଥାଏ ତା'ହେଲେ ତାହାକୁ ରାଜ୍ୟ ଜୈବ-ବିବିଧତା ବୋର୍ଡ଼ର ଅଧ୍ୟକ୍ଷଙ୍କ ନିକଟକୁ ପଠାଇବେ

(୨) ଉପ-ନିୟମ (୧)ରେ ଉଲ୍ଲେଖ କରାଯାଇଥିବା ବିଜ୍ଞପ୍ତି ସ୍ୱୀକୃତିମୂଳକ ରେଜିଷ୍ଟ୍ରି ଡାକ ଯୋଗେ ପଠାଇବାକୁ ହେବ, ଏବଂ

(୩) ବିଭାଗ ୬୧ର ଧାରା (ଖ)ରେ ଉଲ୍ଲେଖ କରାଯାଇଥିବା ୩୦ ଦିନର ସମୟ ଉପ-ନିୟମ (୧)ରେ ଉଲ୍ଲେଖ କରାଯାଇଥିବା ତାରିଖ, ଯେଉଁଦିନ କି କର୍ତ୍ତୃପକ୍ଷ ବିଜ୍ଞପ୍ତି ଗ୍ରହଣ କରିଥିବେ, ସେହିଦିନଠାରୁ ବିଚାରକୁ ନିଆଯିବ।

# ଫର୍ମ-୧

## (ନିୟମ ୧୪ ଦେଖନ୍ତୁ)

## ଜୈବ ସଂପଦ ଓ ଆନୁଷଙ୍ଗିକ ପାରମ୍ପରିକ ଜ୍ଞାନକୌଶଳର ଉପଲଭ୍ୟତା ନିମନ୍ତେ ଦରଖାସ୍ତ ଫର୍ମ

## ଭାଗ-କ

(i) ଆବେଦନ୍ଙ୍କ ସମ୍ପୂର୍ଣ୍ଣ ବିବରଣୀ

(ii) ନାମ:

(iii) ସ୍ଥାୟୀ ଠିକଣା:

(iv) ଯୋଗାଯୋଗ ନିମନ୍ତେ ଭାରତରେ ଯଦି କେହି ବ୍ୟକ୍ତି/ଏଜେଣ୍ଟ୍ ଥାଆନ୍ତି, ତେବେ ତାଙ୍କ ଠିକଣା:

(v) ସଂସ୍ଥାର ବିବରଣୀ (ଆବେଦକ ଯଦି ଜଣେ ବ୍ୟକ୍ତି ହୋଇଥାନ୍ତି ତାହେଲେ ତାଙ୍କ ବ୍ୟକ୍ତିଗତ ବିବରଣୀ) । ଆବଶ୍ୟକୀୟ ପ୍ରାମାଣିକ କାଗଜପତ୍ର ସଂଯୋଗ କରନ୍ତୁ:

(vi) କେଉଁ ପ୍ରକାର ବ୍ୟବସାୟ:

(vii) ଆମେରିକୀୟ ଡଲାର୍ ହିସାବରେ ସଂସ୍ଥାର ଆୟ:

୨. ଚାହୁଁଥିବା ଉପଲଭ୍ୟତାର ପ୍ରକାର ଏବଂ ଉପଲଭ୍ୟତା ସକାଶେ ଉଦ୍ଦିଷ୍ଟ ଜୈବ ସାମଗ୍ରୀ ତଥା ଆନୁଷଙ୍ଗିକ ଜ୍ଞାନକୌଶଳ ସଂପର୍କରେ ବିଶଦ୍ ବିବରଣୀ ଓ ନିର୍ଦ୍ଦିଷ୍ଟ ସୂଚନା

- କ) ଜୈବ ସଂପଦର ଚିହ୍ନଟୀକରଣ (ବୈଜ୍ଞାନିକ ନାମ) ଏବଂ ତାହାର ପାରମ୍ପରିକ ବ୍ୟବହାର:
- ଖ) ପ୍ରସ୍ତାବିତ ସଂଗ୍ରହର ଭୌଗୋଳିକ ଅବସ୍ଥିତ:
- ଗ) ବର୍ଣ୍ଣନା/ପାରମ୍ପରିକ ଜ୍ଞାନକୌଶଳର ପ୍ରକାର (ମୌଖିକ/ଦଲିଲକୃତ):
- ଘ) ପାରମ୍ପରିକ ଜ୍ଞାନକୌଶଳ ହାସଲ କରିଥିବା କୌଣସି ଚିହ୍ନିତ ବ୍ୟକ୍ତି ବା ଗୋଷ୍ଠୀ:
- ଙ) ସଂଗୃହୀତ ହେବାକୁ ଥିବା ଜୈବ ସଂପଦର ପରିମାଣ (ତାଲିକା ଦିଅନ୍ତୁ) :
- ଚ) ଜୈବ ସଂପଦ ସଂଗୃହୀତ ହେବା ଲାଗି ପ୍ରସ୍ତାବିତ ସମୟସୀମା:
- ଛ) ଚୟନ କରିବା ନିମନ୍ତେ କମ୍ପାନି ଦ୍ୱାରା ଅଧିକୃତ ବ୍ୟକ୍ତି/ମାନଙ୍କ ନାମ ଓ ସଂଖ୍ୟା:
- ଜ) ଗବେଷଣାର ପ୍ରକାର ଓ ପରିମାଣ, ଲାଭ କରାଯାଉଥିବା ଏବଂ ଲାଭ କରିବା ଲାଗି ଆଶା କରାଯାଉଥିବା ବ୍ୟାବସାୟିକ ବ୍ୟବହାର ସହିତ ଯେଉଁ ଉଦ୍ଦେଶ୍ୟରେ ଉପଲଭ୍ୟତା ଲାଗି ଆବେଦନ କରାଯାଉଛି ସେହି ବିଷୟ:
- ଝ) ଜୈବ ସଂପଦର କୌଣସି ସଂଗ୍ରହ ଦ୍ୱାରା ଜୈବ ବିବିଧତାର କୌଣସି ଉପାଙ୍ଗ ବିପନ୍ନ ହେଉଛି କି ଏବଂ ତାହାର ଉପଲଭ୍ୟତା ଫଳରେ ଉପୁଜୁଥିବା ବିପଦ:

୩. କୌଣସି ଜାତୀୟ ଅନୁଷ୍ଠାନ ଯାହାକି ଗବେଷଣା ଓ ବିକାଶ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବ ତାହାର ବିଶଦ ବିବରଣୀ।

୪. ଉପଲଭ୍ୟ ସଂପଦର ପ୍ରାଥମିକ ଲକ୍ଷ୍ୟସ୍ଥଳ ଏବଂ ଯେଉଁଠାରେ R&D କାର୍ଯ୍ୟ କରାଯିବ ସେହି ସ୍ଥାନର ଅବସ୍ଥିତି।

୫. କୌଣସି IPR ରୁ ମିଳୁଥିବା ସୁବିଧା, ନିର୍ଦ୍ଧାରିତ ହୋଇଥିବା କିମ୍ବା ଆବେଦକ ବା ସେ ଯେଉଁ ଦେଶର ନାଗରିକ ହୋଇଥିବେ ସେହି ଦେଶର ବୃଦ୍ଧି ଘଟାଉଥିବା ଉପଲବ୍ଧ ଜୈବ ସଂପଦରାଜି ତଥା ଜ୍ଞାନକୌଶଳରୁ ମିଳିଥିବା ପେଟେଣ୍ଟ୍ ସମେତ ଆର୍ଥିକ ଓ ଅନ୍ୟାନ୍ୟ ସୁବିଧାବଳୀ।

୬. ନିର୍ଦ୍ଧାରିତ ହୋଇଥିବା କିମ୍ବା ଆବେଦକ ବା ସେ ଯେଉଁ ଦେଶର ନାଗରିକ ହୋଇଥିବେ ସେହି ଦେଶର ବୃଦ୍ଧି ଘଟାଉଥିବା ଉପଲବ୍ଧ ଜୈବ ସଂପଦରାଜି ତଥା ଜ୍ଞାନକୌଶଳରୁ ମିଳିଥିବା ଜୈବ-

ପ୍ରଯୁକ୍ତିଗତ, ବୈଜ୍ଞାନିକ, ସାମାଜିକ ବା ଅନ୍ୟ କୌଣସି ସୁବିଧାବଳୀ ।

୭. ଭାରତ ବା ଗୋଷ୍ଠୀମାନଙ୍କୁ ଯେଉଁସବୁ ସୁବିଧା ଆସିବ ପ୍ରବେଶାଧିକାରପ୍ରାପ୍ତ ଜୈବ-ସଂପଦ ଓ ପାରମ୍ପରିକ ଜ୍ଞାନକୌଶଳର ଉପଯୋଗରୁ ମିଳୁଥିବା ସେହିସବୁ ସୁବିଧାବଳୀର ଅଟକଳ ।

୮. ଉପକାର ବା ସୁବିଧାର ସହଭାଗ ପାଇଁ ପ୍ରସ୍ତାବିତ ପଦ୍ଧତି ଓ ଆୟୋଜନ ।

୯. ଆବଶ୍ୟକ ବୋଲି ବିଚାର କରାଯାଉଥିବା ଅନ୍ୟ କୌଣସି ସୂଚନା ।

**ଭାଗ-ଖ**

**ଘୋଷଣା**

ମୁଁ/ଆମେ ଘୋଷଣା କରୁଛୁ ଯେ:

- ପ୍ରସ୍ତାବିତ ଜୈବ ସଂପଦରାଜିର ସଂଗ୍ରହ ସେହି ସଂପଦରାଜିର ଧାରାବାହିକତାକୁ ପ୍ରତିକୂଳ ଭାବେ ପ୍ରଭାବିତ କରିବ ନାହିଁ,
- ପ୍ରସ୍ତାବିତ ଜୈବ ସଂପଦରାଜିର ସଂଗ୍ରହ ପ୍ରତିକୂଳ କୌଣସି ପରିବେଶଗତ ପ୍ରଭାବ ସୃଷ୍ଟି କରିବ ନାହିଁ,
- ପ୍ରସ୍ତାବିତ ଜୈବ ସଂପଦରାଜିର ସଂଗ୍ରହ ପର୍ଯ୍ୟାବରଣ ପ୍ରତି କୌଣସି ବିପଦ ସୃଷ୍ଟି କରିବ ନାହିଁ,
- ପ୍ରସ୍ତାବିତ ଜୈବ ସଂପଦରାଜିର ସଂଗ୍ରହ ସ୍ଥାନୀୟ ଗୋଷ୍ଠୀସମୂହ ଉପରେ ପ୍ରତିକୂଳ ପ୍ରଭାବ ପକାଇବ ନାହିଁ,

ଆବେଦନପତ୍ରରେ ଦିଆଯାଇଥିବା ସୂଚନାବଳୀ ସତ୍ୟ ଓ ସଠିକ୍ ବୋଲି ଆମେ ପୁନର୍ବାର ଘୋଷଣା କରୁଛୁ ଏବଂ ଆମେ ଯେକୌଣସି ମିଥ୍ୟା ବା ତ୍ରୁଟିଯୁକ୍ତ ସୂଚନା ନିମନ୍ତେ ଦାୟୀ ରହିବୁ ।

ସ୍ୱାକ୍ଷର

ନାମ

ପଦବୀ

ସ୍ଥାନ

ତାରିଖ

# ଫର୍ମ-୨

(ନିୟମ ୧୭ ଦେଖନ୍ତୁ)

ବ୍ୟାବସାୟିକ ଉଦ୍ଦେଶ୍ୟରେ ବିଦେଶୀ ନାଗରିକ, କମ୍ପାନି, ପ୍ରବାସୀ ଭାରତୀୟ ପ୍ରଭୃତିଙ୍କ ନିକଟକୁ ଗବେଷଣାର ଫଳାଫଳ ହସ୍ତାନ୍ତର କରିବା ଲାଗି ଜାତୀୟ ଜୈବ-ବିବିଧତା କର୍ତ୍ତୃପକ୍ଷଙ୍କଠାରୁ ଆଗୁଆ ଅନୁମୋଦନ ଲାଭ କରିବା ପାଇଁ ଆବେଦନପତ୍ର:

୧. ଆବେଦକଙ୍କ ସଂପୂର୍ଣ୍ଣ ବିବରଣୀ

   i. ନାମ:

   ii. ଠିକଣା:

   iii. ବୃତ୍ତିଗତ ବିବରଣୀ:

   iv. ଅନୁଷ୍ଠାନଗତ ସଂପର୍କ (ପ୍ରାମାଣିକତାର ଆବଶ୍ୟକୀୟ କାଗଜପତ୍ର ସଂଯୋଗ କରନ୍ତୁ):

୨. ସଂପାଦିତ ହୋଇଥିବା ଗବେଷଣା ଫଳାଫଳର ବିବରଣୀ

୩. ଗବେଷଣାରେ ବ୍ୟବହୃତ ହୋଇଥିବା ଜୈବ ସଂପଦ ଏବଂ/ବା ଆନୁଷଙ୍ଗିକ ଜ୍ଞାନକୌଶଳର ବିବରଣୀ

୪. ଗବେଷଣାରେ ବ୍ୟବହୃତ ଜୈବ-ସଂପଦରାଜି ସଂଗ୍ରହ କରାଯାଇଥିବା ସ୍ଥାନର ଭୌଗୋଳିକ ଅବସ୍ଥିତି

୫. ଗବେଷଣାରେ ବ୍ୟବହୃତ ଯେକୌଣସି ପାରମ୍ପରିକ ଜ୍ଞାନକୌଶଳ ତଥା ପାରମ୍ପରିକ ଜ୍ଞାନକୌଶଳ ସଂପନ୍ନ ଯେକୌଣସି ଚିହ୍ନଟୀକୃତ ବ୍ୟକ୍ତି/ଗୋଷ୍ଠୀର ବିବରଣୀ

୬. ଯେଉଁଠାରେ R&D କାର୍ଯ୍ୟକ୍ରମ ଚାଲୁଥାଏ ସେହି ଅନୁଷ୍ଠାନର ବିବରଣୀ

୭. ଗବେଷଣାର ଫଳାଫଳ ହସ୍ତାନ୍ତର କରିବା ଲାଗି ଉଦ୍ଦିଷ୍ଟ ବ୍ୟକ୍ତି/ସଂସ୍ଥାର ବିବରଣୀ

୮. ନିର୍ଦ୍ଧାରିତ ହୋଇଥିବା ଆର୍ଥିକ, ଜୈବପ୍ରଯୁକ୍ତିଗତ, ବୈଜ୍ଞାନିକ ବା ଅନ୍ୟ ଯେକୌଣସି ସୁବିଧାବଳୀ କିମ୍ବା ସ୍ଥାନାନ୍ତରିତ ଗବେଷଣା ଫଳାଫଳର ବିପଣନ ହେତୁ ବ୍ୟକ୍ତି/ସଂସ୍ଥାର ବୃଦ୍ଧି ସାଧନ କରୁଥିବା ଲାଭ ବା ସୁବିଧାବଳୀର ବିବରଣୀ

୯. ନିର୍ଦ୍ଧାରିତ ହୋଇଥିବା ଆର୍ଥିକ, ଜୈବପ୍ରଯୁକ୍ତିଗତ, ବୈଜ୍ଞାନିକ ବା ଅନ୍ୟ ଯେକୌଣସି ସୁବିଧାବଳୀ କିମ୍ବା ଗବେଷଣାର ଫଳାଫଳ ସ୍ଥାନାନ୍ତର କରିବା ପାଇଁ ଅନୁମତି ଚାହୁଁଥିବା ଆବେଦକଙ୍କ ସମୃଦ୍ଧି ସାଧନ କରୁଥିବା ସୁବିଧାବଳୀର ବିବରଣୀ

୧୦. ପ୍ରସ୍ତାବିତ ଗ୍ରହୀତା ଏବଂ ଗବେଷଣାର ଫଳାଫଳ ସ୍ଥାନାନ୍ତର କରିବା ପାଇଁ ଅନୁମତି ଚାହୁଁଥିବା ଆବେଦକଙ୍କ ମଧ୍ୟରେ ହୋଇଥିବା କୌଣସି ଚୁକ୍ତିନାମା ବା ବୁଝାମଣାପତ୍ରର ବିବରଣୀ।

**ଘୋଷଣା**

ମୁଁ/ଆମ୍ଭେ ଘୋଷଣା କରୁଛୁ ଯେ, ଆବେଦନପତ୍ରରେ ଦିଆଯାଇଥିବା ତଥ୍ୟାବଳୀ ସତ୍ୟ ଓ ସଠିକ୍ ଏବଂ ମୁଁ/ଆମ୍ଭେ ଯେକୌଣସି ଅସତ୍ୟ/ତ୍ରୁଟିଯୁକ୍ତ ସୂଚନା ପାଇଁ ଦାୟୀ ରହିବୁ।

ସ୍ୱାକ୍ଷର

ନାମ

ପଦବୀ

ସ୍ଥାନ

ତାରିଖ

# ଫର୍ମ-୩

(ନିୟମ ୧୮ ଦେଖନ୍ତୁ)

ବୌଦ୍ଧିକ ସଂପତ୍ତି ଅଧିକାର ଲାଭ କରିବା ସକାଶେ ଜାତୀୟ ଜୈବ-ବିବିଧତା କର୍ତ୍ତୃପକ୍ଷଙ୍କଠାରୁ ଆଗୁଆ ଅନୁମୋଦନ ଲାଭ କରିବା ପାଇଁ ଆବେଦନପତ୍ର:

୧. ଆବେଦକଙ୍କ ସଂପୂର୍ଣ୍ଣ ବିବରଣୀ

   i. ନାମ:

   ii. ଠିକଣା:

   iii. ବୃତ୍ତିଗତ ବିବରଣୀ:

   iv. ଅନୁଷ୍ଠାନଗତ ସଂପର୍କ (ପ୍ରାମାଣିକତାର ଆବଶ୍ୟକୀୟ କାଗଜପତ୍ର ସଂଯୋଗ କରନ୍ତୁ):

୨. ଯେଉଁ ଉଦ୍ଭାବନ ଉପରେ IPR ହାସଲ କରିବା ଲାଗି ଆବେଦନ କରାଯାଏ ତାହାର ବିବରଣୀ

୩. ଉଦ୍ଭାବନରେ ବ୍ୟବହୃତ ଜୈବ ସଂପଦରାଜି ଏବଂ/ବା ଆନୁଷଙ୍ଗିକ ଜ୍ଞାନକୌଶଳର ବିବରଣୀ

୪. ଉଦ୍ଭାବନରେ ବ୍ୟବହୃତ ଜୈବ-ସଂପଦରାଜି ସଂଗ୍ରହ କରାଯାଇଥିବା ସ୍ଥାନର ଭୌଗୋଳିକ ଅବସ୍ଥିତି

୫. ଉଦ୍ଭାବନରେ ବ୍ୟବହୃତ ଯେକୌଣସି ପାରମ୍ପରିକ ଜ୍ଞାନକୌଶଳ ତଥା ପାରମ୍ପରିକ ଜ୍ଞାନକୌଶଳ ସଂପନ୍ନ ଯେକୌଣସି ଚିହ୍ନଟୀକୃତ ବ୍ୟକ୍ତି/ଗୋଷ୍ଠୀର ବିବରଣୀ

୬. ଗବେଷଣା ଓ ବିକାଶ କାର୍ଯ୍ୟ ସଂପନ୍ନ କରାଯାଇଥିବା ଅନୁଷ୍ଠାନର ବିବରଣୀ

୭. ନିର୍ଦ୍ଧାରିତ ହୋଇଥିବା ଆର୍ଥିକ, ଜୈବପ୍ରଯୁକ୍ତିଗତ, ବୈଜ୍ଞାନିକ ବା ଅନ୍ୟ ଯେକୌଣସି ସୁବିଧାବଳୀ କିମ୍ବା ଉଦ୍ଭାବନର ବିପଣନ ହେତୁ ଆବେଦକଙ୍କ ସମୃଦ୍ଧି ସାଧନ କରୁଥିବା ଲାଭ ବା ସୁବିଧାବଳୀର ବିବରଣୀ

## ଘୋଷଣା

ମୁଁ/ଆମ୍ଭେ ଘୋଷଣା କରୁଛୁ ଯେ, ଆବେଦନପତ୍ରରେ ଦିଆଯାଇଥିବା ତଥ୍ୟାବଳୀ ସତ୍ୟ ଓ ସଠିକ୍ ଏବଂ ମୁଁ/ଆମ୍ଭେ ଯେକୌଣସି ଅସତ୍ୟ/ତ୍ରୁଟିଯୁକ୍ତ ସୂଚନା ପାଇଁ ଦାୟୀ ରହିବୁ।

ସ୍ୱାକ୍ଷର

ନାମ

ପଦବୀ

ସ୍ଥାନ

ତାରିଖ

# ଫର୍ମ-୪

(ନିୟମ ୧୯ ଦେଖନ୍ତୁ)

ପ୍ରବେଶାଧିକାରପ୍ରାପ୍ତ ଜୈବ ସଂପଦ ଓ ଆନୁଷଙ୍ଗିକ ପାରମ୍ପରିକ ଜ୍ଞାନକୌଶଳର ତୃତୀୟ ପକ୍ଷ ସ୍ଥାନାନ୍ତର ସକାଶେ ଜାତୀୟ ଜୈବ ବିବିଧତା କର୍ତ୍ତୃପକ୍ଷଙ୍କ ଅନୁମୋଦନ ଲାଭ କରିବା ପାଇଁ ଆବେଦନପତ୍ର

୧. ଆବେଦକଙ୍କ ସଂପୂର୍ଣ୍ଣ ବିବରଣୀ

- i. ନାମ:
- ii. ଠିକଣା:
- iii. ବୃତ୍ତିଗତ ବିବରଣୀ:
- iv. ଅନୁଷ୍ଠାନଗତ ସଂପର୍କ (ପ୍ରାମାଣିକତାର ଆବଶ୍ୟକୀୟ କାଗଜପତ୍ର ସଂଯୋଗ କରନ୍ତୁ):

୨. ପ୍ରବେଶାଧିକାରପ୍ରାପ୍ତ ଜୈବ ସାମଗ୍ରୀ ଓ ପାରମ୍ପରିକ ଜ୍ଞାନକୌଶଳର ବିବରଣୀ

୩. ପ୍ରବେଶାଧିକାର ଚୁକ୍ତିନାମାର ବିବରଣୀ (ନକଲ ସଂଯୋଗ କରିବା ଆବଶ୍ୟକ)

୪. ସୁବିଧାବଳୀ ଏବଂ କାର୍ଯ୍ୟକାରୀ ହୋଇସାରିଥିବା ସୁବିଧା ସହଭାଗ ନିମନ୍ତେ ପଦ୍ଧତି/ଆୟୋଜନର ବିବରଣୀ

୫. ପ୍ରବେଶାଧିକାରପ୍ରାପ୍ତ ଭୌତିକ ଜ୍ଞାନକୌଶଳ ସ୍ଥାନାନ୍ତର ନିମନ୍ତେ ସ୍ଥିରୀକୃତ ତୃତୀୟ ପକ୍ଷଙ୍କ ସଂପୂର୍ଣ୍ଣ ବିବରଣୀ

୬. ସ୍ଥିରୀକୃତ ତୃତୀୟ ପକ୍ଷ ସ୍ଥାନାନ୍ତରଣର ଉଦ୍ଦେଶ୍ୟ

୭. ନିର୍ଦ୍ଧାରିତ ହୋଇଥିବା ଆର୍ଥିକ, ସାମାଜିକ, ଜୈବପ୍ରଯୁକ୍ତିଗତ, ବୈଜ୍ଞାନିକ ବା ଅନ୍ୟ ଯେକୌଣସି ସୁବିଧାବଳୀ କିମ୍ବା ପ୍ରବେଶାଧିକାରପ୍ରାପ୍ତ ଜୈବିକ ପଦାର୍ଥ ଓ ଜ୍ଞାନକୌଶଳର ହସ୍ତାନ୍ତର ଫଳରେ ତୃତୀୟ ପକ୍ଷଙ୍କ ସମୃଦ୍ଧି ସାଧନ କରୁଥିବା ଲାଭ ବା ସୁବିଧାବଳୀର ବିବରଣୀ

୮. ଆବେଦକ ଓ ତୃତୀୟ ପକ୍ଷଙ୍କ ମଧ୍ୟରେ ସ୍ୱାକ୍ଷରିତ ହେବାକୁ ଥିବା କୌଣସି ଚୁକ୍ତିନାମାର ବିବରଣୀ

୯. ପ୍ରବେଶାଧିକାରପ୍ରାପ୍ତ ଜୈବ ସଂପଦରାଜି ଏବଂ ପାରମ୍ପରିକ ଜ୍ଞାନକୌଶଳର ତୃତୀୟ ପକ୍ଷ ସ୍ଥାନାନ୍ତର ଫଳରେ ଭାରତ/ଗୋଷ୍ଠୀସମୂହକୁ ଯେଉଁ ସୁବିଧାସବୁ ମିଳିବ ତାହାର ଆକଳନ

୧୦. ପ୍ରସ୍ତାବିତ ତୃତୀୟ ପକ୍ଷ ସ୍ଥାନାନ୍ତରଣ ଫଳରେ ସୃଷ୍ଟି ହେଉଥିବା ସୁବିଧାବଳୀର ସହଭାଗ ନିମନ୍ତେ ପ୍ରସ୍ତାବିତ ପଦ୍ଧତି ଓ ଆୟୋଜନ

୧୧. ଅନ୍ୟ କୌଣସି ଆବଶ୍ୟକୀୟ ତଥ୍ୟ/ସୂଚନା

**ଘୋଷଣା**

ମୁଁ/ଆମ୍ଭେ ଘୋଷଣା କରୁଛୁ ଯେ, ଆବେଦନପତ୍ରରେ ଦିଆଯାଇଥିବା ତଥ୍ୟାବଳୀ ସତ୍ୟ ଓ ସଠିକ୍ ଏବଂ ମୁଁ/ଆମ୍ଭେ ଯେକୌଣସି ଅସତ୍ୟ/ତ୍ରୁଟିଯୁକ୍ତ ସୂଚନା ପାଇଁ ଦାୟୀ ରହିବୁ।

ସ୍ୱାକ୍ଷର

ନାମ

ପଦବୀ

ସ୍ଥାନ

ତାରିଖ

# ଫର୍ମ-୫

(ନିୟମ ୨୩ (୧) ଦେଖନ୍ତୁ)

**ଆବେଦନ ପାଇଁ ସ୍ମାରକପତ୍ର ଫର୍ମ**

**——————————— ପରିବେଶ ଓ ଜଙ୍ଗଲ ମନ୍ତ୍ରାଳୟ, ନୂଆଦିଲ୍ଲୀ**

ଅଥବା

**ଜାତୀୟ ଜୈବ ବିବିଧତା କର୍ତ୍ତୃପକ୍ଷଙ୍କ ସମୀପରେ**

(ଯିଏ ବି ହୁଅନ୍ତୁ)

(ଜୈବ ବିବିଧତା ଅଧିନିୟମ-୨୦୦୨ର ଧାରା ୫୦ ଅନ୍ତର୍ଗତ ଆବେଦନ ସ୍ମାରକପତ୍ର)

**୨୦୦ର ଆବେଦନ ସଂ. ———————————**

——————————————————

—————————————————— ଆବେଦନକାରୀ(ବୃନ୍ଦ)

ବନାମ

——————————————————

——————————————————

ଉତ୍ତରପକ୍ଷ(ବୃନ୍ଦ)

(ଏଠାରେ କର୍ତ୍ତୃପକ୍ଷ ବା ବୋର୍ଡ଼ ଯେ ବି ହୁଅନ୍ତୁ ତାଙ୍କର ପଦବୀ ଉଲ୍ଲେଖ କରନ୍ତୁ)

ନିମ୍ନଲିଖିତ ଘଟଣାବଳୀ ଓ କାରଣକୁ ଭିତ୍ତି କରି ଉତ୍ତରପକ୍ଷଙ୍କ ଦ୍ୱାରା ତା————————ରିଖରେ ଜାରି ହୋଇଥିବା ଆଦେଶ ଅନୁଯାୟୀ ଆବେଦନକାରୀ ଉକ୍ତ ଆବେଦନ ସ୍ମାରକପତ୍ର ଦାଖଲ କରି ବିଚାର ପାଇଁ ପ୍ରାର୍ଥନା କରନ୍ତି।

୧. ଘଟଣାବଳୀ:
(ଏଠାରେ ମାମଲାର ଘଟଣାବଳୀ ସଂକ୍ଷେପରେ ଉଲ୍ଲେଖ କରନ୍ତୁ):

୨. କାରଣ:
*(ଏଠାରେ ଯେଉଁସବୁ କାରଣକୁ ଆଧାର କରି ଆବେଦନ କରାଯାଉଛି ସେହି କାରଣଗୁଡ଼ିକ ଉଲ୍ଲେଖ କରନ୍ତୁ):*
i.
ii.
iii.

୩. ଚାହୁଁଥିବା ସାହାଯ୍ୟ:
i.
ii.
iii.

୪.  ପ୍ରାର୍ଥନା :

କ)  ଉପରଲିଖିତ ପ୍ରସଙ୍ଗକୁ ଆଧାରକରି ଆବେଦନକାରୀ ମାନ୍ୟତା ସହକାରେ ପ୍ରାର୍ଥନା କରେ କି, ଉତ୍ତରପକ୍ଷଙ୍କ ଏହି ଆଦେଶ/ନିଷ୍ପତ୍ତିକୁ ଖାରଜ/ପ୍ରତ୍ୟାହୃତ କରାଯାଉ।

ଖ)  ଉତ୍ତରପକ୍ଷଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ନୀତି/ନିର୍ଦ୍ଦେଶାବଳୀ/ନିୟମାବଳୀ ———— ———————— ପରିମାଣରେ ପ୍ରତ୍ୟାହୃତ/ ପରିବର୍ତ୍ତନ/ବାତିଲ୍ କରାଯାଉ।

ଗ) ——————————————————————————

ସ୍ଥାନ: ————————          ମୋହର ସହିତ ଆବେଦନକାରୀଙ୍କ ସ୍ୱାକ୍ଷର

ତାରିଖ: ————————

ଠିକଣା:

**ଯାଞ୍ଚ୍**

ମୁଁ, ସଂପୃକ୍ତ ଆବେଦନକାରୀ ଏତଦ୍ୱାରା ଘୋଷଣା କରେ କି, ଉପର ବର୍ଣ୍ଣିତ ବିଷୟ ମୋର ସର୍ବୋତ୍ତମ ଜ୍ଞାନ ଓ ବିଶ୍ୱାସ ଅନୁସାରେ ସତ୍ୟ ଅଟେ।

——————————ର ତା ———————— ଦିନ ଯାଞ୍ଚ୍ କରାଗଲା।

ମୋହର ସହିତ ଆବେଦନକାରୀଙ୍କ ସ୍ୱାକ୍ଷର

ଠିକଣା:

ଆବେଦନକାରୀଙ୍କ ପ୍ରାଧିକୃତ ପ୍ରତିନିଧିଙ୍କ ସ୍ୱାକ୍ଷର

# ଫର୍ମ-୬

(ନିୟମ ୨୩ (୬) ଦେଖନ୍ତୁ)

**———————— ପରିବେଶ ଓ ଜଙ୍ଗଲ ମନ୍ତ୍ରାଳୟ, ନୂଆଦିଲ୍ଲୀ**

ଅଥବା

**ଜାତୀୟ ଜୈବ ବିବିଧତା କର୍ତ୍ତୃପକ୍ଷଙ୍କ ସମୀପରେ** (ଯିଏ ବି ହୁଅନ୍ତୁ)

**୨୦୦ର ଆବେଦନ ସଂ. ——————————**

————————————————————

———————————————————— ଆବେଦକ(ବୃନ୍ଦ)

ବନାମ

————————————————————

———————————————————— ଉତ୍ତରପକ୍ଷ(ମାନ)ଙ୍କ

ମଧ୍ୟରେ

**ବିଜ୍ଞପ୍ତି**

ଏତଦ୍ୱାରା ଜଣାଇଦିଆଯାଉଛି ଯେ, ଆଦେଶ/ନିର୍ଦ୍ଦେଶ/ନୀତି ନିଷ୍ପତ୍ତି (ବିବରଣୀ ଦିଅନ୍ତୁ) ବାବଦରେ ଆବେଦନକାରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଅପିଲ୍‌ର —————————— ତାରିଖରେ ——— ————————ଠାରେ ଶୁଣାଣି କରିବା ଲାଗି ସ୍ଥିର କରାଯାଇଛି ।

ଆପଣଙ୍କ ଅବଗତି ନିମନ୍ତେ ଅପିଲ୍ ସହିତ ଦାଖଲ କରାଯାଇଥିବା ଅପିଲ୍-ସ୍ମାରକପତ୍ର ଓ ଅନ୍ୟାନ୍ୟ ସଂଯୋଗପତ୍ରର ନକଲ ଏହାଦ୍ୱାରା ପଠାଗଲା ।

ସ୍ମରଣ ରଖିବାକୁ ଅନୁରୋଧ ଯେ, ଯଦି ଆପଣ ଅପିଲ୍‌ର ଉପରୋକ୍ତ ଶୁଣାଣି ତାରିଖ ବା ଅନ୍ୟ ପରବର୍ତ୍ତୀ ତାରିଖରେ ହାଜର ହେବାରେ ବିଫଳ ହୁଅନ୍ତି ତା'ହେଲେ ଆପଣଙ୍କୁ ବାଦ୍ ଦେଇ ଶେଷରେ ଅପିଲ୍‌ର ଏକତରଫା ଫଇସଲା କରାଯିବ ।

ନ୍ୟାୟାଳୟ କର୍ତ୍ତୃପକ୍ଷଙ୍କ ତରଫରୁ ପ୍ରାଧିକୃତ

ଅପିଲେଟ୍ ପ୍ରାଧିକାରୀ (ମୋହର)

ତାରିଖ: ——————-

ସ୍ଥାନ: ——————

## ଫର୍ମ-୭

(ନିୟମ ୨୪ (୧) ଦେଖନ୍ତୁ)

ରେଜିଷ୍ଟ୍ରି ଡାକ/ସ୍ୱୀକାରପତ୍ର ଦ୍ୱାରା

ପ୍ରେରକ :
ଶ୍ରୀଯୁକ୍ତ ————————————————————
————————————————————

ପ୍ରାପକ : ————————————————————
————————————————————

ବିଷୟ: **ଜୈବ ବିବିଧତା ଅଧିନିୟମ ୨୦୦୨ର ଧାରା ୬୧ (ଖ) ଅନ୍ତର୍ଗତ ଅଧିସୂଚନା**

ଜୈବ ବିବିଧତା ଅଧିନିୟମ-୨୦୦୨ କ୍ଷେତ୍ରରେ ———————————————— ଙ୍କ ଦ୍ୱାରା କୌଣସି ଅପରାଧ ଘଟାଇଥିବା କିମ୍ବା ଘଟାଉଥିବା ବିଷୟକୁ ଧ୍ୟାନରେ ରଖି

୨. ଜୈବ ବିବିଧତା ଅଧିନିୟମ-୨୦୦୨ର ବିଧିବ୍ୟବସ୍ଥା ଅବମାନନା ବାବଦକୁ ————————————————ବିପକ୍ଷରେ ମୁଁ/ଆମେ ଏହାଦ୍ୱାରା ଜୈବ ବିବିଧତା ଅଧିନିୟମ-୨୦୦୨ର ଧାରା-୬୧ (ଖ) ମୁତାବକ ଅଦାଲତରେ ଅଭିଯୋଗ ଦଖଲ କରିବା ଲାଗି ମୋର/ଆମର ଅଭିପ୍ରାୟ ନେଇ ୩୦ ଦିନର ନୋଟିସ୍ ପ୍ରଦାନ କରୁଛି/ଛୁ।

୩. ମୋର/ଆମର ବିଜ୍ଞପ୍ତି ସପକ୍ଷରେ ପ୍ରମାଣର ନମୁନା ସ୍ୱରୂପ ମୁଁ/ଆମେ ଏହାଦ୍ୱାରା ନିମ୍ନଲିଖିତ ଦଲିଲ୍‌ପତ୍ର ସଂଯୋଗ କରୁଛି/ଛୁ।

ସ୍ଥାନ: ——————

ତାରିଖ : —————— ସ୍ୱାକ୍ଷର

**ବ୍ୟାଖ୍ୟା**

୧. ଯଦି କୌଣସି ଏକ କମ୍ପାନି ନାମରେ ନୋଟିସ୍ ଦେବାର ଥାଏ ତା'ହେଲେ କମ୍ପାନି ତରଫରୁ ନୋଟିସ୍‌ରେ ସ୍ୱାକ୍ଷର କରିବା ପାଇଁ ପ୍ରାଧିକୃତ ବ୍ୟକ୍ତିଙ୍କର ଦଲିଲ୍‌ଗତ ପ୍ରମାଣ ନୋଟିସ୍ ସହିତ ସଂଯୋଗ କରିବାକୁ ହେବ।

୨. ଅଭିଯୁକ୍ତ ଅପରାଧୀର ନାମ ଓ ଠିକଣା ଦିଅନ୍ତୁ। କର୍ତ୍ତୃପକ୍ଷଙ୍କ ଅନୁମୋଦନ ବିନା ଯଦି ଜୈବ ସଂପଦ/ଜ୍ଞାନକୌଶଳ/ଜୈବ-ପରୀକ୍ଷଣ ଓ ଜୈବ ବ୍ୟବହାର/ବୌଦ୍ଧିକ ସଂପତ୍ତି ଅଧିକାର/ପେଟେଣ୍ଟର ଉପଯୋଗ କରାଯାଉଥାଏ ତା'ହେଲେ ତାହାର ଏବଂ କୌଣସି ବ୍ୟାବସାୟିକ ବ୍ୟବହାର ଯଦି ହେଉଥାଏ ତାହାର ସଂପୂର୍ଣ୍ଣ ବିବରଣୀ ଦାଖଲ କରାଯିବ।

୩. ଅଭିଯୁକ୍ତ ଅବମାନନା/ଅପରାଧର ଅନୁସନ୍ଧାନ କାର୍ଯ୍ୟକୁ ସୁଗମ କରିବା ପାଇଁ ଦଲିଲ୍‌ଗତ ପ୍ରମାଣସ୍ୱରୂପ ଫଟୋଗ୍ରାଫ୍, ବୈଷୟିକ ବିବରଣୀ ପ୍ରଭୃତିକୁ ସଂଯୁକ୍ତ କରାଯିବ।

**ଦେଶ୍ ଦୀପକ୍ ବର୍ମା**
ଯୁଗ୍ମ ଶାସନ ସଚିବ

(ସଂଖ୍ୟା ଜେ-୨୨୦୧୮/୫୭/୨୦୦୨-ସିଏସ୍‌ସି(ବିସି)

# ଓଡ଼ିଶା ଜୈବ ବିବିଧତା
# ନିୟମାବଳୀ, ୨୦୧୨

## ଓଡ଼ିଶା ସରକାର
## ଜଙ୍ଗଲ ଓ ପରିବେଶ ବିଭାଗ

**ସଂଖ୍ୟା-୧୦ଏଫ୍ (ଟିଆର)-୫୨/୨୦୧୨ ୨୨୪୬୧/ଏଫ୍ ଏବଂ ଇ, ତା.୦୩.୧୨.୧୨**

# ଅଧିସୂଚନା

ଜୈବ ବିବିଧତା ଅଧିନିୟମ, ୨୦୦୨ (୨୦୦୩ର ସଂଖ୍ୟା ୧୮)ର ଧାରା ୬୩ର ଉପଧାରା (୧) ଏବଂ (୨)ରେ ଦିଆଯାଇଥିବା କ୍ଷମତାର ପ୍ରୟୋଗ ନିମନ୍ତେ ରାଜ୍ୟ ସରକାର, ନିମ୍ନରେ ଦିଆଯାଇଥିବା ନିୟମାବଳୀ ପ୍ରସ୍ତୁତ କରିଛନ୍ତି। ସେଗୁଡ଼ିକ ହେଲା:

**୧. ସଂକ୍ଷିପ୍ତ ଶୀର୍ଷକ ଏବଂ ପ୍ରାରମ୍ଭ:**

(୧) ଏହି ନିୟମାବଳୀକୁ 'ଓଡ଼ିଶା ଜୈବ ବିବିଧତା ନିୟମାବଳୀ, ୨୦୧୨'ବୋଲି କୁହାଯାଇପାରେ।

(୨) ରାଜ୍ୟର ସରକାରୀ ଗେଜେଟ୍‌ରେ ପ୍ରକାଶିତ ହେବା ତାରିଖଠାରୁ ଏହା ବଳବତ୍ତର ହେବ।

**୨. ସଂଜ୍ଞା:**

(୧) ପ୍ରସଙ୍ଗ ଅନ୍ୟଥା ଆବଶ୍ୟକ କରୁନଥିଲେ, ଏହି ନିୟମାବଳୀରେ –

(କ) 'ଅଧିନିୟମ' ଅର୍ଥାତ୍ ଜୈବ ବିବିଧତା ଅଧିନିୟମ, ୨୦୦୨ (୨୦୦୩ର ସଂଖ୍ୟା ୧୮)।

(ଖ) 'ପ୍ରାଧିକରଣ' ଅର୍ଥାତ୍ ଅଧିନିୟମର ଧାରା ୮ର ଉପଧାରା (୧) ଅଧୀନରେ ପ୍ରତିଷ୍ଠିତ ଜାତୀୟ ଜୈବ ବିବିଧତା ପ୍ରାଧିକରଣ।

(ଗ) 'ବୋର୍ଡ' ଅର୍ଥାତ୍ ଅଧିନିୟମର ଧାରା ୨୨ ଅନୁସାରେ ପ୍ରତିଷ୍ଠିତ ଓଡ଼ିଶା ଜୈବ ବିବିଧତା ବୋର୍ଡ।

(ଘ) 'କମିଟି' ଅର୍ଥାତ୍ ଏହି ଅଧିନିୟମର ଧାରା ୪୧ର ଉପଧାରା (୧) ଅନୁସାରେ ସ୍ଥାନୀୟ ଜନଗୋଷ୍ଠୀଙ୍କ ଦ୍ୱାରା ଗଠିତ ଜୈବ ବିବିଧତା ପରିଚାଳନା କମିଟି।

(ଙ) 'ଅଧ୍ୟକ୍ଷ' ଅର୍ଥାତ୍ ଓଡ଼ିଶା ରାଜ୍ୟ ଜୈବ ବିବିଧତା ବୋର୍ଡର ଅଧ୍ୟକ୍ଷ।

(ଚ) 'ଫି' ଅର୍ଥାତ୍ ଏହି ନିୟମାବଳୀରେ ବିହିତ କୌଣସି ଫିସ୍।

(ଛ) 'ଫର୍ମ' କହିଲେ ଏହି ନିୟମାବଳୀରେ ସଂଲଗ୍ନ ହୋଇଥିବା ଫର୍ମ।

(ଜ) 'ସଦସ୍ୟ' ଅର୍ଥାତ୍ ଜାତୀୟ ଜୈବ ବିବିଧତା ପ୍ରାଧିକରଣ କିମ୍ବା ଓଡ଼ିଶା ଜୈବ ବିବିଧତା ବୋର୍ଡର ସଦସ୍ୟ ଏବଂ ସ୍ଥଳବିଶେଷରେ ଅଧ୍ୟକ୍ଷଙ୍କୁ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ କରାଯାଇପାରେ।

(ଝ) 'ସଦସ୍ୟ ସଂପାଦକ' ଅର୍ଥାତ୍ ବୋର୍ଡର ସଦସ୍ୟ ସମ୍ପାଦକ।

(ଞ) 'ଧାରା' ଅର୍ଥାତ୍ ଅଧିନିୟମର ଧାରା।

(ଟ) 'ରାଜ୍ୟ ସରକାର' ଅର୍ଥାତ୍ ଓଡ଼ିଶା ସରକାର।

(୧) 'ବର୍ଷ' ଅର୍ଥାତ୍ ଅପ୍ରିଲ୍ ମାସ ପ୍ରଥମ ଦିନ ଆରମ୍ଭ ହେଉଥିବା ଆର୍ଥିକ ବର୍ଷ।

(୨) ଶବ୍ଦଗୁଡ଼ିକ ଏବଂ ବାକ୍ୟଗୁଡ଼ିକ ଯାହା ନିୟମାବଳୀରେ ବ୍ୟବହାର କରାଯାଇଛି କିନ୍ତୁ ବ୍ୟାଖ୍ୟା କରାଯାଇନାହିଁ ଏବଂ ଅଧିନିୟମରେ ବ୍ୟାଖ୍ୟା କରାଯାଇଛି, ସେଗୁଡ଼ିକର ଅଧିନିୟମରେ ଯେଉଁ ଅର୍ଥ ରହିଛି ସେଗୁଡ଼ିକର ଯଥାକ୍ରମେ ସେହି ଏକା ଅର୍ଥ ହେବ।

**୩. ଅଧ୍ୟକ୍ଷଙ୍କର ମନୋନୟନ ଏବଂ ନିଯୁକ୍ତି ସଂପର୍କିତ ରୀତି/ନିୟମ :**

(୧) ସରକାରଙ୍କର ଜଙ୍ଗଲ ଓ ପରିବେଶ ବିଭାଗର ଶାସନ ସଚିବ କିମ୍ବା ଜୈବ ବିବିଧତାର ସଂରକ୍ଷଣ ଏବଂ ଧାରାବାହିକ ବ୍ୟବହାର ଏବଂ ସୁବିଧାଗୁଡ଼ିକର ସମବଣ୍ଟନ ସଂପର୍କରେ ଯଥେଷ୍ଟ ଜ୍ଞାନ ଏବଂ ଅଭିଜ୍ଞତା ଥିବା ଜଣେ ବିଶିଷ୍ଟ ବ୍ୟକ୍ତି କିମ୍ବା ରାଜ୍ୟ ସରକାରଙ୍କ ମତରେ ଏହି ପଦବୀ ନିମନ୍ତେ ଉପଯୁକ୍ତ ଜଣେ ବ୍ୟକ୍ତି ବୋର୍ଡର ଅଧ୍ୟକ୍ଷ ହେବେ। କିନ୍ତୁ ଯେତେବେଳେ ବୋର୍ଡର ଅଧ୍ୟକ୍ଷ ଦାୟିତ୍ୱ ସରକାରଙ୍କର ଜଙ୍ଗଲ ଓ ପରିବେଶ ବିଭାଗର ଶାସନ ସଚିବଙ୍କ ଉପରେ ନ୍ୟସ୍ତ କରାଯିବ ସେ ଏହାକୁ ସଂପୂର୍ଣ୍ଣ ରୂପେ ଅତିରିକ୍ତ ଦାୟିତ୍ୱ ଭାବରେ ଗ୍ରହଣ କରିବେ ଏବଂ ବୋର୍ଡର ଅଧ୍ୟକ୍ଷ ହିସାବରେ ସ୍ୱାଧୀନ ଭାବରେ ତାଙ୍କ କ୍ଷମତାର ପ୍ରୟୋଗ କରିବେ।

(୨) ରାଜ୍ୟ ସରକାରଙ୍କ ଦ୍ୱାରା ବୋର୍ଡର ଅଧ୍ୟକ୍ଷ ନିଯୁକ୍ତି ପାଇବେ।

**୪. ଅଧ୍ୟକ୍ଷଙ୍କର କାର୍ଯ୍ୟକାଳ :**

(୧) ବୋର୍ଡର ଅଧ୍ୟକ୍ଷ ତିନିବର୍ଷରୁ ଊର୍ଦ୍ଧ୍ୱ ସମୟ ପର୍ଯ୍ୟନ୍ତ ପଦବୀରେ ରହିପାରିବେ ନାହିଁ ଏବଂ ପୁନର୍ନିଯୁକ୍ତି ନିମନ୍ତେ ଯୋଗ୍ୟ ବିବେଚିତ ହେବେ; କିନ୍ତୁ ୬୫ବର୍ଷ ପରେ କୌଣସି ବ୍ୟକ୍ତି ଅଧ୍ୟକ୍ଷ ପଦବୀରେ ରହିପାରିବେ ନାହିଁ।

(୨) ରାଜ୍ୟ ସରକାରଙ୍କୁ ମାସିକିଆ ଲିଖିତ ସୂଚନା ଦେଇ ଅଧ୍ୟକ୍ଷ ତାଙ୍କ ପଦବୀରୁ ଇସ୍ତଫା ଦେଇପାରିବେ।

(୩) ଅଧ୍ୟକ୍ଷ, ରାଜ୍ୟ ସରକାରଙ୍କ ଦ୍ୱାରା ସମୟକୁ ସମୟ ସ୍ଥିର କରାଯାଇଥିବାମତେ ଦରମା ଓ ଭତ୍ତା ପାଇପାରିବେ।

(୪) ଅଧିନିୟମର ଧାରା ୧୧ରେ ଥିବା ନିର୍ଦ୍ଦିଷ୍ଟ କାରଣ ନିମନ୍ତେ ଅଧ୍ୟକ୍ଷଙ୍କୁ ଯେକୌଣସି ସମୟରେ ବୋର୍ଡରୁ ବହିଷ୍କାର କରାଯାଇପାରେ; କିନ୍ତୁ ରାଜ୍ୟ ସରକାରଙ୍କର ପୂର୍ବ ଅନୁମୋଦନ ବିନା ଏପରି କୌଣସି ଆଦେଶ ଦିଆଯାଇପାରିବ ନାହିଁ।

**୫. ବେସରକାରୀ ସଦସ୍ୟମାନଙ୍କର ମନୋନୟନ / ଚୟନ ପ୍ରକ୍ରିୟା, କାର୍ଯ୍ୟକାଳ ଏବଂ ଭତ୍ତା :**

(୧) ବୋର୍ଡର ବେସରକାରୀ ସଦସ୍ୟମାନଙ୍କର ନିଯୁକ୍ତି ସମୟସୀମା ମନୋନୟନ ଦିନଠାରୁ ଏକକାଳୀନ ୩ବର୍ଷରୁ ଊର୍ଦ୍ଧ୍ୱ ହେବନାହିଁ। ଜୈବ ବିବିଧତା ସଂରକ୍ଷଣ, ପ୍ରାକୃତିକ ସଂପଦର ଧାରାବାହିକ ବ୍ୟବହାର, ଜୈବିକ ସଂପଦରୁ ମିଳୁଥିବା ସୁବିଧାଗୁଡ଼ିକର ସ୍ଥାନୀୟ ଅଧିବାସୀଙ୍କ ମଧ୍ୟରେ ବଣ୍ଟନ କ୍ଷେତ୍ରରେ ସେମାନଙ୍କର ଅଭିଜ୍ଞତା ସାମାଜିକ / ନୃତାତ୍ତ୍ୱିକ ଜ୍ଞାନ, ଅନ୍ୟାନ୍ୟ ସଂପୃକ୍ତ କ୍ଷେତ୍ରରେ ଜ୍ଞାନ / ଅଭିଜ୍ଞତାକୁ ଭିତ୍ତି କରି ସେମାନେ ମନୋନୀତ / ନିର୍ବାଚିତ ହେବେ।

(୨) ବେସରକାରୀ ସଦସ୍ୟମାନେ ବୋର୍ଡର ବୈଠକଗୁଡ଼ିକରେ ଯୋଗଦେବା ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ଭତ୍ତା ପାଇପାରିବେ।

(୩) ବୋର୍ଡର ଜଣେ ବେସରକାରୀ ସଦସ୍ୟ ଯେକୌଣସି ସମୟରେ ରାଜ୍ୟ ସରକାରଙ୍କ ନିକଟକୁ ତାଙ୍କର ସ୍ୱାକ୍ଷରିତ ପତ୍ର ପଠାଇ ତାଙ୍କ ପଦବୀରୁ ଇସ୍ତଫା ପ୍ରଦାନ କରିପାରିବେ ଏବଂ ବୋର୍ଡରେ ସେହି ସଦସ୍ୟଙ୍କର ସ୍ଥାନ ଖାଲି ପଡ଼ିବ।

(୪) ବୋର୍ଡର ସାମୟିକ ଶୂନ୍ୟସ୍ଥାନ ନୂତନ ମନୋନୟନ ଦ୍ୱାରା ପୂରଣ କରାଯିବ ଏବଂ ଶୂନ୍ୟସ୍ଥାନ ପୂରଣ ନିମନ୍ତେ ଯେଉଁ ବ୍ୟକ୍ତି ମନୋନୀତ ହେବେ ସେ ଯାହାଙ୍କ ସ୍ଥାନରେ ମନୋନୀତ ହୋଇଛନ୍ତି ତାଙ୍କର ବାକି ଥିବା ସମୟସୀମା ପର୍ଯ୍ୟନ୍ତ ସେହି ପଦବୀରେ ରହିବେ।

**୬. ପଦ-ପ୍ରଯୁକ୍ତ ସଦସ୍ୟମାନଙ୍କର ନିଯୁକ୍ତି :**

ଜଙ୍ଗଲ, ପରିବେଶ, କୃଷି ମତ୍ସ୍ୟ, ପଶୁ ସଂପଦ ଉନ୍ନୟନ, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ, ସହରାଞ୍ଚଳ ଉନ୍ନୟନ ଏବଂ ପଞ୍ଚାୟତିରାଜ ବିଭାଗଗୁଡ଼ିକରେ ଉକ୍ତ ବିଷୟରେ କାର୍ଯ୍ୟରତ ବିଭାଗୀୟ ଅଧିକାରୀଙ୍କ ମଧ୍ୟରୁ ରାଜ୍ୟ ସରକାର, ବୋର୍ଡରେ କିଛି ପଦ-ପ୍ରଯୁକ୍ତ ସଦସ୍ୟଙ୍କୁ ନିଯୁକ୍ତି ଦେଇପାରିବେ ଯେଉଁମାନଙ୍କର ସଂଖ୍ୟା ପାଞ୍ଚଜଣରୁ ଅଧିକ ହେବ ନାହିଁ।

**୭. ସଭ୍ୟମାନଙ୍କର ଅପସାରଣ:**

ରାଜ୍ୟ ସରକାର, ଓଡ଼ିଶା ଜୈବ ବିବିଧତା ବୋର୍ଡରୁ ନିମ୍ନୋକ୍ତ ଯେକୌଣସି ସଦସ୍ୟଙ୍କୁ ଅପସାରଣ କରିପାରନ୍ତି, ଯଦି ସେ ସରକାରଙ୍କ ବିଚାରରେ:

୧. ଦେବାଳିଆ ଘୋଷିତ ହୋଇଛନ୍ତି, କିମ୍ବା

୨. ନୈତିକ ଭ୍ରଷ୍ଟାଚାର ଅପରାଧରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି, କିମ୍ବା

୩. ଶାରୀରିକ କିମ୍ବା ମାନସିକ ଦୃଷ୍ଟିରୁ ଜଣେ ସଦସ୍ୟ ଭାବେ କାର୍ଯ୍ୟ କରିବାରେ ସକ୍ଷମ ନୁହଁନ୍ତି, କିମ୍ବା

୪. ନିଜ ପଦବୀରେ ରହିବା ନିମନ୍ତେ କ୍ଷମତାର ଅପବ୍ୟବହାର କରିଛନ୍ତି ଯାହା ଜନସାଧାରଣଙ୍କ ହିତ ଦୃଷ୍ଟିରୁ ହାନିକାରକ ଅଟେ, କିମ୍ବା

୫. ଆର୍ଥିକ କିମ୍ବା ଅନ୍ୟପ୍ରକାର ସୁବିଧା ନେଇଛନ୍ତି ଯାହା ଜଣେ ସଦସ୍ୟ ହିସାବରେ କାର୍ଯ୍ୟ କରିବାରେ ପ୍ରତିକୂଳ ପ୍ରଭାବ ପକାଇଛି।

**୮. ବୋର୍ଡର ମୁଖ୍ୟ କାର୍ଯ୍ୟାଳୟ: ବୋର୍ଡର ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱରରେ ରହିବ।**

**୯. ବୋର୍ଡର ସଦସ୍ୟ ସଚିବ :**

(୧) ରାଜ୍ୟ ସରକାରଙ୍କ ଦ୍ୱାରା ବୋର୍ଡର ସଦସ୍ୟମାନଙ୍କ ମଧ୍ୟରୁ ବୋର୍ଡର ସଦସ୍ୟ ସଚିବ ନିଯୁକ୍ତି ପାଇବେ। ରାଜ୍ୟ ସରକାରଙ୍କ ଦ୍ୱାରା ତାଙ୍କ ନିଯୁକ୍ତିର ସର୍ତ୍ତାବଳୀ ସ୍ଥିର କରାଯିବ।

(୨) ସଦସ୍ୟ ସଚିବ ବୋର୍ଡର ଅଧ୍ୟକ୍ଷଙ୍କ ନିର୍ଦ୍ଦେଶ ଏବଂ ନିୟନ୍ତ୍ରଣ ଅନୁସାରେ ବୋର୍ଡର ଦୈନନ୍ଦିନ କାର୍ଯ୍ୟ, ଅର୍ଥ ପରିଚାଳନା ଏବଂ କାର୍ଯ୍ୟକ୍ରମର ବିଭିନ୍ନ କାର୍ଯ୍ୟର ରୂପାୟନ ନିମନ୍ତେ ଦାୟୀ ରହିବେ।

(୩) ବୋର୍ଡ ଦ୍ୱାରା ଜାରି ହେବାକୁ ଥିବା ସମସ୍ତ ଆଦେଶ ଏବଂ ନିର୍ଦ୍ଦେଶଗୁଡ଼ିକ ସଦସ୍ୟ ସଚିବ କିମ୍ବା ବୋର୍ଡ ଦ୍ୱାରା ଏହି ମର୍ମରେ ଅନ୍ୟ କ୍ଷମତାପ୍ରାପ୍ତ କୌଣସି ଅଧିକାରୀଙ୍କ ସ୍ୱାକ୍ଷରରେ କରାଯିବ।

(୪) ବୋର୍ଡର ସଦସ୍ୟ ସଚିବ ନିଜେ କିମ୍ବା ଏଥିପାଇଁ କ୍ଷମତାପ୍ରାପ୍ତ ଜଣେ ଅଫିସରଙ୍କ ମାଧ୍ୟମରେ ଅନୁମୋଦିତ ଆୟ-ବ୍ୟୟ ଅନୁସାରେ ସମସ୍ତ ଖର୍ଚ୍ଚକୁ ମଞ୍ଜୁରି ଦେବା ସହିତ ଯାହାର ଯାହା ପାଇବା କଥା ତାକୁ ଦେଇପାରିବେ।

(୫) ସଦସ୍ୟ ସଚିବ ବୋର୍ଡର ସମସ୍ତ ଗୋପନୀୟ କାଗଜପତ୍ର ଦାୟିତ୍ୱରେ ରହିବେ ଏବଂ ସେ ସେଗୁଡ଼ିକ ସୁରକ୍ଷିତ ହେପାଜତରେ ରହିବା ନିମନ୍ତେ ଦାୟୀ ରହିବେ। ବୋର୍ଡ୍/ ରାଜ୍ୟ ସରକାର ଯେତେବେଳେ ନିର୍ଦ୍ଦେଶ ଦେବେ ସେ ସେଗୁଡ଼ିକୁ ଦାଖଲ କରିବେ।

(୬) ସଦସ୍ୟ ସଂପାଦକ ବୋର୍ଡ୍ ଦ୍ୱାରା ବିଭିନ୍ନ ସମୟରେ ଦିଆଯାଇଥିବା ଅନ୍ୟାନ୍ୟ କ୍ଷମତାର ପ୍ରୟୋଗ କରିବେ ଏବଂ ଅନ୍ୟାନ୍ୟ କାର୍ଯ୍ୟ କରିବେ।

## ୧୦. ବୋର୍ଡର ବୈଠକ :

(୧) ବୋର୍ଡ୍‌ର ବୈଠକ ଅତିକମ୍‌ରେ ପ୍ରତି ତିନିମାସରେ ଥରେ ବସିବ ଏବଂ ଆବଶ୍ୟକତା ପଡ଼ିଲେ ବାରମ୍ବାର ବସିବ।

(୨) ଅଧ୍ୟକ୍ଷ ଅତିକମ୍‌ରେ ବୋର୍ଡର ପାଞ୍ଚଜଣ ସଦସ୍ୟଙ୍କର ଲିଖିତ ଅନୁରୋଧ କିମ୍ବା ରାଜ୍ୟ ସରକାରଙ୍କର ନିର୍ଦ୍ଦେଶରେ ବୋର୍ଡର ସ୍ୱତନ୍ତ୍ର ବୈଠକ ଡକାଇପାରିବେ।

(୩) ବୈଠକର ଉଦ୍ଦେଶ୍ୟ, ସମୟ ଏବଂ ବୈଠକ ନିମନ୍ତେ ନିର୍ଦ୍ଦିଷ୍ଟ ସ୍ଥାନ ସଂପର୍କରେ ଉଲ୍ଲେଖ କରି ସାଧାରଣ ବୈଠକ ନିମନ୍ତେ ୧୫ଦିନ ଆଗରୁ ଏବଂ ସ୍ୱତନ୍ତ୍ର ବୈଠକ ନିମନ୍ତେ ତିନିଦିନ ଆଗରୁ ସଭ୍ୟମାନଙ୍କୁ ସୂଚନା ଦିଆଯିବ।

(୪) ବୋର୍ଡ୍‌ର କୌଣସି ବୈଠକରେ, ଯଦି ଆବଶ୍ୟକ ହୁଏ, ଉପସ୍ଥିତ ସଦସ୍ୟମାନଙ୍କର ସରଳ ବହୁମତରେ କୌଣସି ନିଷ୍ପତ୍ତି ନିଆଯିବ।

(୫) ପ୍ରତ୍ୟେକ ସଦସ୍ୟଙ୍କର ଭୋଟ ସଂଖ୍ୟା ଏକ ରହିବ। ସମାନ ଫଳାଫଳ କ୍ଷେତ୍ରରେ ଅଧ୍ୟକ୍ଷ ନିର୍ଣ୍ଣାୟକ ଭୋଟ୍ ଦେବେ।

(୬) ବୋର୍ଡ୍‌ର ବୈଠକରେ ସଦସ୍ୟସଂଖ୍ୟା ପାଞ୍ଚ ଉପସ୍ଥିତ ରହିଲେ ବୈଠକର କୋରମ୍ ରହିବ।

(୭) ଏହା ସହିତ ବୋର୍ଡ୍ ଏହାର କାର୍ଯ୍ୟ କରିବା ନିମନ୍ତେ ତାଙ୍କ ବିଚାରରେ ଠିକ୍ ଓ ଉପଯୁକ୍ତ ମନେ ହେଉଥିବା ଅନ୍ୟାନ୍ୟ ପ୍ରକ୍ରିୟା ଅବଲମ୍ବନ କରିପାରନ୍ତି।

## ୧୧. ବୋର୍ଡ ଦ୍ୱାରା କମିଟିଗୁଡ଼ିକର ନିଯୁକ୍ତି ଏବଂ ସେମାନଙ୍କର ଅଧିକାର :

(୧) ବୋର୍ଡର ସଦସ୍ୟମାନଙ୍କୁ ଏବଂ/କିମ୍ବା ଅନ୍ୟାନ୍ୟ ବ୍ୟକ୍ତିବିଶେଷଙ୍କୁ ନେଇ ବୋର୍ଡ କୌଣସି ଉଦ୍ଦେଶ୍ୟରେ ତାଙ୍କ ବିଚାରରେ ଉପଯୁକ୍ତ ମନେହେଉଥିବା ଯେକୌଣସି ସଂଖ୍ୟକ କମିଟି ଗଠନ କରିପାରିବେ।

(୨) ବୋର୍ଡର ସଦସ୍ୟମାନଙ୍କ ବ୍ୟତୀତ ବିଶେଷଜ୍ଞ କମିଟିର ସଦସ୍ୟମାନଙ୍କୁ ବୈଠକରେ ଯୋଗଦାନ ନିମନ୍ତେ, ବୋର୍ଡ ସ୍ଥିର କରିଥିବା ଦର ଅନୁସାରେ ପାଉଣା ଓ ଭତ୍ତା ଦିଆଯିବ।

(୩) କୌଣସି ବ୍ୟକ୍ତିଙ୍କ ସହାୟତା କିମ୍ବା ପରାମର୍ଶ ବୋର୍ଡର କୌଣସି କାର୍ଯ୍ୟ କରିବାରେ ଏବଂ ଏହାର କୌଣସି ବୈଠକର ପର୍ଯ୍ୟାଲୋଚନାରେ ଅଂଶଗ୍ରହଣ କରିବା ନିମନ୍ତେ ଉପଯୋଗ ମନେହେଲେ ବୋର୍ଡ ଯେକୌଣସି ବ୍ୟକ୍ତିଙ୍କୁ ଆମନ୍ତ୍ରଣ କରିପାରିବେ। ଏହି ବ୍ୟକ୍ତି ବୋର୍ଡ ଦ୍ୱାରା ସମୟକୁ ସମୟ ନିର୍ଦ୍ଧାରିତ ଭତ୍ତା ପାଇବା ନିମନ୍ତେ ହକ୍‌ଦାର ହେବେ। ଏପରି ଆମନ୍ତ୍ରିତ ବ୍ୟକ୍ତିଙ୍କର ବୋର୍ଡର ବୈଠକରେ ଭୋଟ୍ ଦେବାର କ୍ଷମତା ରହିବ ନାହିଁ।

## ୧୨. ବୋର୍ଡର ସାଧାରଣ କାର୍ଯ୍ୟ:

ନିର୍ଦ୍ଦିଷ୍ଟ ଭାବରେ ଏବଂ ଅନ୍ୟାନ୍ୟ ସାଧାରଣ ବ୍ୟବସ୍ଥାଗୁଡ଼ିକ ପ୍ରତି କୌଣସି ପ୍ରତିକୂଳ ପ୍ରଭାବ ବିନା ବୋର୍ଡ ନିମ୍ନଲିଖିତ କାର୍ଯ୍ୟଗୁଡ଼ିକୁ କରିପାରନ୍ତି; ଯଥା-

୧. ଅଧିନିୟମର ଧାରା ୨୩ରେ ଦିଆଯାଇଥିବା କାର୍ଯ୍ୟଗୁଡ଼ିକୁ ପରିଚାଳନା କରିବା ନିମନ୍ତେ କାର୍ଯ୍ୟ ପ୍ରଣାଳୀ ଏବଂ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରିବା।

୨. ଜୈବ ବିବିଧତାର ସଂରକ୍ଷଣ, ଏହାର ବିଭିନ୍ନ ବିଭାଗର ଧାରାବାହିକ ବ୍ୟବହାର, ଜୈବିକ ସଂପଦ ଓ ଜ୍ଞାନର ଉପଯୋଗ ଦ୍ୱାରା ମିଳୁଥିବା ସୁବିଧାଗୁଡ଼ିକର ଉଚିତ ଏବଂ ସମବଣ୍ଟନ ସଂପର୍କିତ କୌଣସି ବିଷୟରେ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେବା।

୩. ରାଜ୍ୟ ସରକାରଙ୍କର ବିଭିନ୍ନ ବିଭାଗଗୁଡ଼ିକୁ ବୈଷୟିକ ସହାୟତା ଏବଂ ମାର୍ଗଦର୍ଶନ ଦେବା।

୪. ଭାରତୀୟମାନଙ୍କ ଦ୍ୱାରା କୌଣସି ଜୈବିକ ସଂପଦର ବ୍ୟାବସାୟିକ ଉପଯୋଗ, ଜୈବ ସର୍ବେକ୍ଷଣ ଏବଂ ଜୈବ ଉପଯୋଗ ନିମନ୍ତେ ଅନୁରୋଧଗୁଡ଼ିକୁ ଅନୁମୋଦନ ଦେବା ବା ଅନ୍ୟପ୍ରକାରେ ନିୟନ୍ତ୍ରଣ କରିବା।

୫. ରାଜ୍ୟ ଜୈବ ବିବିଧତା କୌଶଳ ଏବଂ କାର୍ଯ୍ୟ ଯୋଜନାକୁ ରୂପାୟନ କରିବା ଏବଂ ତାକୁ ଅଦ୍ୟତନ କରିବାରେ ସହାୟତା କରିବା।

୬. ଅଧ୍ୟୟନ ନିମନ୍ତେ ନିଯୁକ୍ତି ଦେବା ଏବଂ ଅନୁସନ୍ଧାନ ଓ ଗବେଷଣାର ପୃଷ୍ଠପୋଷକତା କରିବା।

୭. ଫଳପ୍ରଦ ଭାବରେ ନିଜର କାର୍ଯ୍ୟ ସଂପାଦନ କରିବା ଦିଗରେ ବୋର୍ଡ୍‌କୁ ବୈଷୟିକ ସହାୟତା ଯୋଗାଇବା ନିମନ୍ତେ ବର୍ଷକରୁ ଅଧିକ ହେଉନଥିବା ଏକ ନିର୍ଦ୍ଦିଷ୍ଟ ସମୟସୀମା ପାଇଁ ପରାମର୍ଶଦାତା ନିଯୁକ୍ତି। ଯଦି ଏକବର୍ଷ ପରେ ମଧ୍ୟ କୌଣସି ପରାମର୍ଶଦାତାଙ୍କୁ ନିଯୁକ୍ତ କରିବା ଆବଶ୍ୟକ ହୁଏ ତେବେ ବୋର୍ଡ ଏହି ନିଯୁକ୍ତି ନିମନ୍ତେ ରାଜ୍ୟ ସରକାରଙ୍କର ଆଗୁଆ ଅନୁମୋଦନ ହାସଲ କରିବେ।

୮. ଜୈବ ବିବିଧତାର ସଂରକ୍ଷଣ, ଏହାର ବିଭିନ୍ନ ଅଂଶର ଧାରାବାହିକ ବ୍ୟବହାର ଏବଂ ଜୈବିକ ସମ୍ପଦ ଏବଂ ଜ୍ଞାନର ଉପଯୋଗ ଦ୍ୱାରା ମିଳୁଥିବା ସୁବିଧାଗୁଡ଼ିକର ସୁଷମ ବଣ୍ଟନ ସଂପର୍କିତ ବୈଷୟିକ ଏବଂ ପରିସଂଖ୍ୟାନ ସମ୍ବନ୍ଧୀୟ ତଥ୍ୟ, ମାନୁଆଲ୍, କୋର୍ଡ୍ ବା ନିର୍ଦ୍ଦେଶିକା ସଂଗ୍ରହ, ସଂକଳନ ଏବଂ ପ୍ରକାଶ କରିବା।

୯. ଜୈବିକ ଜୈବବିବିଧତାର ସଂରକ୍ଷଣ, ଏହାର ବିଭିନ୍ନ ଅଂଶଗୁଡ଼ିକର ଧାରାବାହିକ ବ୍ୟବହାର ଏବଂ ଜୈବିକ ସଂପଦ ଏବଂ ଜ୍ଞାନର ଉପଯୋଗ ଦ୍ୱାରା ମିଳୁଥିବା ସୁବିଧାଗୁଡ଼ିକର ସୁଷମ ବଣ୍ଟନ ସଂପର୍କରେ ଗଣମାଧ୍ୟମ ଜରିଆରେ ବ୍ୟାପକ କାର୍ଯ୍ୟକ୍ରମ ଗ୍ରହଣ କରିବା।

୧୦. ଜୈବ ବିବିଧତାର ସଂରକ୍ଷଣ ଏବଂ ଏହାର ବିଭିନ୍ନ ଅଂଶର ଧାରାବାହିକ ବ୍ୟବହାର ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମରେ ନିଯୁକ୍ତ ଏବଂ ନିଯୁକ୍ତି ପାଇବାକୁ ଥିବା ବ୍ୟକ୍ତିମାନଙ୍କ ନିମନ୍ତେ ତାଲିମ କାର୍ଯ୍ୟକ୍ରମର ଯୋଜନା ତଥା ଆୟୋଜନ କରିବା।

୧୧. ସଫଳ ପରିଚାଳନା, କ୍ରମୋନ୍ନତି ଏବଂ ଧାରାବାହିକ ବ୍ୟବହାରକୁ ସୁନିଶ୍ଚିତ କରିବା ପାଇଁ 'ପିପୁଲ୍‌ସ୍ ବାୟୋ-ଡାଇଭରସିଟି ରେଜିଷ୍ଟର୍' (ଜୈବ-ବିବିଧତାର ଲୋକ ବିବରଣ ଖାତା) ଏବଂ ଇଲେକ୍ଟ୍ରୋନିକ୍ ତଥ୍ୟଭୂମି ଜରିଆରେ ଜୈବିକ ସମ୍ବଳ ଓ ସେହି ସମ୍ବନ୍ଧୀୟ ପାରମ୍ପରିକ ଜ୍ଞାନକୌଶଳର ତଥ୍ୟଭୂମି କ୍ରମବିକାଶ ତଥା ସୂଚନା ଓ ପ୍ରାମାଣିକ ଦଲିଲ୍ ପ୍ରସ୍ତୁତ କରିବା ସକାଶେ ବିହିତ ପଦକ୍ଷେପ ଗ୍ରହଣ।

୧୨. ଅଧିନିୟମର ସଫଳ ରୂପାୟନ ଏବଂ ସଂରକ୍ଷଣ, ଧାରାବାହିକ ବ୍ୟବହାର ଓ ସୁବିଧାର ସମ-ବଣ୍ଟନ ସଂପର୍କୀତ ସେମାନଙ୍କର ସକ୍ରିୟ ଅଂଶଗ୍ରହଣକୁ ସବୁମନ୍ତେ ସୁଗମ କରିବା ପାଇଁ ସ୍ଥାନୀୟ ସଂଗଠନ ତଥା ଜୈବ-ବିବିଧତା ପରିଚାଳନା କମିଟିଗୁଡ଼ିକୁ ନିର୍ଦ୍ଦେଶ ଦେବା।

୧୩. ବୋର୍ଡର କାର୍ଯ୍ୟ ଏବଂ ସେଥିପାଇଁ ପ୍ରସ୍ତୁତ ନିୟମାବଳୀର କାର୍ଯକାରିତା ବିଷୟରେ ରାଜ୍ୟ ସରକାରଙ୍କୁ ବିବରଣୀ ପ୍ରଦାନ।

୧୪. ବିଭିନ୍ନ ସମୟରେ ଜୈବିକ ସଂପଦଗୁଡ଼ିକର ମୂଲ୍ୟର ପ୍ରସ୍ତାବ, ନିରୂପଣ, ପରିବର୍ତ୍ତନ ଏବଂ ସଂଗ୍ରହ କରିବା।

୧୫. 'ପିପୁଲ୍‌ସ୍ ବାୟୋ-ଡାଇଭରସିଟି ରେଜିଷ୍ଟର' ବା ଜୈବ-ବିବିଧତାର ଲୋକ ବିବରଣୀ ଖାତାରେ ଲିପିବଦ୍ଧ ସୂଚନା ସହିତ ସାଧାରଣ ସୂଚନାର ଗୋପନୀୟତା ରକ୍ଷା କରି ଜୈବିକ

ସମ୍ବଳରାଜି ଓ ସେହି ସଂପର୍କୀତ ଜ୍ଞାନ-କୌଶଳ ଉପରେ ବୌଦ୍ଧିକ ସଂପତ୍ତି ଅଧିକାର ସମେତ ସୁରକ୍ଷାଗତ ଅଧିକାରକୁ ସୁନିଶ୍ଚିତ କରିବା ପାଇଁ ଉପାୟ ଅବଲମ୍ବନ କରିବା।

୧୬. ନିର୍ଦ୍ଧାରିତ ଉଦ୍ଦେଶ୍ୟର ଜୈବ ବିବିଧତା ପରିଚାଳନା କମିଟିକୁ ଅନୁଦାନ ସହାୟତା ଓ ଅନୁଦାନ ମଞ୍ଜୁର କରିବା।

୧୭. ଅଧିନିୟମର କାର୍ଯ୍ୟକାରିତା ସହିତ ସଂପୃକ୍ତ କୌଣସି ଅଞ୍ଚଳର ବାସ୍ତବ ଅନୁସନ୍ଧାନ କରିବା।

୧୮. ଉପଯୁକ୍ତ ସଂରକ୍ଷଣ ଏବଂ ଧାରାବାହିକ ଉପଯୋଗ ନିମନ୍ତେ ସବୁ ସ୍ତରରେ ଯୋଜନା ଏବଂ ପରିଚାଳନା ସହିତ ଜୈବ-ବିବିଧତା ଏବଂ ଜୈବ-ବିବିଧତା ଉପରେ ନିର୍ଭରଶୀଳ ଜୀବିକାପନ୍ଥାଗୁଡ଼ିକ ଯେପରି ସମନ୍ୱିତ ହୋଇପାରିବ ତାହାକୁ ସୁନିଶ୍ଚିତ କରିବା।

୧୯. ବୋର୍ଡର ବାର୍ଷିକ ଆୟ ବ୍ୟୟ ହିସାବ (ବଜେଟ୍) ପ୍ରସ୍ତୁତ କରିବା ଯେଉଁଥିରେ ଏହାର ଆୟ ଏବଂ ରାଜ୍ୟ ଓ କେନ୍ଦ୍ରସରକାର ମୂଲ୍ୟ ପାତନକୁ ଅନ୍ତର୍ଭୁକ୍ତ କରାଯିବ ଏବଂ ଏହି ସର୍ତ୍ତ ରହିବ ଯେ କେନ୍ଦ୍ରସରକାରଙ୍କ ଦ୍ୱାରା ଅନୁମୋଦିତ ବଜେଟ୍ ବ୍ୟବସ୍ଥା ଅନୁସାରେ କେନ୍ଦ୍ର ସରକାରଙ୍କ ଅଂଶ ବ୍ୟବହାର କରାଯିବ।

୨୦. ସମସ୍ତ ଆନୁମାନିକ ଖର୍ଚ୍ଚକୁ ପ୍ରାଶାସନିକ ଓ ବୈଷୟିକ ମଞ୍ଜୁରୀ ପ୍ରଦାନ ନିମନ୍ତେ ବୋର୍ଡର ସଂପୂର୍ଣ୍ଣ କ୍ଷମତା ରହିବ। ଏହା ଯେପରି ଆବଶ୍ୟକ ମନେକରିବେ ସେପରି କିଛି ପ୍ରଶାସନିକ ଓ ବୈଷୟିକ ମଞ୍ଜୁରି କ୍ଷମତା ସଦସ୍ୟ ସଚିବଙ୍କୁ ଦେଇପାରିବେ।

୨୧. ବୋର୍ଡର କାର୍ଯ୍ୟଗୁଡ଼ିକୁ ଉପଯୁକ୍ତ ଭାବରେ ନିର୍ବାହ କରିବା ପାଇଁ ରାଜ୍ୟ ସରକାରଙ୍କୁ ପଦବୀ ସୃଷ୍ଟି କରିବା ନିମନ୍ତେ ପରାମର୍ଶ ଦେବେ ଏବଂ ସେସବୁ ପଦବୀ ତାହା ସ୍ଥାୟୀ, ଅସ୍ଥାୟୀ ବା ଅନ୍ୟ ଯେ କୌଣସି ପ୍ରକାରର ହେଲେମଧ ରାଜ୍ୟ ସରକାରଙ୍କର ପୂର୍ବ ଅନୁମୋଦନ ବିନା ସୃଷ୍ଟି କରାଯାଇପାରିବ ନାହିଁ।

୨୨. ଉଭୟ ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତି ଗ୍ରହଣ କରିବା, ରଖିବା ଏବଂ ବିକ୍ରୟ କରିବା ନିମନ୍ତେ ଏହାର କ୍ଷମତା ରହିବ ଏବଂ ରାଜ୍ୟ ସରକାରଙ୍କର ପୂର୍ବ ଅନୁମୋଦନ ନେଇ ଏଥିନିମନ୍ତେ ଚୁକ୍ତି କରିପାରିବେ।

୨୩. ଅନ୍ୟାନ୍ୟ ଏପରି କାର୍ଯ୍ୟ କରିପାରିବେ ଯାହା ଅଧିନିୟମର ବ୍ୟବସ୍ଥାଗୁଡ଼ିକୁ କିମ୍ବା ରାଜ୍ୟ ସରକାରଙ୍କ ଦ୍ୱାରା ବିଭିନ୍ନ ସମୟରେ ସ୍ୱତନ୍ତ୍ର ଭାବେ ନିର୍ଦ୍ଦେଶିତ କାର୍ଯ୍ୟଗୁଡ଼ିକୁ ତୁଲାଇବା ପାଇଁ ଆବଶ୍ୟକ ପଡ଼ିପାରେ।

**୧୩. ଅଧ୍ୟକ୍ଷଙ୍କର କ୍ଷମତା ଏବଂ କର୍ତ୍ତବ୍ୟ :**

(୧) ଅଧିନିୟମର ବ୍ୟବସ୍ଥା ଏବଂ ସେଥିରେ କରାଯାଇଥିବା ନିୟମାବଳୀ ଅନୁସାରେ ବୋର୍ଡର କାର୍ଯ୍ୟ ଉପଯୁକ୍ତ ଭାବରେ ଚାଲୁଛି ବୋଲି ଅଧ୍ୟକ୍ଷ ସୁନିଶ୍ଚିତ କରିବେ।

(୨) ବୋର୍ଡ୍‌ର ଅଧିକାରୀ ଏବଂ କର୍ମଚାରୀମାନଙ୍କ ଉପରେ ଅଧ୍ୟକ୍ଷଙ୍କର ସାଧାରଣ ତତ୍ତ୍ୱାବଧାନ କ୍ଷମତା ରହିବ ଏବଂ ବୋର୍ଡ୍‌ର କାର୍ଯ୍ୟକଳାପର ସଂପାଦନ ଏବଂ ପରିଚାଳନା ନିମନ୍ତେ ସେ ଆବଶ୍ୟକୀୟ ନିର୍ଦ୍ଦେଶ ଦେଇପାରନ୍ତି।

(୩) ବୋର୍ଡ୍‌ର ସମସ୍ତ ବୈଠକ ଅଧ୍ୟକ୍ଷ ଆହୂତ କରିବେ ଏବଂ ସେ ସେଥିରେ ଅଧ୍ୟକ୍ଷତା କରିବେ ଏବଂ ବୋର୍ଡ୍‌ରେ ନିଆଯାଇଥିବା ସମସ୍ତ ନିଷ୍ପତ୍ତି ଯେପରି ଠିକ୍ ଭାବରେ କାର୍ଯ୍ୟକାରୀ ହୁଏ ତାହା ସୁନିଶ୍ଚିତ କରିବେ।

(୪) ଅଧ୍ୟକ୍ଷ ବୋର୍ଡ୍ ଦ୍ୱାରା ବିଭିନ୍ନ ସମୟରେ ଅର୍ପଣ କରାଯାଇଥିବା ଅନ୍ୟାନ୍ୟ କ୍ଷମତା ପ୍ରୟୋଗ କରିବେ ଏବଂ ଅନ୍ୟାନ୍ୟ କାର୍ଯ୍ୟ କରିବେ ।

**୧୪. ବୋର୍ଡ୍‌ର କର୍ମଚାରୀମାନଙ୍କର ସେବା ସର୍ତ୍ତାବଳୀ :**

(୧) ରାଜ୍ୟ ସରକାରଙ୍କର ପୂର୍ବ ଅନୁମୋଦନ ସହିତ ବୋର୍ଡ୍‌ର କର୍ମଚାରୀମାନଙ୍କର ସେବା ସର୍ତ୍ତାବଳୀ ବୋର୍ଡ୍ ଦ୍ୱାରା ବିଧି ଅନୁସାରେ ନିର୍ଦ୍ଦିଷ୍ଟ କରାଯିବ । ରାଜ୍ୟ ସରକାରଙ୍କ ଦ୍ୱାରା ଅନ୍ୟପ୍ରକାରେ ସ୍ଥିର କରାଯାଇନଥିଲେ ନିଯୁକ୍ତିକୁ ଠିକା ହିସାବରେ ବା ପ୍ରତିନିଧି ପ୍ରେରଣ ଦ୍ୱାରା କରାଯାଇପାରେ ।

**୧୫. ଜୈବିକ ସମ୍ପଦର ସଂଗ୍ରହ ଏବଂ ପ୍ରବେଶାନୁମତି ନିମନ୍ତେ ପ୍ରକ୍ରିୟା :**

(୧) ଏହି ନିୟମାବଳୀର ପରିଶିଷ୍ଟ- ୧ ରେ ଯେପରି ଦିଆଯାଇଛି, ସେହି ଅନୁସାରେ ଫର୍ମ୍- ୧ ରେ ଅଧିନିୟମର ଧାରା ୨୪(୧) ଅନୁସାରେ ବୋର୍ଡକୁ ସୂଚନା ଦିଆଯିବ ଏବଂ ଏହା ସହିତ ରାଜ୍ୟ ସରକାରଙ୍କ ଦ୍ୱାରା ପୂର୍ବରୁ ଅନୁମୋଦିତ ତଥା ବୋର୍ଡ୍ ଦ୍ୱାରା ସ୍ଥିରୀକୃତ ଓ ସୂଚିତ ମୂଲ୍ୟ ଦିଆଯିବ ।

(୨) ଏହି ସୂଚନା ପାଇବା ପରେ ଯେତେ ଦୂର ସମ୍ଭବ ତିନିମାସ ମଧ୍ୟରେ ବୋର୍ଡ୍ ଏହି ସୂଚନାକୁ ବିଚାର କରି ଏକ ନିଷ୍ପତ୍ତି ନେବେ ।

(୩) ଆବେଦନର ତାତ୍ପର୍ଯ୍ୟ ସନ୍ତୋଷଜନକ ହେଲେ ବୋର୍ଡ୍ ଆବେଦନକୁ ଅନୁମତି ଦେଇପାରନ୍ତି କିମ୍ବା ଏପରି କୌଣସି କାର୍ଯ୍ୟକୁ ନିଷେଧ କରିପାରନ୍ତି, ଯଦି ବୋର୍ଡ୍‌ର ବିଚାରରେ ତାହା ଜୈବ ବିବିଧତାର ସଂରକ୍ଷଣ ଏବଂ ଧାରାବାହିକ ବ୍ୟବହାର କିମ୍ବା ଏପରି କାର୍ଯ୍ୟକ୍ରମରୁ ମିଳୁଥିବା ସୁବିଧାଗୁଡ଼ିକର ସମବଣ୍ଟନ ଉଦ୍ଦେଶ୍ୟର ପ୍ରତିକୂଳ କିମ୍ବା କ୍ଷତିକାରକ ହୋଇଥିବ ।

(୪) ଏକ ଲିଖିତ ରାଜିନାମା ମାଧ୍ୟମରେ ପ୍ରବେଶ ଅନୁମତି ନିମନ୍ତେ ଅନୁମୋଦନ ହେବ ଯାହା ବୋର୍ଡ୍‌ର ଜଣେ କ୍ଷମତାପ୍ରାପ୍ତ ଅଧିକାରୀ ଏବଂ ଆବେଦନକାରୀଙ୍କ ଦ୍ୱାରା ଯଥାବିଧି ସ୍ୱାକ୍ଷର କରାଯାଇଥିବ । ରାଜିନାମା ଫର୍ମ ବୋର୍ଡ୍ ଦ୍ୱାରା ସ୍ଥିର କରାଯିବ ।

(୫) ପ୍ରବେଶାଧିକାର ବା ସଂଗ୍ରହର ମଞ୍ଜୁରି ପ୍ରଦାନ କରାଯାଉଥିବା ଜୈବିକ ସଂପଦରାଜିର ସଂରକ୍ଷଣ ଓ ସୁରକ୍ଷା ନିମନ୍ତେ ପ୍ରଶୋଧିକାର ବା ସଂଗ୍ରହ ପାଇଁ ଉଦ୍ଦିଷ୍ଟ ସର୍ତ୍ତାବଳୀ ଦ୍ୱାରା ସ୍ୱତନ୍ତ୍ର ଉପାୟ ହାସଲ କରାଯାଇପାରେ ।

(୬) ଆବେଦନକୁ ଯଦି ଗ୍ରହଣ କରାଯାଇ ପାରିବ ନାହିଁ ବୋଲି ବୋର୍ଡ ବିଚାର କରେ ତା'ହେଲେ ତାହାର ଯଥାର୍ଥ କାରଣ ଉଲ୍ଲେଖ କରି ସେହି ଦରଖାସ୍ତକୁ ଖାରଜ କରିଦେଇପାରିବେ । ଖାରଜ କରିବାର ଆଦେଶ ଦେବା ପୂର୍ବରୁ ବୋର୍ଡ୍ ଦ୍ୱାରା ଆବେଦନକାରୀଙ୍କୁ ଶୁଣାଣି ନିମନ୍ତେ ଏକ ଯୁକ୍ତିଯୁକ୍ତ ସୁଯୋଗ ।

**୧୬. ପ୍ରବେଶାଧିକାରର ପ୍ରତ୍ୟାହାର ବା ଅନୁମୋଦନ:**

(୧) ନିମ୍ନ ସର୍ତ୍ତାବଳୀ ଅନ୍ତର୍ଗତ ବୋର୍ଡ୍ କୌଣସି ଅଭିଯୋଗ ଆଧାରରେ ବା ସ୍ୱୟଂ ନିଜ ପକ୍ଷରୁ ମଧ୍ୟ ମଞ୍ଜୁର କରାଯାଇଥିବା ପ୍ରବେଶାଧିକାର ଉଠାଇ ନେଇପାରିବେ ଏବଂ ଲିଖିତ ରାଜିନାମାକୁ ଖାରଜ କରିପାରିବେ :

(i) ଉକ୍ତ ଜୈବ ସଂପଦ ନିମନ୍ତେ ପ୍ରବେଶ ଅଧିକାର ପାଇଥିବା ବ୍ୟକ୍ତି, ଅଧିନିୟମର ବ୍ୟବସ୍ଥାଗୁଡ଼ିକ ମଧ୍ୟରୁ ଯେକୌଣସି ବ୍ୟବସ୍ଥା କିମ୍ବା ଯେଉଁ ସର୍ତ୍ତରେ ଆବେଦନଟି

ଅନୁମତିପ୍ରାପ୍ତ ହୋଇଥିଲା ତାହା ସେ ପାଳନ କରିନାହାନ୍ତି ବୋଲି ଯୁକ୍ତିଯୁକ୍ତ ଭାବରେ ବିଶ୍ୱାସବୋଧ ହୁଏ;

(ii) ବ୍ୟକ୍ତିଜଣକ ଚୁକ୍ତିନାମାର ସର୍ତ୍ତଗୁଡ଼ିକ ପାଳନ କରିବାରେ ବିଫଳ ହୁଅନ୍ତି;

(iii) ପ୍ରବେଶ ଅଧିକାରର ସର୍ତ୍ତାବଳୀ ମଧ୍ୟରୁ ଯେକୌଣସି ସର୍ତ୍ତ ପାଳନ କରିବାରେ ବିଫଳ ହୁଅନ୍ତି;

(iv) ପରିବେଶର ସୁରକ୍ଷା ଓ ଜୈବ ବିବିଧତାର ସଂରକ୍ଷଣ ଏବଂ ସ୍ଥାନୀୟ ଅଧିବାସୀମାନଙ୍କର ଅଧିକାର, ଜୀବିକା ଓ ଜ୍ଞାନର ସୁରକ୍ଷା ଦୃଷ୍ଟିରୁ ସାଧାରଣ ସ୍ୱାର୍ଥକୁ ଉପେକ୍ଷା କରାଯାଏ ।

(୨) କ୍ଷତିଗ୍ରସ୍ତ ବ୍ୟକ୍ତିଙ୍କୁ ଶୁଣାଣିର ସୁଯୋଗ ନଦେଇ ଖାରଜ ଆଦେଶ ଦିଆଯିବ ନାହିଁ । ତେବେ ଅନୁସନ୍ଧାନ ପ୍ରକ୍ରିୟା ବିଚାରାଧୀନ ଥିବା ସମୟରେ ପ୍ରବେଶ ଅଧିକାର ସ୍ଥଗିତ ରଖିବା ନିମନ୍ତେ ବୋର୍ଡର କ୍ଷମତା ରହିବ ।

(୩) ବୋର୍ଡ୍ ସେହି ଖାରଜ ଆଦେଶର ଏକକିତା ନକଲ ଜୈବ ବିବିଧତା ପରିଚାଳନା କମିଟିଗୁଡ଼ିକୁ ପ୍ରବେଶାଧିକାର ନିଷେଧ କରିବା ସହିତ କିଛି କ୍ଷୟକ୍ଷତି ହୋଇଥିଲେ ତାହାକୁ ଆକଳନ କରି କ୍ଷତିର ଭରଣା କରିବାକୁ ପଦକ୍ଷେପ ନେବା ନିମନ୍ତେ ପଠାଇବ ।

**୧୭. ଜୈବିକ ସଂପଦ ବ୍ୟବହାର ନିମନ୍ତେ ପ୍ରବେଶାନୁମତି ସଂପର୍କିତ କାର୍ଯ୍ୟକଳାପ ଉପରେ କଟକଣା**

(୧) ବୋର୍ଡ ଯଦି ଆବଶ୍ୟକ ଏବଂ ଯୁକ୍ତିଯୁକ୍ତ ମନେକରନ୍ତି ତେବେ ନିମ୍ନଲିଖିତ କାରଣଗୁଡ଼ିକ ଯୋଗୁଁ ଜୈବିକ ସଂପଦର ବ୍ୟବହାର ନିମନ୍ତେ ଉଦ୍ଦିଷ୍ଟ ପ୍ରବେଶ ଅନୁମତି ପ୍ରସ୍ତାବକୁ କଟକଣା ବା ନିଷେଧ କରିବା ନିମନ୍ତେ ପଦକ୍ଷେପ ନେଇପାରିବେ ।

(i) କୌଣସି ବିପନ୍ନ ଜୀବ-ଉଦ୍ଭିଦ ବର୍ଗ ବା ବର୍ଗଗୁଡ଼ିକ ପ୍ରତି ବିପଦ ସୃଷ୍ଟି କରିବାର ଆଶଙ୍କା ଥିବା ପ୍ରବେଶାଧିକାର ପାଇଁ ଆବେଦନ;

(ii) କୌଣସି ସ୍ଥାନୀୟ ଓ ବିରଳ ପ୍ରଜାତି ନିମନ୍ତେ କରାଯାଇଥିବା ପ୍ରବେଶାନୁମତି ପାଇଁ ଅନୁରୋଧ;

(iii) ସ୍ଥାନୀୟ ଲୋକଙ୍କର ଜୀବିକା, ସଂସ୍କୃତି ଏବଂ ଦେଶୀୟ ଜ୍ଞାନ କୌଶଳ ଉପରେ ପ୍ରତିକୂଳ ପ୍ରଭାବ ପକାଇବାର ସମ୍ଭାବନା ଥିବା ପ୍ରବେଶାନୁମତି ନିମନ୍ତେ ଅନୁରୋଧ;

(iv) ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ପକାଇବାର ସମ୍ଭାବନା ଥିବା ଏବଂ ତାହାକୁ ନିୟନ୍ତ୍ରଣ ଓ ପ୍ରତିହତ କରିବା କଷ୍ଟକର ହେଉଥିବା ପ୍ରବେଶାଧିକାର ନିମନ୍ତେ ଅନୁରୋଧ ।

(v) ପରସ୍ପର ସଂପର୍କୀତ ଜୈବ ବ୍ୟବସ୍ଥାର କାର୍ଯ୍ୟକଳାପକୁ ପ୍ରଭାବିତ କରି ଆନୁବଂଶିକ କ୍ଷୟ ଘଟାଇବାର ସମ୍ଭାବନା ଥିବା ପ୍ରବେଶାଧିକାର ପାଇଁ ଆବେଦନ;

(vi) ଜାତୀୟ ସ୍ୱାର୍ଥ ଏବଂ ଭାରତ ଦ୍ୱାରା ସ୍ୱାକ୍ଷରିତ ଅନ୍ୟାନ୍ୟ ସଂପର୍କୀତ ଅନ୍ତର୍ଜାତୀୟ ରାଜିନାମାଗୁଡ଼ିକର ବିରୁଦ୍ଧାଚରଣ କରୁଥିବା ଉଦ୍ଦେଶ୍ୟ ପାଇଁ ସଂପଦର ଉପଯୋଗ ।

(୨) ପ୍ରଭାବିତ ବ୍ୟକ୍ତିଙ୍କୁ ଶୁଣିବାର ଏକ ସୁଯୋଗ ନ ଦେଇ କୌଣସି ନିଷେଧାଦେଶ କରାଯିବ ନାହିଁ ।

**୧୮. ଓଡ଼ିଶା ଜୈବ ବିବିଧତା ପାଣ୍ଠି ପରିଚାଳନା :**

(୧) ବୋର୍ଡର ସଦସ୍ୟ ସଚିବଙ୍କ ଦ୍ୱାରା କିମ୍ବା ଏଥିନିମନ୍ତେ ବୋର୍ଡ ଦ୍ୱାରା କ୍ଷମତାପ୍ରାପ୍ତ ବୋର୍ଡର ସେହିପରି ଅନ୍ୟ କୌଣସି ଅଧିକାରୀଙ୍କ ଦ୍ୱାରା ଏକ ଜାତୀୟକରଣ ବ୍ୟାଙ୍କ୍‌ରେ ଓଡ଼ିଶା ଜୈବ ବିବିଧତା ପାଣ୍ଠି ପରିଚାଳିତ ହେବ।

(୨) ଓଡ଼ିଶା ଜୈବ ବିବିଧତା ପାଣ୍ଠିର ଅଲଗା ଅଲଗା ହିସାବ ଶୀର୍ଷକ ରହିପାରେ ଯଥା: କେନ୍ଦ୍ର ସରକାର ବା ଜାତୀୟ ଜୈବ-ବିବିଧତା କର୍ତ୍ତୃପକ୍ଷ ଏବଂ ରାଜ୍ୟ ସରକାର ତଥା ବୋର୍ଡ଼ ଦ୍ୱାରା ସ୍ଥିର କରାଯାଇଥିବା ସେହିପରି ଅନ୍ୟାନ୍ୟ କ୍ଷେତ୍ରରୁ ମିଳୁଥିବା ପ୍ରାପ୍ୟ (ମଞ୍ଜୁରି ଓ ଋଣ) ସଂପର୍କୀୟ ଗୋଟିଏ ହିସାବ-ଶୀର୍ଷକ, ଏବଂ ବୋର୍ଡ଼ର ପାଉଣା, ଲାଇସେନ୍‌ସ୍ ପାଉଣା, ରୟାଲ୍‌ଟି ବା ରାଜଭାଗ ଏବଂ ଅନ୍ୟାନ୍ୟ ପ୍ରାପ୍ୟ ପାଉଣା ସମ୍ବନ୍ଧୀୟ ଆଉ ଏକ ହିସାବ-ଶୀର୍ଷକ।

(୩) ଓଡ଼ିଶା ଜୈବ ବିବିଧତା ବୋର୍ଡ ଅଧିନିୟମର ବ୍ୟବସ୍ଥାଗୁଡ଼ିକୁ ଯଥାବିଧି ପାଳନ କରି ଜାତୀୟ ଏବଂ ଆନ୍ତର୍ଜାତୀୟ ଦାତବ୍ୟ ଅନୁଷ୍ଠାନଗୁଡ଼ିକରୁ ପାଣ୍ଠି ଗ୍ରହଣ କରିପାରିବେ ଏବଂ ସେହିପରି ପ୍ରସ୍ତାବମାନ ପ୍ରସ୍ତୁତ କରି ଦାଖଲ କରିବା ସହିତ ବୋର୍ଡ଼ର ଅନୁମୋଦନ ଲାଭ କରି ସେହିପରି ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକାରୀ କରିବାର କ୍ଷମତା ମଧ୍ୟ ତାଙ୍କର ରହିବ।

**୧୯. ବାର୍ଷିକ ବିବରଣୀ ଏବଂ ବାର୍ଷିକ ହିସାବ ବିବରଣ :**

(୧) ବୋର୍ଡ ନିଜ କାର୍ଯ୍ୟକଳାପର ସଂପୂର୍ଣ୍ଣ ବିବରଣୀ ଏବଂ ବାର୍ଷିକ ହିସାବ ବିବରଣ ଦେଇ ପ୍ରତ୍ୟେକ ଆର୍ଥିକବର୍ଷ ନିମନ୍ତେ ନିଜର ବାର୍ଷିକ ବିବରଣୀ ପ୍ରସ୍ତୁତ କରିବେ ଏବଂ ଆର୍ଥିକବର୍ଷ ସରିବାର ଛଅମାସ ମଧ୍ୟରେ ତାହାକୁ ରାଜ୍ୟ ସରକାରଙ୍କ ନିକଟରେ ଦାଖଲ କରିବେ।

(୨) ରାଜ୍ୟ ସରକାରଙ୍କର ଆଗୁଆ ଅନୁମୋଦନ ହାସଲ କରି ହିସାବର ରକ୍ଷଣାବେକ୍ଷଣ ନିମନ୍ତେ ବୋର୍ଡ୍ କାର୍ଯ୍ୟଧାରା ପ୍ରସ୍ତୁତ କରିବେ। ବୋର୍ଡର ହିସାବ ବୋର୍ଡ ଦ୍ୱାରା ତଦୁପଲକ୍ଷ୍ୟେ ନିଯୁକ୍ତ ଚାଟାର୍ଡ୍ ଆକାଉଣ୍ଟାଣ୍ଟ୍‌ଙ୍କ ଦ୍ୱାରା ବର୍ଷକୁ ବର୍ଷ ସମୀକ୍ଷା କରାଯିବ। ରାଜ୍ୟର ମହାହିସାବ ସମୀକ୍ଷକ ମଧ୍ୟ ବୋର୍ଡ଼ର ହିସାବ ସମୀକ୍ଷା କରିପାରନ୍ତି। ସମୀକ୍ଷା ବାବଦ ଖର୍ଚ୍ଚ ବୋର୍ଡ୍ ଦ୍ୱାରା ବହନ କରାଯିବ।

(୩) ପ୍ରତ୍ୟେକ ବର୍ଷ ସେପ୍ଟେମ୍ବର ଶେଷ ସୁଦ୍ଧା ବୋର୍ଡ୍ ରାଜ୍ୟ ସରକାରଙ୍କ ନିକଟରେ ପ୍ରତ୍ୟେକ ଆର୍ଥିକବର୍ଷ ନିମନ୍ତେ ସମୀକ୍ଷିତ ହିସାବ ବିବରଣୀ ସହିତ ବାର୍ଷିକ ବିବରଣୀ ଦାଖଲ କରିବେ ଯାହାଫଳରେ ରାଜ୍ୟ ସରକାର ବିଧାନସଭାରେ ବିବରଣୀ ଉପସ୍ଥାପନ କରିବାକୁ ସକ୍ଷମ ହୋଇପାରିବେ।

**୨୦. ଜୈବ ବିବିଧତା ଐତିହ୍ୟ ସ୍ଥଳ ପ୍ରତିଷ୍ଠା ଓ ପରିଚାଳନା :**

(୧) ଜୈବ ବିବିଧତା ଦୃଷ୍ଟିରୁ ମହତ୍ତ୍ୱପୂର୍ଣ୍ଣ ଅଞ୍ଚଳଗୁଡ଼ିକୁ ଐତିହ୍ୟ ସ୍ଥଳ ଭାବରେ ପ୍ରତିଷ୍ଠା କରିବା ଦିଗରେ ସହାୟତା କରିବା ପାଇଁ ବୋର୍ଡ, ସ୍ଥାନୀୟ ସଂସ୍ଥା ଏବଂ ସେ ଦିଗରେ କାର୍ଯ୍ୟ କରୁଥିବା ସଂସ୍ଥାଗୁଡ଼ିକ ସହିତ ପରାମର୍ଶ କରି ଆବଶ୍ୟକ ପଦକ୍ଷେପ ନେବେ।

(୨) ଜୈବ ବିବିଧତା ଐତିହ୍ୟ ସ୍ଥଳଗୁଡ଼ିକୁ ବାଛିବା, ପରିଚାଳନା କରିବା ଏବଂ ଅନ୍ୟାନ୍ୟ ବିଷୟରେ ବୋର୍ଡ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରିବେ।

## ୨୧. ଜୈବ ବିବିଧତା ପରିଚାଳନା କମିଟି ଗଠନ :

୧) ପ୍ରତ୍ୟେକ ସ୍ଥାନୀୟ ସଂଗଠନ କ୍ଷମତା ପରିସର ମଧ୍ୟରେ ଏକ କମିଟି (ଜୈବ ବିବିଧତା ପରିଚାଳନା କମିଟି) ଗଠନ କରିବେ। ଏହିପରି ଭାବରେ କମିଟିଗୁଡ଼ିକ ଜିଲ୍ଲା, ପଞ୍ଚାୟତ ସମିତି ଏବଂ ଗ୍ରାମପଞ୍ଚାୟତ ସ୍ତର ତଥା ବିଜ୍ଞାପିତ ଅଞ୍ଚଳ, ନଗରପାଳିକା ଏବଂ ମହାନଗର ନିଗମ ସ୍ତରରେ ଗଠନ କରାଯିବ।

୨) ସ୍ଥାନୀୟ ସଂଗଠନ ଦ୍ୱାରା ମନୋନୀତ ହୋଇ ଉପନିୟମ (୧) ଅନୁସାରେ ଗଠିତ କମିଟିରେ ମହିଳାଙ୍କ ସଂଖ୍ୟା ଅଧାରୁ କମ୍ ନହୋଇ ସର୍ବମୋଟ ସାତଜଣ ବ୍ୟକ୍ତି ରହିବେ। ଏହିପରି ମନୋନୀତ ସାତଜଣ ବିଜ୍ଞ ବ୍ୟକ୍ତି ସ୍ଥାନୀୟ ବନସ୍ପତି ଶାସ୍ତ୍ରଜ୍ଞ, କୃଷିବିଜ୍ଞାନୀ, ଅଣ-କାଠ ଜଙ୍ଗଲଜାତ ଦ୍ରବ୍ୟର ସଂଗ୍ରାହକ/ବ୍ୟବସାୟୀ, ମତ୍ସ୍ୟଜୀବୀ ଗୋଷ୍ଠୀର ପ୍ରତିନିଧି, ଗୋଷ୍ଠୀର କର୍ମୀ, ଶିକ୍ଷାବିତ୍ ଏବଂ କମିଟିର ବୈଧାନିକ ଜନାଦେଶ ପ୍ରତି ବିଶେଷ ଭାବରେ ସହାୟତା କରିପାରିବେ ବୋଲି ସ୍ଥାନୀୟ ସଂଗଠନର ଆସ୍ଥା ରହିଥିବା କୌଣସି ବ୍ୟକ୍ତି, ପ୍ରତିନିଧି କିମ୍ବା ସଂଗଠନ ମଧ୍ୟରୁ ଆସିବେ। ଯେଉଁଠାରେ ଏପରି କମିଟି ଗଠନ କରାଯିବ ସେଠାରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିର ସଭ୍ୟଙ୍କ ଅନୁପାତ ସେହି ଜିଲ୍ଲାର ଅନୁସୂଚିତ ଜାତି/ଅନୁସୂଚିତ ଜନଜାତିଙ୍କ ଶତକଡ଼ା ହାର ଠାରୁ କମ୍ ହେବନାହିଁ। ଉପରଲିଖିତ ସମସ୍ତ ବ୍ୟକ୍ତି ସ୍ଥାନୀୟ ସଂଗଠନର ସୀମା ମଧ୍ୟସ୍ଥ ବାସିନ୍ଦା ହେବା ସହିତ ସେଠାକାର ଭୋଟର ତାଲିକାରେ ସେମାନଙ୍କର ନାମ ମଧ୍ୟ ରହିଥିବା ଆବଶ୍ୟକ।

୩) ସ୍ଥାନୀୟ ସଂଗଠନ ବ୍ୟକ୍ତିଙ୍କୁ ଜଙ୍ଗଲ, କୃଷି, ଉଦ୍ୟାନ ତଥା ସ୍ୱାସ୍ଥ୍ୟ, ମତ୍ସ୍ୟ ଏବଂ ପଶୁସଂପଦ ବିକାଶ ଶିକ୍ଷା ପରି ଯେକୌଣସି ବିଭାଗରୁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରିତ ଛଅଜଣ ମନୋନୟନ କରିବେ।

୪) ସ୍ଥାନୀୟ ସଂଗଠନର ଅଧ୍ୟକ୍ଷଙ୍କ ସଭାପତିତ୍ୱରେ ଆୟୋଜିତ ଏକ ବୈଠକରେ କମିଟିର ସଭ୍ୟସଭ୍ୟାମାନଙ୍କ ଦ୍ୱାରା କମିଟିର ଅଧ୍ୟକ୍ଷ ନିର୍ବାଚିତ ହେବେ।

୫) କମିଟିର ଅଧ୍ୟକ୍ଷଙ୍କର କାର୍ଯ୍ୟକାଳ ତିନିବର୍ଷ ରହିବ।

୬) କମିଟିର ଜିଲ୍ଲାସ୍ତରୀୟ ବୈଠକଗୁଡ଼ିକୁ ସ୍ଥାନୀୟ ବିଧାୟକ ଓ ସାଂସଦ ବା ସେମାନଙ୍କର ପ୍ରତିନିଧିମାନେ ସ୍ୱତନ୍ତ୍ର ଭାବେ ନିମନ୍ତ୍ରିତ ହୋଇ ଆସିବେ।

୭) ସରକାରୀ ସଂସ୍ଥା, ବେସରକାରୀ ସଂଗଠନ, ଶିକ୍ଷା କ୍ଷେତ୍ର, ଗୋଷ୍ଠୀ ଏବଂ ବ୍ୟକ୍ତିମାନଙ୍କୁ ମଧ୍ୟ ଜୈବ ବିବିଧତା କ୍ଷେତ୍ରସ୍ଥ ବିଶେଷଜ୍ଞମାନଙ୍କୁ ନେଇ ଜିଲାପ୍ରଶାସନ ଦ୍ୱାରା ଏକ ବୈଷୟିକ ସହାୟତା ଦଳ ଗଠନ କରାଯିବ। ଏହି ବିଶେଷଜ୍ଞ ଦଳ କମିଟିଗୁଡ଼ିକୁ ସହାୟତା କରିବେ।

(୮) ଜୈବ ବିବିଧତାର ସଂରକ୍ଷଣ, ଧାରାବାହିକ ବ୍ୟବହାର ଏବଂ ସେଥିରୁ ମିଳୁଥିବା ସୁବିଧାଗୁଡ଼ିକର ସମବଣ୍ଟନକୁ ନିଶ୍ଚିତ କରିବା ହେବ କମିଟିଗୁଡ଼ିକର ମୁଖ୍ୟ ବୈଧାନିକ ଓ କର୍ତ୍ତବ୍ୟ ଏବଂ ଅଧିକାର। କମିଟିଗୁଡ଼ିକ ଲୋକମାନଙ୍କର ଜୈବ ବିବିଧତା ରେଜିଷ୍ଟର୍‌ଗୁଡ଼ିକୁ ପ୍ରସ୍ତୁତ କରିବାରେ ସହାୟତା କରିବେ। ସେହି ରେଜିଷ୍ଟର୍‌ରେ ସ୍ଥାନୀୟ ଜୈବ ସଂପଦ ସଂପର୍କୀତ ଜ୍ଞାନ ଏବଂ ଉପଲଭ୍ୟତା, ସେଗୁଡ଼ିକର ଔଷଧୀୟ ଗୁଣ ବା ଅନ୍ୟକୌଣସି ବ୍ୟବହାର କିମ୍ବା ଏହା ସହିତ ସଂପର୍କିତ ଅନ୍ୟ କୌଣସି ପାରମ୍ପରିକ ଜ୍ଞାନ ବିଷୟରେ ବିସ୍ତୃତ ସୂଚନା ରହିବ। ଜିଲା ଏବଂ ପଞ୍ଚାୟତସମିତି କମିଟି, ପିପୁଲ୍‌ସ୍ ବାୟୋଡାଇଭର୍‌ସିଟି ରେଜିଷ୍ଟର୍ (ଜୈବ-ବିବିଧତାର ଲୋକ ବିବରଣ ଖାତା)ର ତଥ୍ୟଭୂମି ନିମନ୍ତେ ଏକ ଜିଲ୍ଲା ବା ପଞ୍ଚାୟତ ସମିତି

ସ୍ତରୀୟ ବ୍ୟାପକ ନେଟ୍‌ୱାର୍କ ପ୍ରସ୍ତୁତ ଓ ବିକଶିତ କରିବା ପାଇଁ ଦାୟୀ ରହିବେ । ବୋର୍ଡ୍ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ପ୍ରଣାଳୀ ଏବଂ ପ୍ରକ୍ରିୟା ବ୍ୟବହାର କରି କମିଟି ସ୍ତରରେ ଲୋକମାନଙ୍କ ଜୈବ ବିବିଧତା ରେଜିଷ୍ଟର (ପିପୁଲ୍‌ସ୍ ବାୟୋଡାଇଭର୍‌ସିଟି ରେଜିଷ୍ଟର୍) ପ୍ରସ୍ତୁତ କରାଯିବ । କମିଟି ଏବଂ ସ୍ଥାନୀୟ ସଂଗଠନଗୁଡ଼ିକ ଲୋକମାନଙ୍କ ଜୈବ ବିବିଧତା ରେଜିଷ୍ଟର୍‌ରେ ଲିପିବଦ୍ଧ ହୋଇଥିବା ଜ୍ଞାନର ସୁରକ୍ଷା ନିଶ୍ଚିତ କରିବା ବିଶେଷକରି ବାହାର ବ୍ୟକ୍ତି ଏବଂ ସଂସ୍ଥାମାନଙ୍କ ପ୍ରବେଶାଧିକାରକୁ ନିୟନ୍ତ୍ରଣ କରିବାପାଇଁ ଦାୟୀ ରହିବେ ।

୯) ଅନୁମତି ପ୍ରଦାନ କରିବା ଏବଂ ଜୈବ ସଂପଦର ଉପଯୋଗ କରୁଥିବା ସ୍ଥାନୀୟ ବୈଦ୍ୟ ଓ ପେଶାଦାରଙ୍କ ବିଷୟରେ ତଥ୍ୟ ସଂଗ୍ରହ ଓ ସଂରକ୍ଷଣ କରିବା ପାଇଁ ରାଜ୍ୟ ଜୈବ-ବିବିଧତା ବୋର୍ଡ଼ ବା କର୍ତ୍ତୃପକ୍ଷ ଦ୍ୱାରା କମିଟି ନିକଟକୁ ସୁପାରିଶ୍ କରାଯାଇଥିବା ଯେ କୌଣସି ପ୍ରସଙ୍ଗରେ ପରାମର୍ଶ ହେଉଛି କମିଟିର ଅନ୍ୟାନ୍ୟ କାର୍ଯ୍ୟାବଳୀ ।

୧୦) ଜିଲା କମିଟିଗୁଡ଼ିକ ଜୈବ ବିବିଧତା ସଂରକ୍ଷଣ ସମସ୍ୟାଗୁଡ଼ିକୁ ସ୍ଥାନୀୟ ସ୍ତରରେ ବିକାଶମୂଳକ ଯୋଜନାରେ ବ୍ୟବସ୍ଥିତ କରିବା ପାଇଁ ଚେଷ୍ଟା କରିବେ ।

୧୧) ଲୋକମାନଙ୍କ ଜୈବ ବିବିଧତା ରେଜିଷ୍ଟର (ପିପୁଲ୍‌ସ୍ ବାୟୋଡାଇଭର୍‌ସିଟି ରେଜିଷ୍ଟର୍)କୁ ପ୍ରସ୍ତୁତ କରିବାରେ ଜୈବ ବିବିଧତା ପରିଚାଳନା କମିଟିଗୁଡ଼ିକୁ ବୋର୍ଡ, ଦିଗ୍‌ଦର୍ଶନ ଏବଂ ବୈଷୟିକ ସହାୟତା ଯୋଗାଇଦେବ ଏବଂ ଏହି ରେଜିଷ୍ଟରଗୁଡ଼ିକରେ ଲିପିବଦ୍ଧ ସମସ୍ତ ସୂଚନାର ଅପବ୍ୟବହାରକୁ ରୋକିବା ପାଇଁ ଆଇନଗତ ସୁରକ୍ଷା ଗ୍ରହଣ କରିବା କାର୍ଯ୍ୟ ନିଶ୍ଚିତ କରିବ । ବାହ୍ୟ ସଂସ୍ଥା ଏବଂ ବ୍ୟକ୍ତିମାନଙ୍କ ଦ୍ୱାରା ସୂଚନାର ଆତ୍ମସାତ୍ କରିବା କାର୍ଯ୍ୟକୁ ମଧ୍ୟ ବୋର୍ଡ ଏବଂ କମିଟି ଦ୍ୱାରା ନିୟନ୍ତ୍ରଣ କରାଯିବ ।

୧୨) କମିଟି ମଧ୍ୟ ମଞ୍ଜୁର କରାଯାଇଥିବା ଜୈବ ସଂପଦ ଓ ପାରମ୍ପରିକ ଜ୍ଞାନ-କୌଶଳ ପ୍ରତି ପ୍ରବେଶାଧିକାର ସଂପର୍କୀୟ ବିଶଦ ବିବରଣୀ, ସଂଗ୍ରହ ମୂଲ୍ୟ ସଂପର୍କୀୟ ବିଶଦ ବିବରଣୀ ଏବଂ ଲାଭ କରାଯାଇଥିବା ସୁବିଧା ଓ ସେଗୁଡ଼ିକର ବଣ୍ଟନ ବ୍ୟବସ୍ଥା ସଂପର୍କୀୟ ବିଶଦ ବିବରଣୀ ବିଷୟରେ ସୂଚନା ପ୍ରଦାନ କରୁଥିବା ଏକ ବିବରଣ-ଖାତା ବା ରେଜିଷ୍ଟର ରଖିବେ ।

୧୩) କମିଟିଗୁଡ଼ିକ ନିଜର କ୍ଷେତ୍ରାଧିକାର ମଧ୍ୟରେ ଥିବା ଜୈବ ସମ୍ପଦ ଏବଂ ସଂଯୁକ୍ତ ଜ୍ଞାନର ବ୍ୟବହାର ନିମନ୍ତେ ବିଭିନ୍ନ ଉଦ୍ଦେଶ୍ୟରେ ବିଭିନ୍ନ ପକ୍ଷଙ୍କୁ କେତେସମୟ ନିମନ୍ତେ ଅନୁମତି ଦେବେ ତାହା ସ୍ଥିର କରିପାରନ୍ତି ଏବଂ ନିଜର କ୍ଷେତ୍ରାଧିକାର ମଧ୍ୟରେ ଆସୁଥିବା ଅଞ୍ଚଳରୁ ବାଣିଜ୍ୟିକ ଉଦ୍ଦେଶ୍ୟରେ ବ୍ୟବହାର କରୁଥିବା ବା ସଂଗ୍ରହ କରୁଥିବା ଜୈବ ସଂପଦ ନିମନ୍ତେ ଯେକୌଣସି ବ୍ୟକ୍ତିଠାରୁ ସଂଗ୍ରହ ମୂଲ୍ୟ ହିସାବରେ ମୂଲ୍ୟ ଆଦାୟ କରିପାରିବେ । ବେସରକାରୀ ଜମି ଚାଷ କରାଯାଇଥିବା କିମ୍ବା ସେଥିରୁ ସଂଗ୍ରହ କରାଯାଇଥିବା ଦ୍ରବ୍ୟ ଉପରେ ବସାଯାଇଥିବା କରର ବେଶୀ ଭାଗ ଜମିର ମାଲିକ, ଚାଷୀ କିମ୍ବା ଜ୍ଞାନ କୁଶଳୀ ବ୍ୟକ୍ତି ବା ବ୍ୟକ୍ତିଗଣଙ୍କୁ ଦିଆଯିବ ଏବଂ ଅବଶିଷ୍ଟ ଅର୍ଥ କମିଟିର ସ୍ଥାନୀୟ ଜୈବ ବିବିଧତା ପାଣ୍ଠିରେ ଜମା କରାଯିବ । ସରକାରୀ ଜମିରୁ ସଂଗ୍ରହ କରାଯାଇଥିବା କିମ୍ବା ସେଥିରେ ଚାଷ କରାଯାଇଥିବା ଦ୍ରବ୍ୟରୁ ଆଦାୟ କରାଯାଇଥିବା ସମସ୍ତ ଶୁଳ୍କ ଜୈବ ବିବିଧତା ପରିଚାଳନା କମିଟିର ସ୍ଥାନୀୟ ଜୈବ ବିବିଧତା ପାଣ୍ଠିରେ ଜମା କରାଯିବ ।

୧୪) ଜୈବ ବିବିଧତା ପରିଚାଳନା କମିଟି ଦ୍ୱାରା ହେଉଥିବା ପ୍ରବେଶାଧିକାର ଓ ମୂଲ୍ୟ ସଂଗ୍ରହର ସର୍ତ୍ତାବଳୀ ସକାଶେ ବୋର୍ଡ୍ ସବିଶେଷ ନିର୍ଦ୍ଦେଶାବଳୀ ଦେବେ ।

୧୫) ଲୋକମାନଙ୍କ ଜୈବ ବିବିଧତା ରେଜିଷ୍ଟରରୁ ତଥ୍ୟ ଉପାଦାନର ଉପଯୋଗ କରି ଜିଲାସ୍ତରୀୟ କମିଟିଗୁଡ଼ିକ ଏକ ଜୈବ ବିବିଧତା ପରିଚାଳନା ଯୋଜନା ପ୍ରସ୍ତୁତ କରିବେ ଏବଂ ଏହାର କାର୍ଯ୍ୟାନ୍ୱୟନରେ ଅଂଶଗ୍ରହଣ କରିବେ ଏବଂ ସେଥିଲାଗି ଦାୟୀ ରହିବେ ।

୧୬) ଯେପରିଭାବେ ସ୍ଥାନୀୟ ସଂଗଠନ ଦ୍ୱାରା ସ୍ଥିର କରାଯାଇଥିବା ବା ବୋର୍ଡ଼୍ ଦ୍ୱାରା ଉଲ୍ଲେଖ କରାଯାଇଥିବ ସେହି ଅନୁସାରେ ସଭ୍ୟ ବିନିମୟ, ନିୟମିତ ସଂଯୋଜନା ବୈଠକ ଏବଂ ସେହିପରି ଅନ୍ୟାନ୍ୟ ଉପାୟ ଜରିଆରେ କମିଟିଗୁଡ଼ିକ ବର୍ତ୍ତମାନର ସ୍ଥାନୀୟ ଅନୁଷ୍ଠାନମାନଙ୍କର କାର୍ଯ୍ୟଧାରା ସହିତ ସମନ୍ୱୟ ରକ୍ଷା କରି କାମ କରୁଛନ୍ତି ବୋଲି ସ୍ଥାନୀୟ ସଂଗଠନମାନେ ନିଶ୍ଚିତ କରିବେ ।

**୨୨. ସ୍ଥାନୀୟ ଜୈବ ବିବିଧତା ପାଣ୍ଠି :**

୧) ସ୍ଥାନୀୟ ସଂଗଠନ ସ୍ତରରେ ସ୍ଥାନୀୟ ଜୈବ ବିବିଧତା ପାଣ୍ଠି ଗଠନ କରାଯିବ । ବୋର୍ଡ଼୍ ଅଧିନିୟମର ଉଦ୍ଦେଶ୍ୟ ସାଧନ ନିମନ୍ତେ ରାଜ୍ୟ ସରକାର, କେନ୍ଦ୍ର ସରକାର କିମ୍ବା କର୍ତ୍ତୃପକ୍ଷଙ୍କ ଠାରୁ ଗ୍ରହଣ କରିଥିବା କୌଣସି ଋଣ କିମ୍ବା ଅନୁଦାନ ସ୍ଥାନୀୟ ସଂଗଠନକୁ ପ୍ରଦାନ କରିବେ । ସ୍ଥାନୀୟ ସଂଗଠନ ମଧ୍ୟ ନିଜେ ଚିହ୍ନଟ କରି କିମ୍ବା ବୋର୍ଡ ଦ୍ୱାରା ନିର୍ଦ୍ଦିଷ୍ଟ କରାଯାଇଥିବା ଅନ୍ୟାନ୍ୟ ସୂତ୍ରରୁ ଏହି ପାଣ୍ଠି ଗ୍ରହଣ କରିପାରିବେ ।

୨) ସଂପୃକ୍ତ ସ୍ଥାନୀୟ ସଂଗଠନର କ୍ଷେତ୍ରାଧିକାର ମଧ୍ୟରେ ଥିବା ଅଞ୍ଚଳର ଜୈବ ବିବିଧତାର ସଂରକ୍ଷଣ ଏବଂ ଉନ୍ନତି ନିମନ୍ତେ ଓ ଜୈବ ବିବିଧତାର ସଂରକ୍ଷଣ ଦିଗରେ ସହାୟକ ହେଉଥିବା ପର୍ଯ୍ୟନ୍ତ ସ୍ଥାନୀୟ ଗୋଷ୍ଠୀର ସୁବିଧା ନିମନ୍ତେ ଏହି ପାଣ୍ଠିର ବ୍ୟବହାର କରାଯିବ ।

୩) ପାଣ୍ଠିକୁ କମିଟି ଦ୍ୱାରା ଅନୁମୋଦିତ ଜାତୀୟ କରଣ ବ୍ୟାଙ୍କ୍ କିମ୍ବା ଅନୁସୂଚିତ ବ୍ୟାଙ୍କ୍‌ରେ ଜମା କରାଯିବ ଏବଂ ମୋହର ଓ ସ୍ୱାକ୍ଷର ଥାଇ କମିଟିର ଅଧ୍ୟକ୍ଷ କିମ୍ବା ଏଥିପାଇଁ କ୍ଷମତାପ୍ରାପ୍ତ କମିଟିର ଅନ୍ୟ କୌଣସି ସଦସ୍ୟଙ୍କ ଦ୍ୱାରା ଜମା ପାଣ୍ଠି ପରିଚାଳିତ ହେବ । କମିଟିମାନଙ୍କ ଦ୍ୱାରା ପାଣ୍ଠିର ପରିଚାଳନା ନିମନ୍ତେ ବୋର୍ଡ଼୍ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରିବେ ।

୪) କମିଟିଗୁଡ଼ିକ ପୂର୍ବ ଆର୍ଥିକବର୍ଷରେ ହୋଇଥିବା କାର୍ଯ୍ୟକଳାପର ସଂପୂର୍ଣ୍ଣ ହିସାବ ପ୍ରଦାନ କରି ସେମାନଙ୍କର ବାର୍ଷିକ ବିବରଣୀ ପ୍ରସ୍ତୁତ କରିବେ ଏବଂ ତାହାର ଏକକିତା ନକଲ ବୋର୍ଡ଼୍‌କୁ ଏବଂ ଆଉ ଏକକିତା ନକଲ ସ୍ଥାନୀୟ ସଂଗଠନର ସାଧାରଣ ସଭାକୁ ପଠାଇବେ ।

୫) ବୋର୍ଡ଼୍ ଯେପରି ସ୍ଥିର କରିବେ ସେହି ଅନୁସାରେ ସ୍ଥାନୀୟ ଜୈବ ବିବିଧତା ପାଣ୍ଠିର ହିସାବ ରଖାଯିବ ଏବଂ ସମୀକ୍ଷା କରାଯିବ ।

**୨୩. ବିବାଦର ସମାଧାନ:**

ବୋର୍ଡ ଏବଂ ଜୈବ ବିବିଧତା ପରିଚାଳନା କମିଟିଗୁଡ଼ିକ ମଧ୍ୟରେ କିମ୍ବା ଜୈବ ବିବିଧତା ପରିଚାଳନା କମିଟିଗୁଡ଼ିକ ମଧ୍ୟରେ ଏବଂ ଜୈବ ବିବିଧତା ପରିଚାଳନା କମିଟି ଓ ସଂପୃକ୍ତ ସ୍ଥାନୀୟ ସଂଗଠନଗୁଡ଼ିକ ମଧ୍ୟରେ ବିବାଦର ସମାଧାନ ନିମନ୍ତେ ବୋର୍ଡ ପ୍ରକ୍ରିୟା ନିର୍ଦ୍ଧାରଣ କରିବେ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**

***ସରକାରଙ୍କ ପ୍ରମୁଖ ଶାସନ ସଚିବ***

**ଜ୍ଞାପକ ସଂଖ୍ୟା ୨୨୪୬୨ / ଏଫ୍ ଏବଂ ଇ, ତାରିଖ ୩.୧୨.୧୨**

ଓଡ଼ିଶା ଗେଜେଟ୍‌ର ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ କରିବା ପାଇଁ ଅନୁରୋଧ କରି ନିର୍ଦ୍ଦେଶକ, ମୁଦ୍ରଣ, ଲିଖନସାମଗ୍ରୀ ଓ ପ୍ରକାଶନ, ଓଡ଼ିଶା, କଟକ-୧୦ଙ୍କ ନିକଟକୁ ଏହି ବିଜ୍ଞପ୍ତିର ଏକ ନକଲ ପ୍ରେରଣ କରାଗଲା। ଭବିଷ୍ୟତ ପ୍ରସଙ୍ଗ ସୂଚନା ନିମନ୍ତେ ଉକ୍ତ ଗେଜେଟ୍ ବିଜ୍ଞପ୍ତିର ୨୦୦ ନକଲ ଜଙ୍ଗଲ ଓ ପରିବେଶ ବିଭାଗକୁ ପଠାଇବା ପାଇଁ ମଧ୍ୟ ତାଙ୍କୁ ଏତଦ୍ୱାରା ଅନୁରୋଧ କରାଯାଉଛି।

***ଅତିରିକ୍ତ ଶାସନ ସଚିବ***

**ଜ୍ଞାପକ ସଂଖ୍ୟା ୨୨୪୬୩ / ଏଫ୍ ଏବଂ ଇ, ତାରିଖ ୩.୧୨.୧୨**

ଅବଗତି ଏବଂ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଏହାର ନକଲ ଓଡ଼ିଶା ଜୈବ ବିବିଧତା ବୋର୍ଡର ସମସ୍ତ ସଭ୍ୟମାନଙ୍କ ନିକଟକୁ ପ୍ରେରଣ କରାଗଲା।

***ଅତିରିକ୍ତ ଶାସନ ସଚିବ***

**ଜ୍ଞାପକ ସଂଖ୍ୟା ୨୨୪୬୪ / ଏଫ୍ ଏବଂ ଇ, ତାରିଖ ୩.୧୨.୧୨**

ଅବଗତି ଏବଂ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଏହାର ନକଲ ଯୁଗ୍ମ ସଚିବ, ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ, ଭାରତ ସରକାର ପର୍ଯ୍ୟାବରଣ ଭବନ, ସିଜିଓ କମ୍ପ୍ଲେକ୍ସ, ଲୋଧି ରୋଡ଼, ନୂଆଦିଲ୍ଲୀ-୧୧୦୦୦୩ / ଅଧ୍ୟକ୍ଷ, ଜାତୀୟ ଜୈବ ବିବିଧତା ପ୍ରାଧିକରଣ, ୪୭୫, ୯ମ ସାଉଥ୍ କ୍ରସ୍ ଷ୍ଟ୍ରୀଟ୍, କପାଳିଶ୍ୱରାର ନଗର, ନାଲଂକରାଇ, ଚେନ୍ନାଇ-୬୦୦୦୪୧ ତାମିଲ୍‌ନାଡୁଙ୍କ ନିକଟକୁ ପ୍ରେରଣ କରାଗଲା।

***ଅତିରିକ୍ତ ଶାସନ ସଚିବ***

**ଜ୍ଞାପକ ସଂଖ୍ୟା ୨୨୪୬୫ / ଏଫ୍ ଏବଂ ଇ ତାରିଖ ୩.୧୨.୧୨**

ସଂପୃକ୍ତ ସମସ୍ତଙ୍କର ବ୍ୟାପକ ଅବଗତି ନିମନ୍ତେ ଅଧିସୂଚନାକୁ ୱେବ୍‌ସାଇଟ୍ ଦ୍ୱାରା ପ୍ରକାଶ କରିବା ପାଇଁ ଅନୁରୋଧ କରି ତାହାର ସଫ୍ଟ କପି ସହିତ ମୂଳ ନକଲକୁ ବାଣିଜ୍ୟ ବିଭାଗ, ଓଡ଼ିଶା ସଚିବାଳୟର ଦାୟିତ୍ୱରେ ଥିବା ଗେଜେଟ୍ ସେଲ୍ ନିକଟକୁ ପଠାଇ ଦିଆଗଲା।

***ଅତିରିକ୍ତ ଶାସନ ସଚିବ***

**ଜ୍ଞାପକ ସଂଖ୍ୟା ୨୨୪୬୬ / ଏଫ୍ ଏବଂ ଇ ତା.୩.୧୨.୧୨** ଗାର୍ଡ ଫାଇଲ୍‌କୁ ୧୦ଟି ନକଲ ଦିଆଗଲା।

***ଅତିରିକ୍ତ ଶାସନ ସଚିବ***

**ଜ୍ଞାପକ ସଂଖ୍ୟା ୨୨୪୬୭ / ଏଫ୍ ଏବଂ ଇ ତାରିଖ ୩.୧୨.୧୨**

ଏହାର ନକଲ ଓଆଇସି, ରାଜ୍ୟ ପୋର୍ଟାଲ, ଏନ୍ଆଇସି, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗ, ଓଡ଼ିଶା ସଚିବାଳୟ, ଭୁବନେଶ୍ୱରଙ୍କ ଅବଗତି ଏବଂ ସଂପୃକ୍ତ ସମସ୍ତଙ୍କ ଅବଗତି ନିମନ୍ତେ ଏଫ୍.ଓ.ଇ ବିଭାଗର ୱେବ୍‌ସାଇଟ୍‌ରେ ଆବଶ୍ୟକ ଅପ୍‌ଲୋଡ଼ କରିବା ନିମନ୍ତେ ପ୍ରେରଣ କରାଗଲା ।

***ଅତିରିକ୍ତ ଶାସନ ସଚିବ***

**ଜ୍ଞାପକ ସଂଖ୍ୟା ୨୨୪୬୮ / ଏଫ୍ ଏବଂ ଇ ତାରିଖ ୩.୧୨.୧୨**

ଏହାର ନକଲ ପିସିସିଏଫ୍, ଓଡ଼ିଶା ଭୁବନେଶ୍ୱର / ପିସିସିଏଫ୍ (ଡବ୍ଲ୍ୟୁଏଲ୍) ଏବଂ ସିଡବ୍ଲ୍ୟୁଏଲ୍ ଡବ୍ଲ୍ୟୁ, ଓଡ଼ିଶାଙ୍କ ଅବଗତି ଏବଂ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

***ଅତିରିକ୍ତ ଶାସନ ସଚିବ***

**ଜ୍ଞାପକ ସଂଖ୍ୟା ୨୨୪୬୯ / ଏଫ୍ ଏବଂ ଇ ତାରିଖ ୩.୧୨.୧୨**

ଏହାର ନକଲ ସମସ୍ତ ସିସିଏଫ୍ / ସମସ୍ତ ସିଏଫ୍ / ସମସ୍ତ ଡିଏଫ୍‌ଓଙ୍କୁ ଅବଗତି ଏବଂ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

***ଅତିରିକ୍ତ ଶାସନ ସଚିବ***

**ଜ୍ଞାପକ ସଂଖ୍ୟା ୨୨୪୭୦ / ଏଫ୍ ଏବଂ ଇ ତାରିଖ ୩.୧୨.୧୨**

ଏହାର ନକଲ ସରକାରଙ୍କର ସମସ୍ତ ବିଭାଗ / ସମସ୍ତ ଜିଲାପାଳଙ୍କ ଅବଗତି ଏବଂ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

***ଅତିରିକ୍ତ ଶାସନ ସଚିବ***

**ଜ୍ଞାପକ ସଂଖ୍ୟା ୨୨୪୭୧ / ଏଫ୍ ଏବଂ ଇ ତାରିଖ ୩.୧୨.୧୨**

ଏହାର ନକଲ ଜଙ୍ଗଲ ଓ ପରିବେଶ ବିଭାଗର ସମସ୍ତ ଉପବିଭାଗଙ୍କୁ ଅବଗତି ଏବଂ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

***ଅତିରିକ୍ତ ଶାସନ ସଚିବ***

**ପରିଶିଷ୍ଟ-୧**

## ଫର୍ମ-୧
## (ନିୟମ ୧୫(୧) ଦ୍ରଷ୍ଟବ୍ୟ)

ବାଣିଜ୍ୟିକ ବ୍ୟବହାର ଏବଂ ସହାୟକ ପାରମ୍ପରିକ ଜ୍ଞାନ ଉଦ୍ଦେଶ୍ୟରେ ଜୈବ ସଂପଦର ପ୍ରବେଶାଧିକାର ଓ ସଂଗ୍ରହ କୌଶଳ ପାଇଁ ସୂଚନା ଫର୍ମ

**ଭାଗ-କ**

**୧. ଆବେଦନକାରୀଙ୍କ ସଂପୂର୍ଣ୍ଣ ବିବରଣୀ :**

(i) ନାମ

(ii) କେଉଁ ପ୍ରକାରର ଆବେଦନକାରୀ : ବ୍ୟକ୍ତିଗତ / ଭାଗିଦାରୀ / କମ୍ପାନୀ / ସମିତି / ନ୍ୟାସ ବା ଟ୍ରଷ୍ଟି

(iii) ଜାତୀୟତା

(iv) ସ୍ଥାୟୀ ଠିକଣା

(v) ଫୋନ୍ ନମ୍ବର / ଫ୍ୟାକ୍ସ ନମ୍ବର

(vi) ଇ-ମେଲ୍

(vii) ଆବେଦନକାରୀଙ୍କ ବର୍ତ୍ତମାନ ଠିକଣା / କମ୍ପାନୀ / ସଂସ୍ଥାମାନଙ୍କ / ସମିତିମାନଙ୍କ କ୍ଷେତ୍ରରେ ପଞ୍ଜୀକୃତ କାର୍ଯ୍ୟାଳୟର ଠିକଣା

(viii) ସଂଗଠନର ସାର-ବିବରଣୀ (ଆବେଦନକାରୀ ଜଣେ ବ୍ୟକ୍ତି ହୋଇଥିଲେ ବ୍ୟକ୍ତିଗତ ସାର-ବିବରଣୀ) (ଦୟାକରି ପ୍ରାସଙ୍ଗିକ ଅଧିପ୍ରମାଣ ଦସ୍ତାବିଜ୍ ସଂଯୋଗ କରନ୍ତୁ)

(ix) ବ୍ୟବସାୟର ପ୍ରକାର

(x) ଆବେଦନକାରୀ ସଂଗଠନର କାରବାର ପରିମାଣ, ଟଙ୍କା ହିସାବରେ

**୨. କେଉଁପ୍ରକାର ପ୍ରବେଶ ଅନୁମତି ପାଇଁ ଆବେଦନ କରାଯାଇଛି ସେହି ବିଷୟରେ ଏବଂ ବ୍ୟବହାର କରାଯିବାକୁ ଥିବା ଜୈବ ପଦାର୍ଥ କିମ୍ବା ସହାୟକ ଜ୍ଞାନ କୌଶଳ ବିଷୟରେ ସବିଶେଷ ବିବରଣୀ ଏବଂ ସ୍ୱତନ୍ତ୍ର ସୂଚନା :**

କ) ଜୈବ ସଂପଦଗୁଡ଼ିକର ଚିହ୍ନଟୀକରଣ (ବୈଜ୍ଞାନିକ ନାମ, ସ୍ଥାନୀୟ ନାମ ଏବଂ ବାଣିଜ୍ୟିକ ନାମ) ଏବଂ ଏହାର ପାରମ୍ପରିକ ବ୍ୟବହାର

ଖ) ପ୍ରସ୍ତାବିତ ସଂଗ୍ରହର ଭୌଗୋଳିକ ଅବସ୍ଥିତି (ଗ୍ରାମ, ଗ୍ରାମ ପଞ୍ଚାୟତ ଏବଂ ଜିଲା ସମେତ)

ଗ) ବର୍ଣ୍ଣନା / ପାରମ୍ପରିକ ଜ୍ଞାନକୌଶଳର ପ୍ରକାର ଏବଂ ଏହାର ପ୍ରଚଳିତ ପରିପ୍ରକାଶ ଓ ବ୍ୟବହାର (ମୌଖିକ / ଦସ୍ତାବିଜ୍ ଆକାରରେ)

ଘ) ପାରମ୍ପରିକ ଜ୍ଞାନ-କୌଶଳ ଥାଇ ଚିହ୍ନଟ କରାଯାଇଥିବା କୌଣସି ବ୍ୟକ୍ତି / ପରିବାର / ଗୋଷ୍ଠୀ

ଙ) ସଂଗ୍ରହ କରାଯିବାକୁ ଥିବା ଜୈବ ସଂପଦର ପରିମାଣ

ଚ) ଜୈବ ସଂପଦ ସଂଗ୍ରହ କରିବା ନିମନ୍ତେ ପ୍ରସ୍ତାବିତ ସମୟସୀମା

ଛ) ସଂଗ୍ରହ କରିବା ନିମନ୍ତେ କମ୍ପାନୀ ଦ୍ୱାରା କ୍ଷମତାପ୍ରାପ୍ତ ହୋଇ ବ୍ୟକ୍ତିଙ୍କ ନାମ ଓ ସଂଖ୍ୟା

ଜ) ଗବେଷଣା, ସଂଗ୍ରହ କରୁଥିବା ଏବଂ ସେଠାରୁ ସଂଗ୍ରହ କରିବା ପାଇଁ ଆଶା କରିଥିବା ବ୍ୟବସାୟିକ ଦ୍ରବ୍ୟ ଆଦିର ପ୍ରକାର ଓ ପରିମାଣ ସହିତ ଆବେଦନ କରାଯାଇଥିବା ପ୍ରବେଶାଧିକାରର ଉଦ୍ଦେଶ୍ୟ

ଙ)	ସଂପଦର କୌଣସି ସଂଗ୍ରହ କିମ୍ବା ବ୍ୟବହାର ଜୈବ ବିବିଧତାର କୌଣସି ଅଂଶକୁ ବିପଦରେ ପକାଉଛି କି ଏବଂ ପ୍ରବେଶ ଅନୁମତି ଦ୍ୱାରା କୌଣସି ବିପଦର ଆଶଙ୍କା ରହିଛି କି

**୩.	ଅନୁମତିପ୍ରାପ୍ତ ଜୈବ ସଂପଦ ଏବଂ ପାରମ୍ପରିକ ଜ୍ଞାନକୌଶଳର ଉପଯୋଗ ଦ୍ୱାରା ଗୋଷ୍ଠୀଗୁଡ଼ିକୁ ମିଳିବାକୁଥିବା ସୁବିଧାଗୁଡ଼ିକର ଅଟକଳ ।**

**୪.	ସୁବିଧାଗୁଡ଼ିକର ବଣ୍ଟନ କରିବା ନିମନ୍ତେ ପ୍ରସ୍ତାବିତ କାର୍ଯ୍ୟପ୍ରଣାଳୀ ଏବଂ ବ୍ୟବସ୍ଥା**

**୫.	ଅନ୍ୟ ଯେକୌଣସି ସୂଚନା**

**ଭାଗ-ଖ**

**ଘୋଷଣା**

ମୁଁ / ଆମ୍ଭେମାନେ ଘୋଷଣା କରୁଛୁ ଯେ:

- ଆବେଦନକାରୀ ଭାରତର ଜଣେ ନିବାସୀ ନାଗରିକ, ଏହାର ଅଂଶଧନ ପରିଚାଳନାରେ ତାଙ୍କର କୌଣସି ଅଣ-ଭାରତୀୟ ଅଂଶଗ୍ରହଣ ନାହିଁ ଏବଂ ସେ ଜୈବ ବିବିଧତା ଅଧିନିୟମ, ୨୦୦୨ର ଧାରା ୩ର ଉପଧାରା ୨ର ଖଣ୍ଡ (କ) ରୁ (ଗ)ରେ ଉଲ୍ଲେଖ କରାଯାଇଥିବା କୌଣସି ବର୍ଗର ଅନ୍ତର୍ଭୁକ୍ତ ନୁହନ୍ତି ।
- ପ୍ରସ୍ତାବିତ ଜୈବ ସଂପଦଗୁଡ଼ିକର ସଂଗ୍ରହ ଏବଂ ବ୍ୟବହାର ସେହି ସଂପଦଗୁଡ଼ିକର ଦୀର୍ଘସ୍ଥାୟୀ ପୋଷଣୀୟତା ଉପରେ କୌଣସି ପ୍ରତିକୂଳ ପ୍ରଭାବ ପକାଇବ ନାହିଁ ।
- ପ୍ରସ୍ତାବିତ ଜୈବ ସଂପଦଗୁଡ଼ିକର ସଂଗ୍ରହ ଏବଂ ବ୍ୟବହାର କୌଣସି ପରିବେଶଗତ କୁପ୍ରଭାବ ପକାଇବ ନାହିଁ ।
- ପ୍ରସ୍ତାବିତ ଜୈବ ସଂପଦଗୁଡ଼ିକର ସଂଗ୍ରହ ଏବଂ ବ୍ୟବହାର ଜୈବ-ପରିବେଶ, ଜୈବ ପ୍ରଜାତି ଏବଂ ଆନୁବଂଶିକ ବିବିଧତା ସହିତ ଜୈବ ବିବିଧତା ପ୍ରତି କୌଣସି ବିପଦ ସୃଷ୍ଟି କରିବ ନାହିଁ ।
- ପ୍ରସ୍ତାବିତ ଜୈବ ସଂପଦଗୁଡ଼ିକର ସଂଗ୍ରହ ଏବଂ ବ୍ୟବହାର ସ୍ଥାନୀୟ ଗୋଷ୍ଠୀଗୁଡ଼ିକ ଉପରେ କୌଣସି ପ୍ରତିକୂଳ ପ୍ରଭାବ ପକାଇବ ନାହିଁ ।
- ମୁଁ / ଆମ୍ଭେମାନେ ଅଙ୍ଗୀକାର କରୁଛୁ ଯେ, ବୋର୍ଡ୍ କିମ୍ବା ବିଏମ୍‌ସି ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଯେକୌଣସି ଫିସ୍ ଏବଂ/କିମ୍ବା ରୟାଲ୍‌ଟି ପ୍ରଦାନ କରିବୁ । ମୁଁ / ଆମ୍ଭେମାନେ ପୁନଶ୍ଚ ଅଙ୍ଗୀକାର କରୁଛୁ ଯେ, ବୋର୍ଡ୍ ଦ୍ୱାରା ବିହିତ ହେବାମାତ୍ରେ କୌଣସି ଅସୁଲ ଅଯୋଗ୍ୟ ବ୍ୟାଙ୍କ୍ ପ୍ରତିଭୂତି ଦାଖଲ କରିବୁ ।
- ମୁଁ / ଆମ୍ଭେମାନେ ପୁନଶ୍ଚ ଘୋଷଣା କରୁଛୁ ଯେ, ଆବେଦନ ଫର୍ମରେ ଦିଆଯାଇଥିବା ସୂଚନା ସତ୍ୟ ଏବଂ ସଠିକ ଏବଂ ମୁଁ / ଆମ୍ଭେମାନେ କୌଣସି ଅସତ୍ୟ / ଭୁଲ୍ ସୂଚନା ନିମନ୍ତେ ଦାୟୀ ହେବୁ ।

ସ୍ୱାକ୍ଷର: ——————————————

ସ୍ଥାନ: ——————————————

ନାମ: ——————————————

ତାରିଖ: ——————————————